RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-151 ♦THURSDAY ♦27 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୫୧ ♦ଗୁରୁବାର ♦୨୭ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




ବିଳମ୍ବ ହେବ 'ରାମାୟଣ ୨'

▶ପୃଷ୍ଠା ୨ ଦେଖନ୍ତୁ...

## ଭାରତ ଆୟୋଜନ କରିବ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

■ ନୂଆଦିଲ୍ଲୀ, ୨୬ା୧୧ (ଏଜେନ୍ସି): ଭାରତୀୟ କ୍ରୀଡ଼ାବିତ ଓ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖୁସି ଖବର। ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳିଛି। ବୁଧବାର ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା କାର୍ଯ୍ୟକାରୀ ବୋର୍ଡ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ଅହମଦାବାଦକୁ ହୋଷ୍ଟ ସିଟି ଅର୍ଥାତ ଆୟୋଜକ ସହର ଭାବେ ଘୋଷିତ କରାଯାଇଛି। ଦୀର୍ଘ ୨୦ ବର୍ଷ ପରେ ଭାରତ ଏହି ମେଗା ଇଭେଣ୍ଟର ୨୪ତମ ସଂସ୍କରଣ ଆୟୋଜନ କରିବାକୁ ଯାଉଛି। ୨୦୩୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନର ୧୦୦ ବର୍ଷ ପୂରଣ ହେବ। ତେଣୁ ଭାରତକୁ ଆୟୋଜନ ଅଧିକାର ମିଳିବାର ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ ଯେ, ୧୯୩୦ରେ କାନାଡ଼ାର ହାମିଲ୍‌ଟନ୍ ସହରରେ ପ୍ରଥମଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜିତ ହୋଇଥିଲା। ଗ୍ଲାସ୍‌ଗୋରେ ଭାରତୀୟ ପ୍ରତିନିଧିମଣ୍ଡଳୀ ତରଫରୁ ଯୁଗ୍ମ କ୍ରୀଡ଼ା ସଚିବ କୁନାଲ କେ, ଆଇଓଏ ଅଧକ୍ଷା ପିଟି ଉଷା, ଆଇଓଏ ମୁଖ୍ୟ ▶ପୃଷ୍ଠା-୭

## ଓଡ଼ିଆ ସମେତ ୯ଟି ଭାଷାରେ ସମ୍ବିଧାନ ଜାରି କଲେ ରାଷ୍ଟ୍ରପତି



■ ନୂଆଦିଲ୍ଲୀ, ୨୬ା୧୧ (ଏଜେନ୍ସି): ସଂସଦର ସେଣ୍ଟ୍ରାଲ ହଲ୍‌ରେ ବୁଧବାର ୧୫୦ତମ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବିଧାନକୁ ଓଡ଼ିଆ ସମେତ ୯ଟି ଭାଷାରେ ଜାରି କରିଥିଲେ। ଓଡ଼ିଆ, ମାଲାୟଲମ୍, ମରାଠି, ନେପାଳୀ, ପଞ୍ଜାବୀ, ବୋଡୋ, କଶ୍ମୀରୀ, ତେଲୁଗୁ ଓ ଆସାମ ଭାଷାରେ ସମ୍ବିଧାନ ଜାରି କରାଯାଇଛି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, 'ତିନ୍ ତଲାକ' ଭଳି ସାମାଜିକ କୁରୀତିକୁ ହଟାଇବା ସହ ସଂସଦ ଐତିହାସିକ ପଦକ୍ଷେପ ନେଇଥିଲା। ସେହିପରି ସ୍ୱାଧୀନତା ପରେ ଜିଏସ୍‌ଟିରେ ସର୍ବବୃହତ ସୁଧାର ଅଣାଯାଇଛି ଓ ଏହା ଦେଶକୁ ଆର୍ଥିକ ଭାବେ ଏକାଠି କରିବା ସହ ମଜବୁତ କରିଛି। ସମ୍ବିଧାନର ଧାରା ୩୭୦ ହଟାଇବା ପରେ ଦେଶର ରାଜନୈତିକ ଏକତାରେ ଅସୁଥିବା ବାଧା ଦୂର ହୋଇଛି। ସେହିପରି ନାରୀ ଶକ୍ତି ବନ୍ଧନ ଆଇନ ମହିଳାଙ୍କ ନେତୃତ୍ୱର ବିକାଶରେ ନୂଆ ପ୍ରାରମ୍ଭ ପ୍ରଦାନ କରିଛି ବୋଲି ସେ କହିଥିଲେ। ଏହି ଅବସରରେ ରାଷ୍ଟ୍ରପତି ସମ୍ବିଧାନର ପ୍ରସ୍ତାବନା ମଧ୍ୟ ପାଠ କରିଥିଲେ।

# ଆଜିଠାରୁ ଶୀତ ଅଧିବେଶନ

### ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ହାତରେ ଅସରନ୍ତି ପ୍ରସଙ୍ଗ
### ସମସ୍ତ ପ୍ରସଙ୍ଗର ମୁକାବିଲା କରିବାକୁ ଶାସକ ଦଳର ଦମ୍ଭୋକ୍ତି

■ ଭୁବନେଶ୍ୱର, ୨୬ା୧୧ (ସମିସ): ଆସନ୍ତାକାଲିଠାରୁ ଆରମ୍ଭ ହେବ ସପ୍ତଦଶ ବିଧାନସଭାର ପଞ୍ଚମ ତଥା ଶୀତ ଅଧିବେଶନ। ଅଧିବେଶନ ପୂର୍ବରୁ ବୁଧବାର ଉଭୟ ଶାସକ ଏବଂ ବିରୋଧୀ ଦଳ ପକ୍ଷରୁ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ବିରୋଧୀ ବିଜେଡି ଓ କଂଗ୍ରେସ ନିଜ ନିଜ ବିଧାୟକ ଦଳ ବୈଠକରେ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ଏପଟେ ଶାସକ ଦଳ ମଧ୍ୟ ବିରୋଧୀଙ୍କ ମୁକାବିଲା ପାଇଁ ବ୍ୟାପକ ମାନସମନ୍ଥନ କରିଥିବା

#### ସହଯୋଗ ଲୋଡ଼ିଲେ ବାଚସ୍ପତି



ବେଳେ ଗୃହରେ ପ୍ରଦର୍ଶନ ନେଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜେପି ସଭାପତି ନିଜ ନିଜର ବିଧାୟକଙ୍କୁ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ତେବେ ବିରୋଧୀଙ୍କ ହାତରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଥିବା ଓ ପୂର୍ବାପେକ୍ଷା ସରକାରଙ୍କୁ ଆହୁରି ଶାଣିତ ଆକ୍ରମଣ କରାଯିବ ବୋଲି ଦୁଇ ବିରୋଧୀଦଳଙ୍କ ଘୋଷଣା ଅଧିବେଶନକୁ ସରଗରମ କରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ବିରୋଧୀଙ୍କ ତୀବ୍ର ବିରୋଧ ଓ ପ୍ରତିବାଦ ଯୋଗୁଁ ଗତ ମୌସୁମୀ ଅଧିବେଶନ ଧୋଇ ଯାଇଥିବାବେଳେ ଶୀତ ଅଧିବେଶନରେ ବିଧାନସଭା ଉଷ୍ମ ରହିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ଅଧିବେଶନର ପ୍ରଥମ ଦିନରେ ▶ପୃଷ୍ଠା-୭

## ଅପରାହ୍ଣରେ ରାଷ୍ଟ୍ରପତିଙ୍କ ସମ୍ବୋଧନ



■ ଭୁବନେଶ୍ୱର, ୨୬ା୧୧ (ସମିସ): ବିଧାନସଭାର ଶୀତକାଳୀନ ଅଧିବେଶନକୁ ସମ୍ବୋଧିତ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି(ଗୁରୁବାର) ଦୁଇ ଦିନିଆ ଗସ୍ତରେ ଓଡ଼ିଶା ଆସୁଛନ୍ତି। ବିଧାନସଭାର ଏହି ଐତିହାସିକ ଦିବସ ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପୂର୍ବ ପ୍ରସ୍ତୁତି ଶେଷ ହୋଇଛି।

ବିଧାନସଭା ସଚିବାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଷ୍ଟ୍ରପତି ୧୧ଟା ୫୦ରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ବାହାରିବେ। ଅପରାହ୍ଣ ୨ଟାରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରି ରାଜଭବନରେ ପହଞ୍ଚିବେ। ମଧ୍ୟାହ୍ନ ବିରତି ପରେ ରାଷ୍ଟ୍ରପତି ଅପରାହ୍ଣ ୪ଟାରେ ରାଜଭବନସ୍ଥିତ ନୂଆ କଳିଙ୍ଗ ଅତିଥି ନିବାସ ଗୃହକୁ ଉଦ୍‌ଘାଟନ କରିବେ। ଅପରାହ୍ଣ ୪ଟା ୨୦ରେ ସେ ଓଡ଼ିଶା ବିଧାନସଭାରେ ପହଞ୍ଚିବେ। ▶ପୃଷ୍ଠା-୭

### ସିଏଜିଙ୍କ ବଡ଼ ନିଷ୍ପତ୍ତି

## ପ୍ରତି ଟଙ୍କାର ହିସାବ ଦେବେ ରାଜ୍ୟ

■ ନୂଆଦିଲ୍ଲୀ, ୨୬ା୧୧ (ଏଜେନ୍ସି): ଆସନ୍ତା ୨୦୨୭-୨୮ ଆର୍ଥିକ ବର୍ଷରୁ ସାରା ଦେଶର ସବୁ ରାଜ୍ୟ ପାଇଁ କାର୍ଯ୍ୟକାରୀ ହେବ ଖର୍ଚ୍ଚ ବର୍ଗୀକରଣର ସମାନ ମାନଦଣ୍ଡ। ଏହା ସହିତ ଚଳିତ ଆର୍ଥିକ ବର୍ଷରୁ ଦେଶର ସମସ୍ତ ରାଜ୍ୟ ସେମାନଙ୍କର ଆୟ ଓ ବ୍ୟୟ ବିବରଣୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଡିଜିଟାଲ ମାଧ୍ୟମରେ ଦେଶର ମହାଲେଖା ନିୟନ୍ତ୍ରକ ଓ ମହା ସମୀକ୍ଷକ(ସିଏଜି)ଙ୍କ ନିକଟରେ ଦାଖଲ କରିବାକୁ ପଡ଼ିବ। ରାଜ୍ୟଗୁଡ଼ିକରେ ଆର୍ଥିକ ସ୍ୱଚ୍ଛତା ଆଣିବା ଏବଂ ସେମାନଙ୍କର ରାଜସ୍ୱ ଓ ବ୍ୟୟ ହିସାବ ପଦ୍ଧତିକୁ ଉନ୍ନତ କରିବା ପାଇଁ ସିଏଜି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି।

ସିଏଜିର ଡେପୁଟି କଣ୍ଟ୍ରୋଲର ଜେନେରାଲ ଜୟନ୍ତ ସିହ୍ନା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ବିଭିନ୍ନ ରାଜ୍ୟ ନିଜ ନିଜ ଉପାୟରେ ଖର୍ଚ୍ଚ ଏବଂ ରାଜସ୍ୱର ବର୍ଗୀକରଣ କରିଥା'ନ୍ତି। ଯାହାଫଳରେ ଗୋଟିଏ ରାଜ୍ୟର ଆର୍ଥିକ ସ୍ଥିତି ଅନ୍ୟ ରାଜ୍ୟ କିମ୍ବା କେନ୍ଦ୍ର ସହିତ ତୁଳନା କରିବା ବହୁତ କଷ୍ଟକର ହୋଇପଡ଼େ।

#### ଡିଜିଟାଲ ମାଧ୍ୟମରେ ନିର୍ଦ୍ଧାରିତ ଅବଧିରେ ଦେବାକୁ ହେବ ହିସାବ
#### ୨୦୨୭-୨୮ରୁ ଖର୍ଚ୍ଚ ବର୍ଗୀକରଣ ନିମନ୍ତେ ହେବ ସମାନ ମାନଦଣ୍ଡ

ଏହି ଅଭାବକୁ ଦୂର କରିବା ପାଇଁ ଚଳିତ ମାସ ୧୧ ତାରିଖରେ ଜାରି ହୋଇଥିବା ଏକ ବିଜ୍ଞପ୍ତିରେ ସମସ୍ତ ୨୮ଟି ରାଜ୍ୟ ଏବଂ ବିଧାନସଭା ଥିବା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୨୦୨୭-୨୮ ଆର୍ଥିକ ବର୍ଷରୁ ସମାନ ବିସ୍ତୃତ ଖର୍ଚ୍ଚ ▶ପୃଷ୍ଠା-୭

### ବିଧାୟକ ଦଳ ବୈଠକରେ ନବୀନଙ୍କ ଉଦ୍‌ବେଗ

## ରାଜ୍ୟରେ ନାରୀ ନିର୍ଯାତନା ପୀଡ଼ାଦାୟକ



#### ରାଜ୍ୟରେ ସାଂପ୍ରଦାୟିକ ଉତ୍ତେଜନା ବୃଦ୍ଧି ବେଦନାଦାୟକ
#### ତ୍ରୁଟିଶୂନ୍ୟ ହୋଇ ପାରିନାହିଁ ଗୋଟିଏ ବି ନିଯୁକ୍ତି ପରୀକ୍ଷା
#### ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ବିଜେଡି ହେବ ଓଡ଼ିଶାବାସୀଙ୍କ ସ୍ୱର

■ ଭୁବନେଶ୍ୱର, ୨୬ା୧୧ (ସମିସ): ବିଧାନସଭା ଶୀତ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଲୋକଙ୍କ ବିଭିନ୍ନ ସମସ୍ୟା ଏବଂ ସରକାରଙ୍କ ଅପାରଗତାକୁ ବିଜେଡି ଶାଣିତ ସ୍ୱରରେ ଗୃହରେ ଉପସ୍ଥାପନ କରିବ। ଆଇନଶୃଙ୍ଖଳା, ନାରୀ ନିର୍ଯାତନା, ସାଂପ୍ରଦାୟିକ ଉତ୍ତେଜନା, ଚାଷୀଙ୍କ ସମସ୍ୟା, ନିଯୁକ୍ତି ଜାଲିଆତି ପ୍ରସଙ୍ଗରେ ସରକାରଙ୍କଠାରୁ ଦଳ ଜବାବ୍ ମାଗିବ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକରେ ଏପରି ନିଷ୍ପତ୍ତି ନିଆଯାଇଛି। ପ୍ରମୁଖ ବିରୋଧୀ ଦଳ ଭାବେ ପ୍ରତିଟି ବିଧାୟକ ଗୃହରେ ସାଧାରଣ ଲୋକଙ୍କ ସ୍ୱର ସାଜିବାକୁ ନବୀନ ଦଳୀୟ ବିଧାୟକଙ୍କୁ ପରାମର୍ଶ ଦେଇଛନ୍ତି।

ବୁଧବାର ସନ୍ଧ୍ୟାରେ ଶଙ୍ଖ ଭବନରେ ଅନୁଷ୍ଠିତ ବୈଠକରେ ରାଜ୍ୟର ସାଂପ୍ରତିକ ରାଜନୈତିକ ପରିସ୍ଥିତି ଓ ଲୋକଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଦଳର ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ ଯେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡିଛି। ମହିଳାମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ କେନ୍ଦୁଝର ସଦରଠାରୁ ଆରମ୍ଭ କରି ଖୋର୍ଦ୍ଧା, ବାଘମାରୀ ଓ କଟକ ▶ପୃଷ୍ଠା-୭

### ୧ରୁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର
## ଦର୍ଶନ ପାଇଁ ୧୦ ଟଙ୍କା

■ ପୁରୀ, ୨୬ା୧୧ (ସମିସ): ଭକ୍ତଙ୍କ ପାଇଁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର। ମହାପ୍ରଭୁଙ୍କ ଜନ୍ମବେଦୀକୁ ବର୍ଷତମାମ୍ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ। ଏ ନେଇ ବୁଧବାର ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ଭକ୍ତମାନଙ୍କ ପାଇଁ ଟିକଟ୍ ମୂଲ୍ୟ ୧୦ ଟଙ୍କା ରଖାଯାଇଛି। କିନ୍ତୁ ୫ ବର୍ଷରୁ କମ୍, ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ କୌଣସି ଟିକଟ ଲାଗିବ ନାହିଁ। କାଉଣ୍ଟର୍‌ରେ କମ୍ପ୍ୟୁଟରୀକୃତ ଟିକଟ ବ୍ୟବସ୍ଥା କରାଯିବ।



#### ୫ ବର୍ଷରୁ କମ୍, ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ଦିବ୍ୟାଙ୍ଗଙ୍କୁ ଟିକଟ୍ ପଡ଼ିବନି

ଆଡ଼ପ ମଣ୍ଡପ ଦର୍ଶନ ପାଇଁ ସିଂହଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି। ସେହିପରି ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ କାଠ ରାମ୍ପ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି।

ଅପରାହ୍ଣରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଶ୍ରୀ ପରିଡ଼ାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରି ପ୍ରସ୍ତୁତିର ଅନୁଧ୍ୟାନ କରିଥିଲେ। ▶ପୃଷ୍ଠା-୭



### ପୁଅ ବାହାଘର ଦିନ ବାପାର ଦୁଃଖଦ ମୃତ୍ୟୁ
## ଚାପିଦେଲା ରୋଶଣୀ ଗାଡ଼ି

■ ବଲାଙ୍ଗିର, ୨୬ା୧୧ (ସମିସ): ବାଣୁଆ ଗୋଟିଏ ପରେ ଗୋଟିଏ ବାଣ ମାରି ଆକାଶ ରଙ୍ଗିନ କରି ଦେଉଥିଲା। ଅର୍କେଷ୍ଟ୍ରା ପାର୍ଟିଙ୍କ ହିଟ୍ ଗୀତ ସାଙ୍ଗକୁ ବରଯାତ୍ରୀଙ୍କ ନାଚରେ ଦାଣ୍ଡ ଦୁଲୁକି ଉଠୁଥିଲା। କିନ୍ତୁ, ରୋଶଣୀ ଗାଡ଼ି ଧକ୍କାରେ ବରପିତାଙ୍କ ମୃତ୍ୟୁ ହୋଇଯିବାରୁ କ୍ଷଣିକରେ ସବୁ ଓଲଟପାଲଟ ହୋଇଗଲା। ଖୁସିର ପରିବେଶ ଶୋକର ମାହୋଲରେ ପରିଣତ ହୋଇଗଲା।

ବଲାଙ୍ଗିର ଜିଲ୍ଲା ମଣ୍ଡଳରେ ମଙ୍ଗଳବାର ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ବଲାଙ୍ଗିର ସଦର ଥାନା ଆମପାଲି ଗାଁର ଚୈତନ୍ୟ ବାଗ। ଗୋଟିଏ ପଟେ ପୁଅ ନବବଧୂର ହାତ ଧରି ଘରକୁ ଫେରିଥିବା ବେଳେ ଅନ୍ୟପଟେ ବାପା ଚୈତନ୍ୟଙ୍କ ଜୁଇ ଜଳିଛି।



ସୂଚନାନୁଯାୟୀ, ମଣ୍ଡଳ ଗାଁରେ ଚୈତନ୍ୟଙ୍କ ପୁଅ ଦୁଃଖୀଶ୍ୟାମଙ୍କ ବିବାହ ସ୍ଥିର ହୋଇଥିଲା। ବରପକ୍ଷ ମଣ୍ଡଳ ଗାଁରେ ବେଶ୍ ଆଡ଼ମ୍ବର ସହ ପହଞ୍ଚିଥିଲେ। ଜଳପାନ ପରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି ସମୟରେ ବରଯାତ୍ରୀ ରୋଶଣୀ ଗାଡ଼ି ହଠାତ ଦୁଇଜଣଙ୍କୁ ଧକ୍କା ଦେଇଥିଲା। ଏହି ଧକ୍କାରେ ଦୁଃଖୀଶ୍ୟାମଙ୍କ ବାପା ଚୈତନ୍ୟଙ୍କ ମୃତ୍ୟୁ ଘଟିଥିଲା। ରୋଶଣୀ ଗାଡ଼ି ଧକ୍କାରେ ଆଉ ଜଣେ ବରଯାତ୍ରୀ ମଧ୍ୟ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଉଭୟ ଆମପାଲି ଓ ମଣ୍ଡଳ ଗାଁରେ ଶୋକର ଛାୟା ଖେଳିଯାଇଛି।




ସଫଳତାର ସ୍ୱପ୍ନପଥେ...

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

ତା. ୨୭ ନଭେମ୍ବର, ୨୦୨୫

୧. ପାରିପାର୍ଶ୍ୱିକ ପରିବେଶର ଉନ୍ନତି ପାଇଁ ସବୁଜଶକ୍ତି ଓ ଅଙ୍ଗାରକ ଉତ୍ସର୍ଜନର ହ୍ରାସ ଦିଗରେ ଯୋଜନା।
୨. ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ ଇ-ଯାନର ବ୍ୟବସ୍ଥା।
୩. ଭାରତୀୟ ଜ୍ଞାନ ପରମ୍ପରା, ସ୍ନାୟବିଜ୍ଞାନ, ସାମଗ୍ରିକ ସ୍ୱାସ୍ଥ୍ୟ-ସୁସ୍ଥତା ଏବଂ ସାଂସ୍କୃତିକ ଐତିହ୍ୟ ସଂରକ୍ଷଣ ଅଧ୍ୟୟନ କେନ୍ଦ୍ରର ସ୍ଥାପନା ପ୍ରସ୍ତାବ।
୪. ବିଦ୍ୟାର୍ଥୀଙ୍କ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟର ବିକାଶ ପାଇଁ ମନୋ-ପରାମର୍ଶଦାତାଙ୍କ ନିଯୁକ୍ତି।
୫. ବୋଷ୍ଟନର ନର୍ଥଇଷ୍ଟର୍ଣ୍ଣ ବିଶ୍ୱବିଦ୍ୟାଳୟ ସହାୟତାରେ 'ଉଦ୍ୟୋଗ ଆବିଷ୍କାର ପାଠ୍ୟକ୍ରମ'ର ପ୍ରଚଳନ।
୬. ୩ୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ଖେଳ ପ୍ରତିଯୋଗିତା ୨୦୨୫ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳଗତ ଚାମ୍ପିଅନ୍।
୭. ନୀତି ଆୟୋଗ, ଏଫ୍.ଆଇ.ଟି.ଟି. ଏବଂ ଆଇ.ଆଇ.ଟି., ଦିଲ୍ଲୀ ତରଫରୁ ଆୟୋଜିତ ଗବେଷଣା, ଉଦ୍ଭାବନ ଏବଂ ଉଦ୍ୟମିତା ଅଧ୍ୟୟନରେ ଉତ୍କଳ ବିଶ୍ୱବିଦ୍ୟାଳୟର ଯୁବଶିକ୍ଷା ଗବେଷଣା ଓ ଉଦ୍ଭାବନକୁ ଉଚ୍ଚ ପ୍ରଶଂସା।
୮. ଜାତୀୟ ଶିକ୍ଷାନୀତି-୨୦୨୦ ଅନୁକ୍ରମରେ ପାଠ୍ୟକ୍ରମର ପ୍ରଚଳନ, ଦକ୍ଷତା ବିକାଶକୁ ଗୁରୁତ୍ୱ ଏବଂ ପ୍ରାୟୋଗିକ ଗବେଷଣା ଓ ଉଦ୍ଭାବନକୁ ପ୍ରୋତ୍ସାହନ।
୯. ବିଶ୍ୱବିଦ୍ୟାଳୟର ଆବାସିକ ପରିବେଶର ଉନ୍ନତି ପାଇଁ ବିଶ୍ୱବିଦ୍ୟାଳୟ ପ୍ରଶାସନର ଦୃଷ୍ଟାନ୍ତମୂଳକ ପଦକ୍ଷେପ।
୧୦. ଉତ୍କଳ ବିଶ୍ୱବିଦ୍ୟାଳୟର ରୁରାଲ ଟେକ୍ନୋଲୋଜି ପାର୍କରେ କମ୍ ପୁଞ୍ଜି ବିନିଯୋଗରେ ଉନ୍ନତ କୃଷି ପ୍ରଣାଳୀର ଅଧ୍ୟୟନ ଓ ପ୍ରୋତ୍ସାହନ।



ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ସ୍ୱପ୍ନର ବିଶ୍ୱବିଦ୍ୟାଳୟ

ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ
କୁଳପତି (ଭା.ପ୍ରା.)

ଡକ୍ଟର ସ୍ୱାତୀ ମିଶ୍ର
କୁଳସଚିବ (ଓ.ପ୍ର.ସେ.)

## ଆଜିର ଇତିହାସ

- ୧୭୯୫- ପ୍ରଥମ ବଙ୍ଗଳା ନାଟକ ମଞ୍ଚସ୍ଥ କରାଗଲା।
- ୧୮୧୫- ପୋଲାଣ୍ଡ ସ୍ୱାଧୀନ ହେଲା।
- ୧୯୧୨- ଆଲବେନିଆ ରାଷ୍ଟ୍ରୀୟ ଧ୍ୱଜକୁ ଆପଣାଇଲା।
- ୧୯୬୬- ଉରୁଗୁଏ ସମ୍ବିଧାନ ଆପଣାଇଲା।
- ୨୦୦୮ - ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହଙ୍କ ଦେହାନ୍ତ।
- ୨୦୧୮ - ବଲିଉଡ୍‌ର ପ୍ରଚ୍ଛଦପଟ୍ଟ ଗାୟକ ମହମ୍ମଦ ଅଜିଜ୍‌ଙ୍କ ପରଲୋକ।

## ଏପରି ଏକ ଦେଶ

# କେହି ଜାଣନ୍ତିନି ଜନ୍ମ ତାରିଖ

ଜନ୍ମଦିନ ପ୍ରତ୍ୟେକଙ୍କ ପାଇଁ ଏକ ଖୁସିର ଅବସର ହୋଇଥାଏ। ଏହାକୁ ଲୋକେ ପରିବାର ଓ ସାଙ୍ଗସାଥୀଙ୍କ ଗହଣରେ କେକ୍ କାଟି ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି। ହେଲେ ଏପରି ଏକ ଦେଶ ଅଛି, ଯେଉଁଠି ଲୋକମାନେ ନିଜ ଜନ୍ମ ତାରିଖ ଜାଣନ୍ତିନି। ଉତ୍ତର କୋରିଆରେ ଏପରି ଭିନ୍ନତା ଦେଖିବାକୁ ମିଳିଥାଏ। ଏହା ବିଶ୍ୱର ସବୁଠୁ ରହସ୍ୟମୟ ଦେଶ ଭାବେ ଜଣାଯାଏ। ଏଠାକାର ଗ୍ରାମାଞ୍ଚଳଗୁଡ଼ିକରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଡେଲିଭରି ଘରେ ହୋଇଥାଏ। ଏଠାରେ ହସ୍‌ପିଟାଲ କି ଡାକ୍ତରୀ ସୁବିଧା ନ ଥାଏ। ସବୁଠୁ ବଡ଼ କଥା ହେଉଛି ଏଠାରେ କ୍ୟାଲେଣ୍ଡର ନ ଥାଏ। ମାଆ ବାପା ମଧ୍ୟ ପିଲାର ଜନ୍ମ ତାରିଖକୁ ମନେ ରଖନ୍ତିନି। ପିଲାଟିଏ ୧୬-୧୭ ବର୍ଷ ହେବା ପରେ ତା'ର ପ୍ରଥମ ଥର ସରକାରୀ ଆଇଡି କାର୍ଡ ତିଆରି ହୋଇଥାଏ। ସରକାରୀ ଅଫିସର ନିଜ ମନଇଚ୍ଛା ଜନ୍ମ ତାରିଖ ଲେଖି ଦିଅନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଅଧିକାଂଶ ଲୋକଙ୍କର ଜନ୍ମଦିନ ୧ ଜାନୁଆରୀ ବୋଲି ଲେଖା ହୋଇଥାଏ। ଜଣେ ଜୁନ୍ କି ଫେବୃଆରୀରେ ଜନ୍ମ ହେଲେ ବି ତା'ର ଜନ୍ମ ପ୍ରମାଣପତ୍ରରେ ୧ ଜାନୁଆରୀ ଲେଖାଯାଇଥାଏ। ଉତ୍ତର କୋରିଆର ଜନସଂଖ୍ୟାରେ ୭୦% ଲୋକ ଗାଁରେ ରୁହନ୍ତି। ତନ୍ମଧ୍ୟରୁ ମାତ୍ର ୧୨% ଲୋକଙ୍କର ଜନ୍ମ ତାରିଖ ହସ୍‌ପିଟାଲରେ ରେଜିଷ୍ଟର ଥାଏ। ଏଠାରେ ଅଧିକାଂଶ



ପାସ୍‌ପୋର୍ଟରେ ଜନ୍ମତାରିଖ ଜାନୁଆରୀ କିମ୍ବା ଜୁଲାଇ ୧ ଲେଖାଯାଇଥାଏ। କେବଳ ସହରର ଧନୀ ଲୋକମାନେ ହିଁ ସେମାନଙ୍କ ଜନ୍ମଦିନକୁ ମନେ ରଖିଥାନ୍ତି। ଏସବୁ ସତ୍ତ୍ୱେ ଏଠାରେ ସ୍କୁଲ, କାରଖାନା ଓ ସେନା ଶିବିରଗୁଡ଼ିକରେ ଜନ୍ମଦିନ ପାଳନ କରାଯାଏ। ହେଲେ ଲୋକେ ପାଳୁଥିବା ଜନ୍ମଦିନ ସରକାରଙ୍କ ଦ୍ୱାରା ସ୍ଥିର ହୋଇଥାଏ।

# ବ୍ୟକ୍ତିଗତ ତଥ୍ୟ ରଖୁଛି ମୋବାଇଲ

ଆଇଆଇଟି ଦିଲ୍ଲୀ ଆଣ୍ଡ୍ରଏଡ୍ ଫୋନ୍‌କୁ ନେଇ ଏକ ଗବେଷଣା କରିଛି। ଆଇଆଇଟି ଦିଲ୍ଲୀର ପ୍ରଫେସର ସ୍ମୃତି ରଞ୍ଜନ ସାରଙ୍ଗ ଏମଟେକ୍ ଛାତ୍ରମାନଙ୍କ ସହିତ ମିଶି ଆଣ୍ଡ୍ରଏଡ୍ ଫୋନ୍‌କୁ ନେଇ ଏକ ଗବେଷଣା କରିଛନ୍ତି। ଏହି ଗବେଷଣାରେ ମୋବାଇଲର ଜିପିଏସ୍‌କୁ ନେଇ ବଡ଼ ଖୁଲାସା କରାଯାଇଛି। କୌଣସି ଆପ୍‌କୁ ଡାଉନ୍‌ଲୋଡ୍ କରିବା ସମୟରେ ସେଥିରେ ଲୋକେସନ ଟ୍ରାକ୍ କରିବାର ଅନୁମତି ଦେଖାଇ ଥାଏ। ଯାହାକି ବ୍ୟକ୍ତିଗତ ସୁରକ୍ଷା ପ୍ରତି ବିପଜ୍ଜନକ ହୋଇଥାଏ। ଲୋକେସନ ଟ୍ରାକ୍ ମାଧ୍ୟମରେ ଜଣଙ୍କର କାର୍ଯ୍ୟକଳାପକୁ ଟ୍ରାକ୍ କରାଯାଇପାରିବ। କହିବାକୁ ଗଲେ ମୋବାଇଲ ପ୍ରତିଟି ମୁହୂର୍ତ୍ତର ତଥ୍ୟକୁ ଟିକ୍‌ନିକ୍ ଏକତ୍ର କରେ। ସେହିପରି ଫୋନ୍ କେବଳ ଲୋକେସନ ଟ୍ରାକ୍ କରି ନ ଥାଏ, ବରଂ ଜଣେ ଏକା କିମ୍ବା କାହା ସହ ଅଛି, ଲିଫ୍ଟରେ ଅଛି କି ନାହିଁ ତାହା ମଧ୍ୟ ଜଣାପଡ଼ିଯାଏ । ପ୍ରଫେସର ଉଦାହରଣ ଦେଇ କହିଛନ୍ତି,ଜଣେ ଛାତ୍ର ଦୌଡ଼ିବାକୁ ଗଲେ, ଦୌଡ଼ିବା ପରେ ସେ ଯେମିତି ତା'ଙ୍କ ଫୋନ୍ ଦେଖିଛନ୍ତି, ତାଙ୍କୁ ପ୍ରୋଟିନ ସେକ୍ ବିଜ୍ଞାପନ ଆସିଲା। ସେହି ଛାତ୍ର ଜଣକ ପୂର୍ବରୁ କୌଣସି ପ୍ରୋଟିନ୍ ସେକ୍ ବାବଦରେ ସର୍ଚ୍ଚ ଇଞ୍ଜିନ୍‌ରେ ସର୍ଚ୍ଚ କରି ନ ଥିଲେ। ତେଣୁ ଏଥିରୁ ଜଣାପଡୁଛି ଯେ, ଦେଶର ଭିଆଇପି ଏବଂ ଭିଭିଆଇପିଙ୍କ ସୁରକ୍ଷା ପ୍ରତି ବିପଦ ରହିଛି। ସାଧାରଣ ଲୋକଙ୍କୁ ଏହା ମାଧ୍ୟମରେ ବ୍ଲାକ୍‌ମେଲ୍ କରିବା ମଧ୍ୟ ସହଜ ହୋଇଯିବ। ତେବେ ଏଥିରୁ ରକ୍ଷା ପାଇବାର ସହଜ ଉପାୟ ହେଉଛି, କୌଣସି ଆପ୍‌କୁ ଲୋକେସନ ଟ୍ରାକ୍ କରିବାର ଅନୁମତି ଦେବା ଉଚିତ ନୁହେଁ। ଯଦି ଅନୁମତି ପ୍ରଦାନ କରୁଛନ୍ତି, ତେବେ ଆପ୍ ବ୍ୟବହାର କରିବା ସମୟରେ କେବଳ ଟ୍ରାକ୍ ଅନୁମତି ଦେବା ଉଚିତ।



# ଚାପୁଡ଼ା ମାରିବା ଚାକିରି



ଅଧିକାଂଶ ଲୋକ ଫେସବୁକ୍, ହ୍ୱାଟସ୍‌ଆପ୍‌ରେ ଘଣ୍ଟା ଘଣ୍ଟା ଧରି ସମୟ ଅତିବାହିତ କରୁଛନ୍ତି। ସାମାଜିକ ଗଣମାଧ୍ୟମର ଏଭଳି ଆସକ୍ତି ଯୋଗୁ ଲୋକେ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହେଉଛନ୍ତି। ଏହି କ୍ରମରେ ଏକଦା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ଉଦ୍ୟୋଗପତି ମନୀଷ ସେଠି ତାଙ୍କର ଫେସ୍‌ବୁକ୍ ଚଳାଇବା ଅଭ୍ୟାସ ଉପରେ ରୋକ୍ ଲଗାଇବାକୁ ନିଆରା ଚାକିରିର ବିଜ୍ଞାପନ ଦେଇଥିଲେ। ଘଟଣାଟି ୨୦୧୨ ମସିହାର। ସେତେବେଳେ ମନୀଷ 'ପାବଲୋକ' କମ୍ପାନିକୁ ଚଳାଉଥିଲେ। ସେ ସମୟରେ ସେ ଘଣ୍ଟା ଘଣ୍ଟା ଧରି ଫେସ୍‌ବୁକ୍‌ରେ ବ୍ୟସ୍ତ ରହୁଥିଲେ। ଏହି କାରଣରୁ ମନୀଷଙ୍କ କମ୍ପାନିର ବ୍ୟବସାୟ ମଧ୍ୟ ହ୍ରାସ ପାଇଲା। ତେଣୁ ନିଜର ଏହି ଖରାପ ଅଭ୍ୟାସକୁ ଦୂରେଇବାକୁ ସେ ଏକ ଅଜବ ବିଜ୍ଞାପନ ଦେଇଥିଲେ। ସେ ଏହି ବିଜ୍ଞାପନରେ ଲେଖିଥିଲେ ଯେ, 'ମୋତେ ଏମିତି ଏକ ପାର୍ଟନର ଦରକାର ଯିଏ ମୋ ପାଖରେ ସବୁବେଳେ ବସିବ, ସ୍କ୍ରିନ୍ ଉପରେ ନଜର ରଖିବ। ମୁଁ ଫେସ୍‌ବୁକ୍ ଖୋଲିବା ମାତ୍ରେ ସେ ମୋ ଉପରେ ଚିଲ୍ଲାଇବ ଓ ଆବଶ୍ୟକ ପଡ଼ିଲେ ଚାପୁଡ଼ା ମାରିବ। ଏହି କାର୍ଯ୍ୟ ନିମନ୍ତେ ପ୍ରତିଘଣ୍ଟା ପାଇଁ ସେ ଆଜିକା ଜମାନାରେ ଭାରତୀୟ ମୁଦ୍ରାରେ ୭୧୦ ଟଙ୍କା ଦେବାକୁ ଧାର୍ଯ୍ୟ କରିଥିଲେ। ଯୋଗ୍ୟ ପ୍ରାର୍ଥୀ ଜଣକ ମନୀଷଙ୍କ ଘର କିମ୍ବା କେଫେରେ କାମ କରିବେ। ଶେଷରେ କାରା ନାମ୍ନୀ ଜଣେ ମହିଳାଙ୍କୁ ଏହି ଚାକିରି ମିଳିଥିଲା। ଏହାପରେ 'ସ୍ଲାପ୍ ଚ୍ୟାଲେଞ୍ଜ' ଆରମ୍ଭ ହୋଇଥିଲା। ମନୀଷ ଯେତେବେଳେ ବି ଫେସ୍‌ବୁକ୍ ଖୋଲୁଥିଲେ, କାରା ତାଙ୍କୁ ଚାପୁଡ଼ା ମାରୁଥିଲେ। ତେବେ ମନୀଷ ଏକଦା ବ୍ଲଗ୍‌ରେ ଲେଖିଥିଲେ ଯେ, 'କାରା ତାଙ୍କୁ ଖାଲି ଚାପୁଡ଼ା ମାରୁଥିଲେ ତାହା ନୁହେଁ, ସେ ତାଙ୍କ କାମର ବିଶ୍ଳେଷଣ ମଧ୍ୟ କରୁଥିଲେ। ଯାହାଫଳରେ ତାଙ୍କ କମ୍ପାନିର କାର୍ଯ୍ୟଦକ୍ଷତା ୯୮%କୁ ବୃଦ୍ଧି ପାଇଥିଲା।'

# ଭାଷଣରେ ବିଶ୍ୱ ରେକର୍ଡ



ଅନେକ ଲୋକ ଖୁବ୍ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରି ରେକର୍ଡ କରିଥାନ୍ତି। ଏହି କ୍ରମରେ ଭାରତର ଲୋକପ୍ରିୟ ମୋଟିଭେସ୍‌ନାଲ୍ ସ୍ପିକର୍ ସୌରଭ ଜୈନ ଲଗାତାର ୩୦ ଘଣ୍ଟା ଧରି ଭାଷଣ ଦେଇ ବିଶ୍ୱ ରେକର୍ଡ କରିଛନ୍ତି। ଜୟପୁର ବିର୍ଲା ଅଡିଟୋରିୟମ୍‌ରେ ଆୟୋଜିତ ଶିକ୍ଷା ମହୋତ୍ସବ ୨୦୨୫ରେ ଯୋଗ ଦେଇ ସେ ଏହି ନିଆରା ରେକର୍ଡ କରିଛନ୍ତି। 'ଶିଖେଗା ଭାରତ ତଭି ତୋ ଆଗେ ବଢ଼େଗା ଭାରତ' ଥିମ୍ ଆଧାରିତ ଏହି ଆୟୋଜନ ବିଦ୍ୟାର୍ଥୀ, ଶିକ୍ଷକ ଓ ପ୍ରେରଣାଦାୟୀ ବକ୍ତାଙ୍କ ମଧ୍ୟରେ ଏକ ନୂତନ ଶକ୍ତି ସଞ୍ଚାର କରିଥିଲା। ତେବେ ସୌରଭଙ୍କ ଏହି ଯାତ୍ରା ଏତେ ସହଜ ନ ଥିଲା। ଆଠ ବର୍ଷର ପ୍ରସ୍ତୁତି, ୪୦,୦୦୦ ଘଣ୍ଟାର ପାଠପଢ଼ା ଓ ୧୫୦୦ ପୁସ୍ତକ ଅଧ୍ୟୟନର ଏହା ପରିଣାମ ଥିଲା। ସୌରଭ ନିଜ ଭାଷଣରେ ଆତ୍ମବିଶ୍ୱାସ, ଆତ୍ମନିର୍ଭରତା, ଆତ୍ମହତ୍ୟାରୁ ରକ୍ଷା ପାଇବାର ଉପାୟ, ଅବସାଦ, ସମୟର ସଦୁପଯୋଗ, ଦୃଢ଼ ନେତୃତ୍ୱ, ସକରାତ୍ମକ ଚିନ୍ତାଧାରା ଭଳି ୧୦୦ଟି ପ୍ରସଙ୍ଗ ଉପରେ ଚର୍ଚ୍ଚା କରିଥିଲେ। ଏଥିସହ ସେ କହିଥିଲେ, ଆମେ କହୁଥିବା ଶବ୍ଦରେ ଅସୀମ ଶକ୍ତି ରହିଛି। ଶବ୍ଦ କୌଣସି ବ୍ୟକ୍ତିର ଜୀବନ ବଦଳାଇ ଦେଇପାରେ। ତେବେ ସେ ପ୍ରତି ୬୦ ସେକେଣ୍ଡରେ ୧୩୦ରୁ ୧୪୦ ଶବ୍ଦ କହିଥିଲେ। ସମ୍ପୂର୍ଣ୍ଣ ସଭାରେ ସେ ମୋଟ ୨.୩ ଲକ୍ଷ ଶବ୍ଦ କହିଥିଲେ। ସେ ବହୁ ବର୍ଷ ଧରି ଏହି ଐତିହାସିକ ରେକର୍ଡ ପାଇଁ ପ୍ରସ୍ତୁତି କରିଥିଲେ। ଏଥିପାଇଁ ସେ ଦୈନିକ ପାଞ୍ଚଘଣ୍ଟା ପଢୁଥିଲେ। ଫିଟ୍‌ନେସ୍, ମେଡିଟେସନ୍ ଆଦି ମାଧ୍ୟମରେ ସେ ନିଜକୁ ମାନସିକ ଓ ଶାରୀରିକ ସ୍ତରରେ ମଜଭୁତ କରିଥିଲେ। ଏହି ଆୟୋଜନରେ ୭୦୦ରୁ ଊର୍ଦ୍ଧ୍ୱ ସଂସ୍ଥାନ ଓ ୨୫୦ ଜଣିଆ ଏକ ବିଶେଷଜ୍ଞ ଟିମ୍ ସାମିଲ ଥିଲେ। ଏହା ପୂର୍ବରୁ ମଧ୍ୟ ସୌରଭ ୨୦୧୮ ମସିହାରେ ୧୬ ଘଣ୍ଟା ୧୮ ମିନିଟ୍ ଓ ୨୦୨୨ ମସିହାରେ ଲଗାତାର ୨୪ ଘଣ୍ଟା ଭାଷଣ ଦେଇ ରେକର୍ଡ କରିଥିଲେ। ଚଳିତ ବର୍ଷ ସେ ଅବିରତ ୩୦ ଘଣ୍ଟା ଭାଷଣ ଦେଇ ଆତ୍ମବିଶ୍ୱାସ, ଦୃଢ଼ମନୋବଳ ଓ ଏକାଗ୍ରତା ଥିଲେ ସବୁ କିଛି ସମ୍ଭବ ହୋଇପାରିବ ବୋଲି ପ୍ରମାଣ କରିଛନ୍ତି।

## ଗ୍ରୀନ୍ ଲେଡି

ପ୍ରତ୍ୟେକ ଲୋକଙ୍କର ଏକ ପ୍ରିୟ ରଙ୍ଗ ଥାଏ। ସେହି ରଙ୍ଗ ଅନୁସାରେ, ସେମାନେ ପୋଷାକ ପିନ୍ଧିବା, ଘର ସଜାଇବାକୁ ପସନ୍ଦ କରନ୍ତି। ନ୍ୟୁୟର୍କ ବ୍ରୁକ୍‌ଲିନ୍‌ର ଏଲିଜାବେଥ୍ ସ୍ୱିଟ୍‌ହାର୍ଟଙ୍କର ସବୁଜ ରଙ୍ଗକୁ ନେଇ ଏକ ଅହେତୁକ ଦୁର୍ବଳତା ରହିଛି। ତାଙ୍କ ପୋଷାକଠାରୁ ଆରମ୍ଭ କରି ନେଇ କେଶ, ଆଖପାଖରେ ଥିବା ସମସ୍ତ ଜିନିଷକୁ ସେ ସବୁଜ ରଙ୍ଗରେ ରଙ୍ଗାୟିତ କରିଛନ୍ତି। ଏଥିପାଇଁ ତାଙ୍କୁ ବ୍ରୁକ୍‌ଲିନ୍‌ର ଗ୍ରୀନ୍ ଲେଡି ବୋଲି କୁହାଯାଉଛି। ୧୯୪୧ ମସିହାରେ କାନାଡ଼ା ନୋବା ସ୍କୋଟିୟାରେ ଜନ୍ମିତ ଏଲିଜାବେଥ୍ ପିଲାବେଳୁ ରଙ୍ଗ ଦୁନିଆ ସହ ସଂଶ୍ଳିଷ୍ଟ। ଏଲିଜାବେଥ୍‌ଙ୍କ ମତରେ, ସବୁଜ ରଙ୍ଗ ସବୁବେଳେ ତାଙ୍କର ପସନ୍ଦିତ ରଙ୍ଗ ଥିଲା। ଏହା ପ୍ରକୃତିକୁ ପ୍ରତିନିଧିତ୍ୱ କରେ ବୋଲି ସେ କୁହନ୍ତି। ୧୯୬୪ ସେ ତାଙ୍କ ସ୍ୱପ୍ନ ପୂରଣ ପାଇଁ ନ୍ୟୁୟର୍କ ପଳାଇଥିଲେ। ଧୀରେଧୀରେ ସେ ଫେସନ୍ ଇଣ୍ଡଷ୍ଟ୍ରୀର ଜଣେ ଚର୍ଚ୍ଚିତ ଚେହେରା ପାଲଟି ଯାଇଥିଲେ। ସେ ଅନେକ ସେଲିବ୍ରିଟିଙ୍କ ଫେସନ୍ ଡିଜାଇନର୍ ପାଲଟିଗଲେ। ୧୯୮୭ ମସିହାରେ ସେ ନିଜର ଏକ ଷ୍ଟୁଡିଓ ଖୋଲିଲେ। ଏଠାରେ ୧୫ ବର୍ଷ ଧରି କାମ କରିଥିଲେ। ଏହାପରେ ସେ ତାଙ୍କ ଜୀବନକୁ ପୂରାପୂରି ସବୁଜମୟ କରିବା ପାଇଁ ନିଷ୍ପତ୍ତି ନେଲେ। ପୋଷାକ ସହ ଘରର ପ୍ରତ୍ୟେକ କୋଣ ଅନୁକୋଣ, ଜୋତା, ଏପରିକି କେଶର ରଙ୍ଗ ମଧ୍ୟ ସବୁଜ କରିଛନ୍ତି। ତାଙ୍କ ଘର ଗ୍ରୀନ୍ ମ୍ୟୁଜିୟମ୍ ଭଳି ଲାଗେ। ତାଙ୍କ ପାଖରେ ୩୦ରୁ ଅଧିକ ସବୁଜ ରଙ୍ଗର ଜୋତା ମଧ୍ୟ ରହିଛି। ଏଲିଜାବେଥ୍‌ଙ୍କ ଘରକୁ ଯେ କେହି ଗଲେ ଏକ ଭିନ୍ନ ଦୁନିଆର ଅନୁଭୂତି ନେଇଥାନ୍ତି। ସବୁଜ ତାଙ୍କ ପାଇଁ କେବଳ ଏକ ରଙ୍ଗ ନୁହେଁ ଜୀବନର ଆଦର୍ଶ ପାଲିଟିଛି ବୋଲି ଏଲିଜାବେଥ୍ କୁହନ୍ତି।



# 'ରାମାୟଣ ପାର୍ଟ ୨' ଆସିବାରେ ହେବ ବିଳମ୍ବ

ରଣବୀର କପୁର ଏବେ ବଲିଉଡ୍‌ର ସୁପରଷ୍ଟାର୍ ଭାବେ ଜଣାଯାଉଛନ୍ତି। ତାଙ୍କ ହାତରେ ଅନେକ ବଡ଼ ବଡ଼ ପ୍ରୋଜେକ୍ଟ ରହିଛି। ଇତିମଧ୍ୟରେ ରଣବୀର 'ରାମାୟଣ ପାର୍ଟ ୧'ର ସୁଟିଂ ସାରି ଦେଇଛନ୍ତି। ଏହାପରେ ସେ ସଞ୍ଜୟ ଲୀଲା ଭଁସାଲୀଙ୍କ 'ଲଭ୍ ଆଣ୍ଡ ୱାର୍'ର ସୁଟିଂ ଆରମ୍ଭ କରିଛନ୍ତି। 'ରାମାୟଣ'କୁ ଦୁଇଟି ପାର୍ଟରେ ନିର୍ମାଣ କରାଯାଉଛି। ପ୍ରଥମ ପାର୍ଟର ସୁଟିଂ ସରିଯାଇଛି। ଏହା ୨୦୨୬ ଦୀପାବଳି ଅବସରରେ ଆସିବ। ଏହାର ଦ୍ୱିତୀୟ ପାର୍ଟକୁ ୨୦୨୭ ଦୀପାବଳି ଅବସରରେ ରିଲିଜ୍ କରାଯିବା ପାଇଁ ପୂର୍ବରୁ ଘୋଷଣା କରାଯାଇଛି। ରଣବୀର ଏକାସାଙ୍ଗେ 'ରାମାୟଣ'ର ଦୁଇଟି ପାର୍ଟର ସୁଟିଂ ସାରିବାକୁ ଚାହୁଁଥିଲେ। କାରଣ ଏହା ତାଙ୍କ 'ଲଭ୍ ଆଣ୍ଡ ୱାର୍' ଫିଲ୍ମର ଲୁକ୍‌ଠାରୁ ଅଲଗା ଥିଲା। ସଞ୍ଜୟଙ୍କ ଏହି ଫିଲ୍ମରେ ସେ ବହୁତ ପତଳା ଦେଖାଯିବାର ଅଛି। ଏଥିପାଇଁ ସେ 'ରାମାୟଣ'ର ଦୁଇଟି ପାର୍ଟର ସୁଟିଂ ପରେ 'ଲଭ୍ ଆଣ୍ଡ ୱାର୍' କରିବାର ଥିଲା। 'ରାମାୟଣ'ର ପ୍ରିପ୍ରଡକ୍ସନ କାମ ବିଳମ୍ବ ହେବାରୁ ରଣବୀର ସଞ୍ଜୟଙ୍କ ସହ ସୁଟିଂ ଆରମ୍ଭ କରିଦେଲେ। ସଞ୍ଜୟଙ୍କ ଫିଲ୍ମଗୁଡ଼ିକର ସୁଟିଂ ଦୀର୍ଘ ଦିନ ଧରି ଚାଲେ। 'ଲଭ୍ ଆଣ୍ଡ ୱାର୍' ପାଇଁ ମଧ୍ୟ ସଞ୍ଜୟ ୨୦୦ ଦିନର ସୁଟିଂ ସିଡ୍ୟୁଲ ରଖିଛନ୍ତି। ଏବେ ରଣବୀର ଏହି ଫିଲ୍ମର ସୁଟିଂ ସାରିବା ପରେ ହିଁ 'ରାମାୟଣ ପାର୍ଟ ୨'ର ସୁଟିଂ ଆରମ୍ଭ କରିବେ। ଏଥିପାଇଁ ଏହି ଫିଲ୍ମ ଏବେ ୨୦୨୭ ଦୀପାବଳି ପରିବର୍ତ୍ତେ ଆହୁରି ବିଳମ୍ବରେ ରିଲିଜ୍ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।



## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ଉନ୍ନତି ହେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ। କଥାରେ ମଧୁରତା ରଖିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଅର୍ଥ ସଞ୍ଚୟ କରିବେ। ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଶ୍ରୀମନ୍ଦିରରେ ଘୋଡ଼ଲାଗି ନୀତି

# ମହାପ୍ରଭୁ ପିନ୍ଧିଲେ ଶୀତବସ୍ତ୍ର



ପୁରୀ,୨୬।୧୧ (ସମିସ): ବୁଧବାର ଶ୍ରୀମନ୍ଦିରରେ ଓଢ଼ଣ ଷଷ୍ଠୀ ନୀତି ସମ୍ପନ୍ନ ହୋଇଛି। ଏହି ଅବସରରେ ମହାପ୍ରଭୁଙ୍କ ଘୋଡ଼ଲାଗି କରାଯାଇଛି। ସକାଳ ଧୂପ ବଢ଼ିବା ପରେ ଠାକୁରଙ୍କ ମଇଲମ କରାଯାଇଥିଲା। ପୂର୍ବ ରାତିରେ ଭୋଗମଣ୍ଡପ ଘରେ ଅଧିବାସ ହୋଇଥିବା ଘୋଡ଼ଗୁଡ଼ିକୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ତିନିଘେରା ପରିକ୍ରମା କରାଯାଇ ରତ୍ନସିଂହାସନକୁ ନିଆଯାଇଥିଲା। ପୁଷ୍ପାଳକ ସେବକମାନେ ତିନିଠାକୁରଙ୍କୁ ପାଗ ଓ ଘୋଡ଼ଲାଗି କରିଥିଲେ। ମହାପ୍ରଭୁଙ୍କ ଏହି ଘୋଡ଼ରେ ସୂତାବସ୍ତ୍ର, ଖଣ୍ଡୁଆପାଟ, ଭେଲ୍‌ଭେଟ୍ କପଡ଼ାର ବସ୍ତ୍ର, ଟୋପର, ମଫଲର ପ୍ରଭୃତି ଲାଗି କରାଯାଇଥିଲା। ଘୋଡ଼ଲାଗି ସରିବା ପରେ ମହାପ୍ରଭୁଙ୍କୁ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ମଧ୍ୟ ଲାଗି କରାଯାଇଥିଲା। ପରେ ବନ୍ଦାପନା ସରି ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ମାର୍ଗଶୀର ଶୁକ୍ଳ ଷଷ୍ଠୀରୁ ମାଘ ଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ ବିଗ୍ରହମାନେ ଘୋଡ଼ ପରିଧାନ କରିଥା'ନ୍ତି। ସପ୍ତାହର ୭ ଦିନରେ ୭ ରଙ୍ଗର ଘୋଡ଼ବସ୍ତ୍ର ଲାଗି ହୋଇଥା'ନ୍ତି। ରବିବାର ଲାଲ୍, ସୋମବାର କଳାଛିଟା ମିଶା ଶୁକ୍ଳ, ମଙ୍ଗଳବାର ବାରପଟିଆ (୫ ରଙ୍ଗ ମିଶା), ବୁଧବାର ନୀଳ, ଗୁରୁବାର ବସନ୍ତ (ହଳଦିଆ), ଶୁକ୍ରବାର ଶୁକ୍ଳ (ଧଳା) ଓ ଶନିବାର କଳା ରଙ୍ଗର ଘୋଡ଼ଲାଗି ହୋଇଥା'ନ୍ତି।

ଉଲ୍ଲେଖଯୋଗ୍ୟ, ଶ୍ରୀଜଗନ୍ନାଥ ମହାପ୍ରଭୁ ପରମପାବନ ପୁରୁଷୋତ୍ତମ କ୍ଷେତ୍ରରେ ବିରାଜମାନ କରିଛନ୍ତି। ଶ୍ରୀମନ୍ଦିରରେ ଭାଇଭଉଣୀଙ୍କ ସହ ଅବସ୍ଥାନ କରି ମାନବୀୟ ଲୀଳା କରୁଛନ୍ତି। ଏହି କ୍ରମରେ ଖରାଦିନେ ଗ୍ରୀଷ୍ମତାପରୁ ରକ୍ଷା ପାଇବା ପାଇଁ ମହାପ୍ରଭୁ ଚନ୍ଦନ ଯାତ୍ରା କରିଥା'ନ୍ତି। ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ସହ ମିଶି ଜଳକ୍ରୀଡ଼ା କରନ୍ତି। ସେହିପରି ଶୀତଦିନେ ପ୍ରଚଣ୍ଡ ଶୀତରୁ ରକ୍ଷା ପାଇବା ପାଇଁ ସାଧାରଣ ମଣିଷଟିଏ ଭଳି ଶୀତବସ୍ତ୍ର ପରିଧାନ କରିଥା'ନ୍ତି। ମାର୍ଗଶିର ମାସରେ ଅଧିକ ଶୀତ ହୋଇଥାଏ। ତେଣୁ ଶୀତରୁ ରକ୍ଷା ପାଇବା ପାଇଁ ମାର୍ଗଶିର ଶୁକ୍ଳ ଷଷ୍ଠୀଠାରୁ ଶୀତବସ୍ତ୍ର ପରିଧାନ କରିଥା'ନ୍ତି। ଏହାକୁ ଶ୍ରୀମନ୍ଦିର ଭାଷାରେ ଘୋଡ଼ଲାଗି ବୋଲି କୁହାଯାଇଥାଏ।

# ୪୧ ମାଓବାଦୀଙ୍କ ଆତ୍ମସମର୍ପଣ

**ବନ୍ଧୁକ ଛାଡ଼ି ଧରିଲେ ସମ୍ବିଧାନ**

ମାଲକାନଗିରି, ୨୬।୧୧(ସମିସ): ସମ୍ବିଧାନ ଦିବସରେ ମାଓବାଦୀଙ୍କ ହାତରେ ସମ୍ବିଧାନ ବହି ଧରାଇଲା ପୁଲିସ। ମାଲକାନଗିରି-ଛତିଶଗଡ଼ ସୀମାନ୍ତ ବିଜାପୁର ଜିଲ୍ଲାରେ ଆଜି ୪୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ଦକ୍ଷିଣ ବସ୍ତର ସବ୍-ଜୋନାଲ କମିଟିର ୩୯ ଜଣ ମାଓବାଦୀ ରହିଥିବା ବେଳେ ତେଲେଙ୍ଗାନା ରାଜ୍ୟ କମିଟି ଏବଂ ଧମତାରି ଗାରିଆବନ୍ଦ ନୂଆପଡ଼ା ଡିଭିଜନ୍‌ର ମାଓବାଦୀମାନେ ମଧ୍ୟ ରହିଛନ୍ତି। ଏମାନଙ୍କ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ଼ ସରକାର ୧କୋଟି ୧୯ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏଥିରେ ୧୨ ଜଣ ମହିଳା କ୍ୟାଡର୍ ଏବଂ ୨୯ ଜଣ ପୁରୁଷ କ୍ୟାଡର୍‌ଙ୍କୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟସ୍ରୋତକୁ ଫେରିଥିବା ମାଓବାଦୀ କ୍ୟାଡର୍‌ମାନେ ଭାରତୀୟ ସମ୍ବିଧାନରେ ବିଶ୍ୱାସ ପ୍ରକାଶ କରିଛନ୍ତି। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ସମ୍ମାନଜନକ ଏବଂ ସୁରକ୍ଷିତ ଜୀବନଯାପନ କରିବାକୁ ସଂକଳ୍ପ ନେଇଛନ୍ତି।

## ପବନରେ ଜହର

# ଦିଲ୍ଲୀକୁ ଟପିଲା ଅନୁଗୋଳ ଏକ୍ୟୁଆଇ

**■ ଅସ୍ୱାସ୍ଥ୍ୟକର ବାୟୁ ଶ୍ରେଣୀରେ ଅନୁଗୁଳ**
**■ କଟକ-ଭୁବନେଶ୍ୱର ସ୍ଥିତି ଭୟଙ୍କର**

ଭୁବନେଶ୍ୱର,୨୬।୧୧(ସମିସ): ସାରା ଦେଶରେ ବର୍ତ୍ତମାନ ଦିଲ୍ଲୀ ବାୟୁ ପ୍ରଦୂଷଣକୁ ନେଇ ଚିନ୍ତାଜନକ ହୋଇଛି। ମାତ୍ର ଓଡ଼ିଶାରେ ମଧ୍ୟ ବାୟୁର ଗୁଣବତ୍ତାମାନ କ୍ରମାଗତ ହ୍ରାସ ପାଇ ଦିଲ୍ଲୀ ପ୍ରଦୂଷଣକୁ ବି ଅତିକ୍ରମ କରିଛି। ଯଦିଓ ରାଜ୍ୟ ଓ ଜାତୀୟସ୍ତରରେ ଓଡ଼ିଶାର ବାୟୁ ପ୍ରଦୂଷଣକୁ ନେଇ ବିଶେଷ ଚର୍ଚ୍ଚା ହେଉ ନାହିଁ; ହେଲେ ଓଡ଼ିଶାର ଅନେକ ସ୍ଥାନରେ ଲୋକେ ପ୍ରଦୂଷଣ ଭୟରେ ଘରୁ ବାହାରିବାକୁ ମଧ୍ୟ ଭୟ କରୁଛନ୍ତି। ବିଶେଷ କରି ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଗଣା ହେଉଥିବା ଅନୁଗୁଳରେ ସ୍ଥିତି ସବୁଠୁ ଜଟିଳ ହୋଇପଡ଼ିଛି। କାରଣ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି କରିଥିବା ବୁଲେଟିନ୍ ଅନୁଯାୟୀ ବୁଧବାର ଅନୁଗୁଳରେ ବାୟୁର ଗୁଣବତ୍ତା ମାନ (ଏକ୍ୟୁଆଇ) ଦେଶର ୩ ନଂ ସ୍ଥାନରେ ରହିଛି। ଦିଲ୍ଲୀରେ ଏକ୍ୟୁଆଇ ୩୨୭ ଥିବା ବେଳେ ଅନୁଗୁଳରେ ଏକ୍ୟୁଆଇ ୩୩୭ ରେକର୍ଡ କରିଛି।

ଶୀତ ଋତୁ ଆରମ୍ଭ ହେଲେ ରାଜ୍ୟର ଏକାଧିକ ସହରରେ ବାୟୁ ପ୍ରଦୂଷଣ ହେବାରେ ଲାଗେ। ଦେଶରେ ସବୁଠାରୁ ପ୍ରଦୂଷିତ ସହର ଭାବେ ଦିଲ୍ଲୀକୁ ଗଣାଯାଉଥିଲେ ମଧ୍ୟ ଓଡ଼ିଶା ଏହି ତାଲିକାରେ ଯୋଡ଼ି ହେବା ପରିବେଶବିତମାନଙ୍କ ପାଇଁ ଚିନ୍ତା ବଢ଼ାଇଛି। କେବଳ ଅନୁଗୁଳ ନୁହେଁ ଦ୍ୱୈତ ସହର କଟକ ଓ ଭୁବନେଶ୍ୱରରେ ମଧ୍ୟ ପ୍ରଦୂଷଣ ବଳୟ ସୃଷ୍ଟି ହୋଇଛି। ବୁଧବାର ଏହି ଦୁଇ ସହରରେ ଏକ୍ୟୁଆଇ ୩୦୮ରେ ପହଞ୍ଚିଛି। ଯାହାକି ଅତି ଅସ୍ୱାସ୍ଥ୍ୟକର ଶ୍ରେଣୀରେ ଆସୁଛି। ପ୍ରଦୂଷଣ ଅସହ୍ୟ ହେବାରୁ ଦେଶର ରାଜଧାନୀ ଦିଲ୍ଲୀରେ ୱାର୍କ ଫ୍ରମ୍ ହୋମ୍ ଚାଲିଛି। ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରଦୂଷଣ ସ୍ଥିତି ଉଦବେଗଜନକ ରହିଥିଲେ ମଧ୍ୟ ସଚେତନତା ଅଭାବରୁ ଲୋକମାନେ ନିଶ୍ୱାସ ପ୍ରଶ୍ୱାସରେ ଅସ୍ୱାସ୍ଥ୍ୟକର ବାୟୁ ଗ୍ରହଣ କରୁଛନ୍ତି। ଏହି ପ୍ରଦୂଷିତ ବାୟୁର ସଂସ୍ପର୍ଶରେ ଅଧିକ ସମୟ ଆସିଲେ ଏହା ଶ୍ୱାସକ୍ରିୟା ଜନିତ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ବୋଲି ସିପିସିବି ଚେତାଇ ଦେଇଛି। ଅନୁଗୁଳ ପରେ ଭୁବନେଶ୍ୱର ଓ କଟକର ଏକ୍ୟୁଆଇ ସବୁଠୁ ଅଧିକ ରହୁଛି। ତେଣୁ ରାଜ୍ୟର ଏହି ଦୁଇ ପ୍ରମୁଖ ସହର ମଧ୍ୟ ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଯୋଡ଼ି ହୋଇଯାଇଛି। ପ୍ରଦୂଷଣ ବଢ଼ିବା ଯୋଗୁଁ ରାଜଧାନୀରେ ଦିନ ବେଳା କୁହୁଡ଼ି ଭଳି ସ୍ଥିତି ଦେଖିବାକୁ ମିଳୁଛି। ଆକାଶ ଧୂଆଁଳିଆ ରହିବା ସହ ଦୃଶ୍ୟମାନ ଦୂରତା କମିଯାଉଛି।

ଅନ୍ୟପଟେ ଚଳିତ ବର୍ଷ ଅନୁଗୁଳ ମ୍ୟୁନିସିପାଲିଟିକୁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର-୨୦୨୫ ମିଳିଛି। ବାୟୁ ପ୍ରଦୂଷଣ ରୋକିବାରେ ଅନୁଗୁଳ ଦେଶରେ ତୃତୀୟ ଓ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ହେଲେ ବାସ୍ତବ ସ୍ଥିତିରେ ଅନୁଗୁଳ ବାୟୁ ପ୍ରଦୂଷଣ ସାରା ରାଜ୍ୟ ପାଇଁ ଆହ୍ୱାନ ହୋଇଛି। କେଉଁ ମାନଦଣ୍ଡକୁ ଆଧାର କରି ଅନୁଗୁଳକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି, ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋଡର୍ ଅନୁସାରେ, ବାୟୁ ମଣ୍ଡଳରେ ଧୂଳିକଣା ବାର୍ଷିକ ପ୍ରତି ୧ ଘନ ମିଟର ବାୟୁରେ ହାରାହାରି ୬୦ ମିଲିଗ୍ରାମ ରହିବା କଥା। କିନ୍ତୁ ଗତ କିଛି ବର୍ଷ ହେଲା ଏହା ହାରାହାରି ୮୫ ମିଲିଗ୍ରାମ ରହୁଛି। ଯାହା ଫଳରେ ପ୍ରଦୂଷଣ ବୃଦ୍ଧି ପାଉଛି।

# ୬ ପ୍ରତିଭାଦୀପ୍ତଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ

ଭୁବନେଶ୍ୱର,୨୬।୧୧(ସମିସ): ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ୨୦୨୩ ବର୍ଷ, ୨୦୨୪ବର୍ଷ ଓ ୨୦୨୫ ବର୍ଷ ପାଇଁ ନୃତ୍ୟ, କଣ୍ଠ ସଙ୍ଗୀତ, ଯନ୍ତ୍ର ସଙ୍ଗୀତ, ନାଟ୍ୟକଳା ଓ ଲୋକକଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ଓ ସଂସ୍କୃତି କ୍ଷେତ୍ରରେ ଥିବା ବିଶେଷ ଅବଦାନକୁ ଆଧାରକରି ଓଡ଼ିଶା ସଂଗୀତ ନାଟକ ଏକାଡେମୀର ମର୍ଯ୍ୟାଦାଜନକ ସର୍ବୋଚ୍ଚ ସମ୍ମାନ "କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ', 'ଏକାଡେମୀ ପୁରସ୍କାର', 'ଉପାୟନ' ଏବଂ 'କବିଚନ୍ଦ୍ର କାଳିଚରଣ ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ୨୦୨୩ ବର୍ଷ ପାଇଁ ବିଶିଷ୍ଟ କଣ୍ଠଶିଳ୍ପୀ ଡ. ପ୍ରଣବ କିଶୋର ପଟ୍ଟନାୟକ ଓ ମୋଗଲ ତାମସା ବିଶାରଦ ବାଦଲ ସିକଦାରଙ୍କୁ ମିଳିଛି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ। ସେହିପରି ୨୦୨୪ ବର୍ଷ ପାଇଁ ଖ୍ୟାତନାମା ବଂଶୀବାଦକ ମୋହିନୀ ମୋହନ ପଟ୍ଟନାୟକ, ସୁଧାକର ସାହୁ(ଓଡ଼ିଶୀ ନୃତ୍ୟ) ଏବଂ ୨୦୨୫ ବର୍ଷ ପାଇଁ ଓଡ଼ିଶୀ କଣ୍ଠ ସଙ୍ଗୀତ କ୍ଷେତ୍ରରେ ଘନଶ୍ୟାମ ପଣ୍ଡା ଓ ଶବ୍ଦ ନୃତ୍ୟ ନିମନ୍ତେ ଭାଗବତ ପଧାନଙ୍କୁ ପ୍ରଦାନ କରାଯାଇଛି ।

ଅନ୍ୟପକ୍ଷରେ ୨୦୨୩ ବର୍ଷ ପାଇଁ ସମିତା ରାଣୀ ମହାନ୍ତି, ପ୍ରେମାଞ୍ଜନ ପରିଡ଼ା, ଅନୁଜ କୁମାର ପଟ୍ଟନାୟକଙ୍କୁ ଅଭିନୟ ପାଇଁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ପୁନଶ୍ଚ ନାଟ୍ୟରଚନା, ନିର୍ଦ୍ଦେଶନା, ମଞ୍ଚକଳା, ଶବ୍ଦ, ଆଲୋକ, ଭକ୍ତି ସଙ୍ଗୀତ, ସୁଗମ ସଙ୍ଗୀତ, ସଙ୍ଗିତ ନିର୍ଦ୍ଦେଶକ, ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତ ପାଇଁ 'ସୁନନ୍ଦା ପଟ୍ଟନାୟକ ସମ୍ମାନ', ଆନନ୍ଦ ବାଦ୍ୟ, ତବଲା,ମର୍ଦ୍ଦଳ, ଯନ୍ତ୍ରସଙ୍ଗୀତ, ପାଲା ଦାସକାଠିଆ, ଓଡ଼ିଶୀ ନୃତ୍ୟ, କଳାକ୍ଷେତ୍ରରେ ପାଣ୍ଡିତ୍ୟ ନିମନ୍ତେ ୩୦ଜଣଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ଏହାସହ ନୃତ୍ୟ, ସଙ୍ଗୀତ, ନାଟ୍ୟକଳା, ଲୋକକଳା ନିମନ୍ତେ ୭ଜଣଙ୍କୁ 'ଉପାୟନ' ଏବଂ ସଙ୍ଗୀତ, ନୃତ୍ୟ, ନାଟକ, ଲୋକକଳା କ୍ଷେତ୍ରରେ ବିଶିଷ୍ଟ ଅବଦାନ ନିମନ୍ତେ ୯ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ' କବିଚନ୍ଦ୍ର କାଳିଚରଣ ଯୁବପ୍ରତିଭା ସମ୍ମାନ-୨୦୨୩' ପ୍ରଦାନ କରାଯାଇଛି।

ସେହିପରି ୨୦୨୪ ବର୍ଷ ପାଇଁ ୨୯ଜଣଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ନୃତ୍ୟ, ସଙ୍ଗୀତ, ନାଟ୍ୟକଳା, ଲୋକକଳା



ନିମନ୍ତେ ୭ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ଉପାୟନ' ଏବଂ ୭ଜଣଙ୍କୁ 'କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ-୨୦୨୪' ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୫ବର୍ଷ ପାଇଁ କଳାକ୍ଷେତ୍ରରେ ୨୬ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ଏକାଡେମୀ ପୁରସ୍କାର' ସହ ୫ଜଣଙ୍କୁ 'ଉପାୟନ' ପ୍ରଦାନ କରାଯାଇଛି। ଏହାସହ ଜଣଙ୍କୁ 'କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ-୨୦୨୫' ସମ୍ମାନରେ ସମ୍ମାନିତ କରାଯାଇଛି।

ବୁଧବାର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ସେ ଦୀର୍ଘଦିନ ହେଲା ଅଟକି ରହିଥିବା ସାହିତ୍ୟ ଏକାଡ଼େମୀ ପୁରସ୍କାର ଶୀଘ୍ର ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକ,ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ,

**■ ୨୦୨୩ ବର୍ଷ ପାଇଁ ପ୍ରଣବ ପଟ୍ଟନାୟକ ଓ ବାଦଲ ସିକଦାର**
**■ ୨୦୨୪ ପାଇଁ ମୋହିନୀମୋହନ ପଟ୍ଟନାୟକ, ସୁଧାକର ସାହୁ**
**■ ୨୦୨୫ ବର୍ଷ ପାଇଁ ଘନଶ୍ୟାମ ପଣ୍ଡା ଓ ଭାଗବତ ପ୍ରଧାନ**

ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ, ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନରେ ସମ୍ମାନିତ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ୫ଲକ୍ଷ ଟଙ୍କା, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ସମ୍ମାନରେ ସମ୍ମାନିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୨.୫ଲକ୍ଷ ଟଙ୍କା, ଏକାଡେମୀ ପୁରସ୍କାରରେ ସମ୍ମାନିତ ବ୍ୟକ୍ତିବିଶେଷଙ୍କୁ ୨ଲକ୍ଷ ଟଙ୍କା, ଉପାୟନରେ ସମ୍ମାନିତ ବ୍ୟକ୍ତିଙ୍କ ପାଇଁ ୧ଲକ୍ଷ ଲେଖାଏଁ ଟଙ୍କା ଏବଂ କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ୧୩୪ଜଣ ପ୍ରତିଭାଙ୍କୁ ସର୍ବମୋଟ ୨.୫କୋଟିରୁ ଉର୍ଦ୍ଧ୍ୱ ପୁରସ୍କାର ରାଶି ପ୍ରଦାନ କରାଯାଇଛି।

## ପ୍ରମିଳାଙ୍କ କଟାକ୍ଷ

# ସବୁ ଦଳରେ କିଛି ସ୍ୱାର୍ଥବାଦୀ ଥାଆନ୍ତି

## ଦଳ ସରକାରରୁ ଗଲା ପରେ ଦେବାଶିଷ ବାବୁଙ୍କର ଆଦର୍ଶ ପଳାଇଲା

ଭୁବନେଶ୍ୱର,୨୬।୧୧(ସମିସ): ଦଳରେ ଆଉ ବିଜୁ ଆଦର୍ଶ ନାହିଁ ବୋଲି ବିଜେଡି ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଦେଇଥିବା ଟିପ୍ପଣୀକୁ କଡ଼ା ସମାଲୋଚନା କରିଛନ୍ତି ବିଜେଡିର ବରିଷ୍ଠ ବିଧାୟିକା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ଯେତେବେଳେ ଯାଏଁ ବିଜେଡି ସରକାରରେ ଥିଲା, ସେତେବେଳେ ବିଜେଡିରେ ଆଦର୍ଶ ଥିଲା। ଯେତେବେଳେ ବିଜେଡି ସରକାରରୁ ବାହାରିଗଲା, ସେତେବେଳେ ଦେବାଶିଷ ବାବୁଙ୍କର ଆଦର୍ଶ ପଳାଇଲା ବୋଲି କଟାକ୍ଷ କରିଛନ୍ତି ପ୍ରମିଳା।

କିଛି ଗଣମାଧ୍ୟମରେ ଦେବାଶିଷ ସାମନ୍ତରାୟଙ୍କ ମତମନ୍ତବ୍ୟ ସଂକ୍ରାନ୍ତ ପ୍ରଶ୍ନରେ ପ୍ରମିଳା କହିଛନ୍ତି ଯେ ଦେବାଶିଷ ବାବୁ ଦଳ ଛାଡ଼ିନାହାନ୍ତି, ସେ ଦଳରେ ଅଛନ୍ତି। ଶାରୀରିକ ଅସୁସ୍ଥତା କାରଣରୁ ସେ ତାଙ୍କର ପଦ ଛାଡ଼ିଛନ୍ତି। ନିଜେ ଦେବାଶିଷ ବାବୁ କହିଛନ୍ତି ଯେ ନବୀନ ବାବୁ ଯେତେଦିନ ଦଳର ଦାୟିତ୍ୱରେ ଅଛନ୍ତି, ସେ ବିଜେଡିରେ ରହିବେ; ତେଣୁ ଏନେଇ ଆଲୋଚନା କରିବା ନିରର୍ଥକ। ସବୁ ଦଳରେ କିଛି କିଛି ସ୍ୱାର୍ଥବାଦୀ ଲୋକ ଥାଆନ୍ତି। ସେମାନଙ୍କ ସ୍ୱାର୍ଥରେ ବାଧା ଆସିଲେ, ଦଳ ବିରୋଧରେ, ନେତାଙ୍କ ବିରୋଧରେ କହିବେ। ଦଳ ବି ଛାଡ଼ିବେ। ସେମାନେ ଦଳରୁ ପଳେଇଗଲେ କୌଣସି ପ୍ରଭାବ ପଡ଼ିବ ନାହିଁ, ବରଂ ଦଳ ଶାନ୍ତିଶୃଙ୍ଖଳାରେ ଚାଲିବ । ସେହିପରି ଅନ୍ୟ କେହି ଦଳର ନେତୃତ୍ୱ ନେବା ପ୍ରସଙ୍ଗରେ ଚାଲିଥିବା ଚର୍ଚ୍ଚା ସଂକ୍ରାନ୍ତ ଏକ ପ୍ରଶ୍ନରେ ପ୍ରମିଳା କହିଛନ୍ତି ଯେ ଯିଏ ଚର୍ଚ୍ଚା କରୁଛନ୍ତି ସେମାନଙ୍କୁ ପଚାରନ୍ତୁ। ଦଳରେ ଏନେଇ କୌଣସି ଚର୍ଚ୍ଚା ହେଉନାହିଁ; କେବଳ ଆପଣମାନେ ଚର୍ଚ୍ଚା କରୁଛନ୍ତି ବୋଲି ପ୍ରମିଳା କହିଛନ୍ତି।

# ଚୁଲିଫୁଙ୍କା ନଳିରେ ପିଟି ସ୍ତ୍ରୀକୁ ହତ୍ୟା

ଜମନକିରା,୨୬ ।୧୧ (ସମିସ): ଚୁଲିଫୁଙ୍କା ଲୁହା ନଳୀରେ ସ୍ତ୍ରୀର ମୁଣ୍ଡକୁ ପିଟିପିଟି ହତ୍ୟା। ସମ୍ବଲପୁର ଜିଲ୍ଲା ଜମନକିରା ଥାନା ପାଲୋଖମନ୍ ଗାଁରେ ମଙ୍ଗଳବାର ରାତିରେ ଏପରି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ମମତା ମାଝି(୫୦)। ପୁଲିସ ତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଗତକାଲି ରାତିରେ ମମତା ଘର ଭିତରେ ମୋବାଇଲରେ କାହା ସହ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ସ୍ୱାମୀ ଶ୍ରୀକର ତାଙ୍କୁ ଖାଦ୍ୟ ବାଢ଼ିବାକୁ କହିଥିଲା। ମମତା ନଶୁଣିବାରୁ ଶ୍ରୀକର୍‌ର ରାଗ ପଞ୍ଚମକୁ ଚଢ଼ି ଯାଇଥିଲା। ଚୁଲି ପାଖରେ ଥୁଆ ହୋଇଥିବା ଏକ ଫୁଙ୍କା ନଳିରେ ମମତାଙ୍କ ମୁଣ୍ଡକୁ ଜୋର୍‌ରେ ପିଟି ଦେବାରୁ ଘଟଣାସ୍ଥଳରେ ହିଁ ମମତା ଟଳି ପଡ଼ିଥିଲେ। କିଛି ସମୟ ପରେ ତାଙ୍କର ପ୍ରାଣବାୟୁ ଚାଲିଯାଇଥିଲା।

# ଧରଣୀଧର ପାତ୍ର ବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ

ଭୁବନେଶ୍ୱର, ୨୬ ।୧୧(ସମିସ):ମାଧ୍ୟମିକ ଶିକ୍ଷା ପରିଷଦ(ବିଏସ୍‌ଇ) ବା ବୋର୍ଡର ନୂତନ ପରୀକ୍ଷା ନିୟନ୍ତ୍ରକ ଭାବେ ଧରଣୀଧର ପାତ୍ର ନିଯୁକ୍ତ ହୋଇଛନ୍ତି। ବାଲେଶ୍ୱରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ (ଏଡିଇଓ) ଭାବେସେକାର୍ଯ୍ୟରତଥିବାବେଳେବିଦ୍ୟାଳୟଓଗଣଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନୁରୂପ ଭାବେ ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ କେଶବ ମେହେରଙ୍କୁ ଜଗତସିଂହପୁର ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଭାବେ ନିଯୁକ୍ତ କରାଯାଇଥିବା ନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ବୋର୍ଡର ପରୀକ୍ଷା ନିୟନ୍ତ୍ରକ ପଦ ଦୀର୍ଘ ଦିନ ଧରି ଫାଙ୍କା ପଡ଼ିଥିଲା। ଏଷ୍ଟାବ୍ଲିସମେଣ୍ଟ ଅଫିସର୍ ଏହାର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବା ପରେ ପରୀକ୍ଷା ନିୟନ୍ତ୍ରକଙ୍କ ଗୌଣ ଭୂମିକା ପଦାକୁ ଆସିବା ସହ ତତ୍କାଳୀନ ସମ୍ପାଦକ ସର୍ବେସର୍ବା ହୋଇଥିବା ଜଣାପଡ଼ିଥିଲା। ଏବେ ଏହି ପଦରେ ନୂତନ ନିଯୁକ୍ତି ଦିଆଯାଇଥିବା ବେଳେ ମାଟ୍ରିକ୍ ପରୀକ୍ଷାର ସୁପରିଚାଳନା କରିବା ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି।

## ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା

# ଆଜିଠୁ ୩ ଦିନିଆ ରିମାଣ୍ଡରେ ୪ ଦଲାଲ

ଭୁବନେଶ୍ୱର, ୨୬ ।୧୧(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ତଦନ୍ତ ଜାରି ରହିଥିବାବେଳେ ଆସନ୍ତାକାଲି (ଗୁରୁବାର)ଠାରୁ ଆରମ୍ଭ ହେବ ରିମାଣ୍ଡ ପ୍ରକ୍ରିୟା। ପ୍ରଥମ ପର୍ଯ୍ୟାୟରେ ୪ ଦଲାଲ ଲୋକନାଥ ସାହୁ, ତଫିମ ଅହମ୍ମଦ ଖାନ, ବିଶ୍ୱଜିତ ହରିଚନ୍ଦନ ଓ ଏସ୍‌ଏସ୍‌ବି ଯବାନ ବିଶ୍ୱରଞ୍ଜନ ସେନାପତିଙ୍କୁ ରିମାଣ୍ଡରେ ନେଇ ସିବିଆଇ ମାରାଥନ୍ ଜେରା କରିବ। ଏମାନଙ୍କୁ ୪ ଦିନିଆ ରିମାଣ୍ଡରେ ନେବାକୁ ସ୍ୱତନ୍ତ୍ର ସିବିଆଇ ଅଦାଲତରେ ଆବେଦନ କରାଯାଇଥିବାବେଳେ ୩ ଦିନିଆ ରିମାଣ୍ଡରେ ନେବାକୁ ଅଦାଲତ ଅନୁମତି ଦେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଏହି ୪ ଦଲାଲଙ୍କୁ ପଚରାଉଚୁରା କରି କିଛି ତଥ୍ୟ ହାସଲ କରିବାକୁ ସିବିଆଇ ଯୋଜନା କରିଛି। କିପରି ପରୀକ୍ଷାର୍ଥୀଙ୍କୁ ଯୋଗାଡ଼ କରୁଥିଲେ, କାହାକୁ ରିପୋର୍ଟିଂ କରୁଥିଲେ ଓ କାହାର ଭାଗ କେତେ ଥିଲା, ସେ ସମ୍ପର୍କରେ ତଥ୍ୟ ଓଗାଳିବ। ଜେରା ସମୟରେ ଅଭିଯୁକ୍ତଙ୍କ ଓକିଲ ମଧ୍ୟ ଉପସ୍ଥିତ ରହିବେ ବୋଲି ଜଣା ପଡ଼ିଛି। ସେମାନଙ୍କ ତଥ୍ୟ ଆଧାରରେ ଅନ୍ୟ ଦଲାଲଙ୍କୁ ରିମାଣ୍ଡରେ ଆଣି ଜେରା କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ଜଣା ପଡ଼ିଛି। ସମସ୍ତ ତଥ୍ୟପ୍ରମାଣ ଯୋଗାଡ଼ କରିବା ପରେ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଓ ସିଲିକନ୍ ଟେକ୍‌ର ମାଲିକ ସୁରେଶ ନାୟକକୁ ରିମାଣ୍ଡରେ ଅଣିବ। ଏଥିସହ ବସ୍ ଯୋଗାଇଥିବା ଟ୍ରାଭେଲ୍ସ ମ୍ୟାନେଜର୍ ଓ ମାଲିକଙ୍କୁ ଜେରା କରିବାକୁ ମଧ୍ୟ ସିବିଆଇ ଯୋଜନା କରୁଛି।

ଅପରପକ୍ଷରେ ଏହି ୪ ଦଲାଲ୍‌ଙ୍କ ସଂସ୍ପର୍ଶରେ ଥିବା ପରୀକ୍ଷାର୍ଥୀଙ୍କଠାରୁ ଅଧିକ ତଥ୍ୟ ସଂଗ୍ରହ ପାଇଁ ସିବିଆଇ ଅଧିକ ପରୀକ୍ଷାର୍ଥୀଙ୍କୁ ଜେରା କରିବା ପାଇଁ ଯୋଜନା କରିଛି। ଏହିକ୍ରମରେ ୧୫ରୁ ଅଧିକ ପରୀକ୍ଷାର୍ଥୀଙ୍କୁ ହାଜର ହେବାକୁ ସିବିଆଇ ନୋଟିସ କରିଛି।

## ଫାଇଲ ତଳେ ଯୋଜନା

# ଅସ୍ତିତ୍ୱ ଖୋଜୁଛି ଓଡ଼ିଶା କୋଷ୍ଟ କେନାଲ

ବାଲେଶ୍ୱର(ଉତ୍ତର), ୨୬।୧୧ (ବିଶ୍ୱମ୍ବର ଦାସ):



**୧ଶହ କିମିରୁ ଅଧିକ ଦୀର୍ଘ ଏହି କେନାଲ ବିଲାତି ଦଳରେ ଭର୍ତ୍ତି**

**ନ'ଅଙ୍କ ଦୁର୍ଭିକ୍ଷ ପରେ ଫୁଡ୍ ଫର୍ ୱର୍କ ଜରିଆରେ ହୋଇଥିଲା ଖନନ**

**ଓଡ଼ିଶା-ବଙ୍ଗ ନୌବାଣିଜ୍ୟର ଥିଲା ପ୍ରମୁଖ ଜଳପଥ**

ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଏକ ବିସ୍ତୃତ ଅଞ୍ଚଳର ଅର୍ଥନୈତିକ ବିକାଶ ଓ ପରିବେଶ ସନ୍ତୁଳନ ସହ ଓତପ୍ରୋତ ଭାବେ ଜଡ଼ିତ ଓଡ଼ିଶା କୋଷ୍ଟ କେନାଲ ନିଜ ଅସ୍ତିତ୍ୱ ପାଇଁ ଲଢ଼େଇ କରୁଛି। ପାଞ୍ଚ ଦଶନ୍ଧି ଧରି କ୍ରମାଗତ ଅବହେଳା କାରଣରୁ ଏକଦା ଲକ୍ଷଲକ୍ଷ ଲୋକଙ୍କର ଜୀବନରେଖା ସାଜିଥିବା ଏହି କୋଷ୍ଟ କେନାଲ ଆଜି ସଂକୁଚିତ, ଶୁଷ୍କ, ଶ୍ରୀହୀନ ଏବଂ ଲୁପ୍ତପ୍ରାୟ। ଏହାର ଅର୍ଥନୈତିକ ବିକାଶ ଏବଂ ପରିବେଶ ସନ୍ତୁଳନ କ୍ଷମତାକୁ ଆଖି ଆଗରେ ରଖି ଭାରତ ସରକାର ୨୦୦୪ ମସିହାରୁ ଅଦ୍ୟାବଧି ବିଭିନ୍ନ ସମୟରେ ସଂସଦରେ ଏନେଇ ଆଲୋଚନା କରି ଇଷ୍ଟକୋଷ୍ଟ କେନାଲ ସହ ମହାନଦୀ-ବ୍ରାହ୍ମଣୀ ନଦୀର ସଂଯୋଗୀକରଣ ମାଧ୍ୟମରେ ଜାତୀୟ ଜଳପଥ-୫ ଯୋଜନା ଉପରେ ଗୁରୁତ୍ୱାରୋପ କରିଆସୁଛନ୍ତି। ହେଲେ ଏପର୍ଯ୍ୟନ୍ତ ଏହା ଉପରେ କୌଣସି କାର୍ଯ୍ୟ ଆରମ୍ଭ ନହେବା ଆଶ୍ଚର୍ଯ୍ୟଜନକ ଓ ଦୁଃଖଦାୟକ।

ଅତୀତରେ ଓଡ଼ିଶା ନୌବାଣିଜ୍ୟ ପରମ୍ପରାର ମୂକସାକ୍ଷୀ ପାଲଟିଥିବା ଏହି କେନାଲ ଏବେ ମୃତପ୍ରାୟ ଅବସ୍ଥାକୁ ଚାଲିଆସିଛି। ଏହି ଐତିହାସିକ କେନାଲର ପୁନରୁଦ୍ଧାର କେବଳ ପ୍ରସ୍ତାବରେ ଅଟକିଛି। ଏହା କେବେ ବାସ୍ତବ ରୂପ ନେବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ୧୮୬୭ ମସିହାରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପରେ ଲୋକଙ୍କୁ କାମ ବଦଳରେ ଖାଦ୍ୟ ଯୋଗାଇବା ଯୋଜନା କରି ତତ୍କାଳୀନ ଇଂରେଜ ସରକାର ଏହି କୋଷ୍ଟ କେନାଲ୍ ଖନନ ଆରମ୍ଭ କରିଥିଲେ। ଏହି କେନାଲ ପଶ୍ଚିମବଙ୍ଗର ନାରାୟଣ ନଦୀରୁ ବାହାରି ଓଡ଼ିଶାର ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ମନ୍ତେଇ ନଦୀର ଚାରବାଟିଆ ଯାଏଁ ରହିଛି। ଅବିଭକ୍ତ ବାଲେଶ୍ୱର ଜିଲ୍ଲାରେ ଏହା ୧୨୪ କିମି ଓ ପଶ୍ଚିମବଙ୍ଗରେ ୯୦ କିମି ଅଞ୍ଚଳ ଦେଇ ଯାଇଛି। ଓଡ଼ିଶା ଭିତରକୁ ଏହି କୋଷ୍ଟ କେନାଲ୍ ଭୋଗରାଇ ବ୍ଲକ୍ ଅଧୀନ ଅନଳିଆ ପଞ୍ଚାୟତର ନସରାବାଦ ଗାଁ ନିକଟରେ ପ୍ରବେଶ କରିଛି। ପୂର୍ବରୁ ଏହି କୋଷ୍ଟ କେନାଲ୍ ଓଡ଼ିଶା-ପଶ୍ଚିମବଙ୍ଗ ମଧ୍ୟରେ ନୌବାଣିଜ୍ୟ ପରମ୍ପରାର ଏକ ପରିଚିତ ନାମ ଥିଲା। ତତ୍କାଳୀନ ନୌ-ପରିବହନ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଟୋଲ୍ ଆଦାୟ କରାଯାଉଥିଲା।

ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ୧୮୯୧ ମସିହାରେ ଏହି କୋଷ୍ଟ କେନାଲ୍‌ରେ ୭ ଦିନ ଯାତ୍ରା କରି ଓଡ଼ିଶା ଆସିଥିଲେ। କୋଷ୍ଟ କେନାଲ୍ ଯୋଗୁଁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ପାଖାପାଖି ୨୪ ହଜାର ହେକ୍ଟର ଜମିରୁ ଉଦ୍‌ବୃତ୍ତ ବର୍ଷା ଓ ବନ୍ୟାଜଳ ସୁରୁଖୁରୁରେ ନିଷ୍କାସିତ ହେଉଥିଲା। ସୁବର୍ଣ୍ଣରେଖା, ଜଳକା, ବୁଢ଼ାବଳଙ୍ଗ ନଦୀର ବନ୍ୟା ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଏହି କେନାଲର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏଥିସହ କେନାଲର ଉଭୟ ପାର୍ଶ୍ୱରେ ଥିବା ଜମି ଜଳସେଚିତ ହୋଇପାରୁଥିଲା। ହଜାରହଜାର ଲୋକେ ମାଛ ମାରି ଜୀବିକା ନିର୍ବାହ କରୁଥିଲେ। ତେବେ ଏହି କେନାଲ୍‌ରେ ଏବେ ନୀଳ ଜଳରାଶି ବଦଳରେ କେବଳ ସବୁଜ ଦଳ ଭର୍ତ୍ତି ହୋଇଛି। କେନାଲର ଶଯ୍ୟା ସମ୍ପୂର୍ଣ୍ଣ ପୋତି ହୋଇଗଲାଣି। ଏହାର ପୁନରୁଦ୍ଧାର ପାଇଁ ୨୦୧୯ ମସିହାରେ ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ ହୋଇଥିବା ବେଳେ ଏହା ବାସ୍ତବ ରୂପ ନେଇ ପାରିଲାନି।

୨୦୨୫ ଫେବୃଆରିରେ କେନ୍ଦ୍ର ଜଳ ପ୍ରାଧିକରଣର ୩ ଜଣିଆ ଟିମ୍ ବାଲେଶ୍ୱର ଜିଲ୍ଲା ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଫଳରେ କେନାଲ୍‌ର ପୁନରୁଦ୍ଧାର ପାଇଁ ଆଶା ସଞ୍ଚାର ହୋଇଥିଲା। ମାତ୍ର ୮ ମାସ ହେଲା ଏଥିରେ କୌଣସି ଅଗ୍ରଗତି ହୋଇପାରିନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟରେ ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଚାଲିଥିବା ବେଳେ ଏଭଳି ମହତ୍ୱକାଂକ୍ଷୀ ପ୍ରକଳ୍ପକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଇବାକୁ ବୁଦ୍ଧିଜୀବୀଙ୍କ ମହଲରୁ ଦାବି ହୋଇଛି।

## ବିଜେଡି ହାତରୁ ଖସିଲା ତାଳଚେର ପୌର ପରିଷଦ

# ଚାପଗ୍ରସ୍ତ ହୋଇ ଇସ୍ତଫା ଦେଇଛି: ପୌରାଧ୍ୟକ୍ଷ

**୧୩ ପାରିଷଦଙ୍କ ସହ ଦଳ ଛାଡ଼ିଲେ ପୌରାଧ୍ୟକ୍ଷ**

ତାଳଚେର,୨୬।୧୧(ସମିସ): ବିଜେଡି ହାତରୁ ଖସିଛି ତାଳଚେର ପୌର ପରିଷଦ। ପୌରାଧ୍ୟକ୍ଷ ପବିତ୍ର ଭୁତିଆଙ୍କ ସହ ୧୩ ଜଣ ପାରିଷଦ ବିଜେଡିରୁ ଇସ୍ତଫା ଦେଇଛନ୍ତି । ସେମାନେ ନିଜନିଜ ଇସ୍ତଫାପତ୍ର ଦଳର ରାଜ୍ୟ ସଭାପତି ଓ ଅନୁଗୋଳ ଜିଲ୍ଲା ସଭାପତିଙ୍କ ପାଖକୁ ପଠାଇ ଦେଇଛନ୍ତି। ଅନ୍ୟପକ୍ଷରେ ପୌରାଧ୍ୟକ୍ଷ ଶ୍ରୀ ଭୁତିଆ ଚାପଗ୍ରସ୍ତ ହୋଇ ଦଳରୁ ଇସ୍ତଫା ଦେଇଥିବା ପ୍ରକାଶ କରିଛନ୍ତି। ତେବେ କିଏ ତାଙ୍କ ଉପରେ କି ପ୍ରକାର ଚାପ ପକାଇଛି, ସେ ସମ୍ପର୍କରେ ସେ ନିରୁତ୍ତର ରହିଛନ୍ତି ।

ସୂଚନା ଅନୁସାରେ ପୌରାଧ୍ୟକ୍ଷ ଶ୍ରୀ ଭୁତିଆଙ୍କ ସହ ପାରିଷଦ ଆସିଫ ଖାଁ, ଯଶୋବନ୍ତ ମିଶ୍ର, ଲିପିକା ବେହେରା, ସଂଜୀବ ବେହେରା, ଜିତେନ୍ଦ୍ର ଭୁତିଆ, ମମତା ରାଉତ, ଅଜିତ କୁମାର ସାହୁ, ନିରୂପମା ପଟ୍ଟନାୟକ, ସଂଜୀବ ଗଡ଼ନାୟକ, ବଲବିନ୍ଦର କୌର, ସବିତା ପାଲ, ଲିନା ସାହୁ, ଶାନ୍ତନୁ କୁମାର ମିଶ୍ର ବ୍ୟକ୍ତିଗତ କାରଣରୁ ବିଜେଡି ତ୍ୟାଗ କରିଥିବା ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି । ତେବେ ଆସନ୍ତା ୨୮ ତାରିଖରେ ସେମାନେ ବିଜେପିରେ ଯୋଗ ଦେବେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି ଏବଂ ପୌରାଧ୍ୟକ୍ଷ ଶ୍ରୀ ଭୁତିଆ ନିଜର ପଦ ବଜାୟ ରଖିବା ପାଇଁ ଦଳର ୧୩ ଜଣ ପାରିଷଦଙ୍କୁ ସାଥୀରେ ନେଇ ଦଳ ଛାଡ଼ିଥିବା କୁହାଯାଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୨ରେ ଅନୁଷ୍ଠିତ ନିର୍ବାଚନରେ ୨୧ ୱାଡର୍ ବିଶିଷ୍ଟ ତାଳଚେର ପୌର ପରିଷଦରେ ୧୮ ୱାଡର୍‌ରେ ବିଜେଡି ଓ ୩ଟି ୱାଡର୍‌ରେ ବିଜେପି ବିଜୟୀ ହୋଇଥିଲା। ପୌରାଧ୍ୟକ୍ଷ ଭାବରେ ବିଜେଡିର ପବିତ୍ର ଭୁତିଆ ମଧ୍ୟ ବିଜୟଲାଭ କରିଥିଲେ।

## ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗର ଜବତ

**ସାକ୍ଷୀଗୋପାଳ,୨୬।୧୧(ସମିସ):** ପୁରୀ ପୁଲିସ ଦ୍ୱାରା ଅପରେସନ ଚକ୍ର ଆଧାରରେ ନିଶା ବେପାରୀଙ୍କ ବିରୁଦ୍ଧରେ ଜାରି ରହିଥିବା କାର୍ଯ୍ୟାନୁଷ୍ଠାନକୁ ବୁଧବାର ଆଉ ଏକ ସଫଳତା ମିଳିଛି। ଏହି କ୍ରମରେ ସତ୍ୟବାଦୀ ପୁଲିସ ଦ୍ୱାରା ପ୍ରାୟ ୧୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ଜବତ ସଙ୍ଗେ ସଙ୍ଗେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ବୁଧବାର ସକାଳ ସମୟରେ ନିଶା କାରବାର ସମ୍ପର୍କରେ ବିଶେଷ ସୂତ୍ରରୁ ସୂଚନା ପାଇ ସତ୍ୟବାଦୀ ଥାନାର ସବ୍‌ଇନ୍ସପେକ୍ଟର ସୁକାନ୍ତି ମୁର୍ମୁଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ନିକଟସ୍ଥ ସାକ୍ଷୀଗୋପାଳ କଲେଜ ଛକ, ଜୟା ହୋଟେଲ ପାଖ, ଅହମ୍ମଦପୁର-ବାସୁକେରା ରୋଡ୍‌ରେ ଚଢ଼ଉ କରି ସେଠାରେ ସନ୍ଦେହଜନକ ଭାବରେ ବୁଲୁଥିବା ସତ୍ୟବାଦୀ ଥାନା ଅହମଦପୁରର ସେକ୍ ସାଜିଦ୍‌ଙ୍କୁ ପଚରାଉଚରା କରିଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତାଙ୍କର ଯାଞ୍ଚ କରିବାରେ ୧୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ମିଳିଥିଲା। ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ଏଥିସହ ନଗଦ ୨୩୫୦ ଟଙ୍କା ଓ ବ୍ରାଉନ୍‌ସୁଗର ପୁଡ଼ିଆ ତିଆରିରେ ବ୍ୟବହାର ହେଉଥିବା ସାମଗ୍ରୀ ଆଦି ଜବତ କରାଯାଇଛି। ବେଆଇନ ନିଶା କାରବାର ଅଭିଯୋଗରେ ତାଙ୍କ ବିରୋଧରେ ଏନ୍‌ଡିପିଏସ୍ ଆଇନ ଅନୁସାରେ ୨୧ ବି ଓ ୨୯ ଏନ୍‌ଡିପିଏସ୍ ଦଫାରେ ୪୧୬/୨୦୨୫ ନମ୍ବରରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅଭିଯୁକ୍ତକୁ ବୁଧବାର କୋର୍ଟଚାଲାଣ କରାଯାଇଛି। ପୁରୀ ଜିଲ୍ଲା ଏସ୍‌ପିଙ୍କ ନିର୍ଦ୍ଦେଶମତେ ଆଗାମୀ ଦିନରେ ନିଶା ମାଫିଆଙ୍କ ବିରୋଧରେ ଚଢ଼ଉ ଜୋର୍‌ଦାର୍ ଜାରି ରହିବ ବୋଲି ପିପିଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରକାଶ କରିଛନ୍ତି।

## କବାଟ ଭାଙ୍ଗି ଲୁଟିନେଲେ ଲକ୍ଷେ ଟଙ୍କା

**କଣାସ,୨୬।୧୧(ସମିସ):** କଣାସ ଥାନା ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ଅଶ୍ୱସ୍ତପାରି ଗ୍ରାମର ପ୍ରଭାତ ମଙ୍ଗରାଜଙ୍କ ବାସଗୃହ ସମ୍ମୁଖ ଗ୍ରୀଲ୍ ଭାଙ୍ଗି ଦୁର୍ବୃତ୍ତମାନେ ଘରେ ପଶି ନଗଦ ୨୦ ହଜାର ଟଙ୍କା, ତାଙ୍କ ପତ୍ନୀ ପିନ୍ଧିଥିବା ମଙ୍ଗଳସୂତ୍ର ବେକରୁ କାଟି ନେଇଯାଇଥିବା ପ୍ରଭାତ କଣାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରି ଯାଇଥିବା ଜିନିଷର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ହେବ ବୋଲି ପ୍ରକାଶ କରିଛନ୍ତି। ଖବର ପାଇ କଣାସ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ସନ୍ଧାନ ପାଇ ନ ଥିବା ଜଣାପଡ଼ିଛି। ଗତ କିଛିଦିନ ହେଲା କଣାସ ଥାନା ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବା ଜଣାପଡ଼ିଛି। ୮ ଦିନ ତଳେ ବଳାଜିତପୁର ଗ୍ରାମରୁ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ସୁନା, ରୁପା ଚୋରି କରିଥିବାବେଳେ କିଛି ଦିନ ତଳେ କୋଟକଣା ଓ ଅଣ୍ଡାଳସିଂହ ଗ୍ରାମରୁ ଘର ଦୁଆରେ ଥିବା ଦୁଇଟି ବାଇକ୍‌କୁ ଦୁର୍ବୃତ୍ତମାନେ ଚୋରି କରି ନେଇଯାଇଥିଲେ। କଣାସ ଅଞ୍ଚଳରେ ବ୍ରାଉନ୍‌ସୁଗର କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବାରୁ ନିଶାଗ୍ରସ୍ତ ବ୍ୟକ୍ତିମାନେ ଛୋଟବଡ଼ ଚୋରିରେ ସକ୍ରିୟ ହେଉଥିବା ଜନସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

## ନୟାହାଟ-କଳାବୁଦା ରାସ୍ତା ଶୋଚନୀୟ



**ନୟାହାଟ,୨୬।୧୧(ସମିସ):** ଗ୍ରାମ୍ୟ ଉନ୍ନୟନ ଅଧୀନରେ ଥିବା ନୟାହାଟରୁ କଳାବୁଦା ଦୀର୍ଘ ୧୦ କି.ମି ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଦେସ୍ଥଳିଠାରୁ ବଡ଼ତୋଟା ପର୍ଯ୍ୟନ୍ତ ବଡ଼ ବଡ଼ ଖାଲରେ ପରିଣତ ହୋଇଥିବାବେଳେ ଯାତାୟାତରେ ଲୋକମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାଟି ନୟାହାଟରୁ କୋଣାର୍କ ପର୍ଯ୍ୟନ୍ତ ଯାଇଥିବାବେଳେ ପ୍ରତିଦିନ ଲକ୍ଷ୍ମୀ ବସ୍ ଓ ପୁରୀକୁ ଯାଉଥିବା ଯାତ୍ରୀବାହୀ ବସ୍ ଉକ୍ତ ଖାଲରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଉପରେ ଦେସ୍ଥଳି, ଇଶାଣପୁର, ବଉଲାଙ୍ଗ ପଞ୍ଚାୟତର ଲୋକେ ନିର୍ଭର କରିଥା'ନ୍ତି। ରାସ୍ତା ମରାମତି ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବେହେଳାରୁ ଏହାର ମରାମତି ହୋଇପାରୁ ନାହିଁ ବୋଲି ଦେସ୍ଥଳି ସରପଞ୍ଚ ରିସ୍ମା ସ୍ୱାଇଁ ଅଭିଯୋଗ କରିଛନ୍ତି।

## କୁଳମଣି ବିଶ୍ୱାଳଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର



**ସାକ୍ଷୀଗୋପାଳ,୨୬।୧୧(ସମିସ):** ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଲୋକକଳା ଗ୍ରାମ ସାରଙ୍ଗଯୋଡ଼ି ଅନ୍ତର୍ଗତ ବାଇଁଶିବାଡ଼ି ଗ୍ରାମର ବର୍ଷୀୟାନ ଲୋକକଳା ଗୁରୁ କୁଳମଣି ବିଶ୍ୱାଳଙ୍କୁ ଓଡ଼ିଶା ସଙ୍ଗୀତ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ବୁଧବାର ଲୋକସେବା ଭବନରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୨୩, ୨୦୨୪ ଓ ୨୦୨୫ ପାଇଁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର 'ଉପାୟନ' ଓ କବିଚନ୍ଦ୍ର କାଳୀଚରଣ ଯୁବପ୍ରତିଭା ସମ୍ମାନ ପ୍ରଦାନ ପାଇଁ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ଆକାଶ ଦାସନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ବିଶ୍ୱାଳଙ୍କୁ ୨୦୨୩ ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ (ଲୋକବାଦ୍ୟ) ପୁରସ୍କାର ପ୍ରଦାନ କରିଥିଲେ। ପିଲାଟି ଦିନରୁ ଶ୍ରୀ ବିଶ୍ୱାଳ ସଙ୍ଗୀତରେ ସାଧନାରତ ରହି ପାଲା, ସଂକୀର୍ତ୍ତନ, ଦାସକାଠିଆ ସମେତ ସମସ୍ତ ଲୋକକଳାରେ ପାରଦର୍ଶିତା ଅର୍ଜନ କରିଛନ୍ତି। ଲୋକକଳା ଗୁରୁ ଭାବେ ଯୁବପୀଢ଼ିଙ୍କୁ ମାର୍ଗଦର୍ଶନ କରୁଛନ୍ତି। ତାଙ୍କର ଏ ସଫଳତାରେ ଲୋକକଳା ଗ୍ରାମ ସାରଙ୍ଗଯୋଡ଼ି ସମେତ ସମସ୍ତ କଳାକାରଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ସାମୁଦ୍ରିକ କଇଁଛ ସୁରକ୍ଷା ପ୍ରଶିକ୍ଷଣ କର୍ମଶାଳା

**କୃଷ୍ଣପ୍ରସାଦ,୨୬।୧୧(ସମିସ)**




ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ଚିଲିକା ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସାମୁଦ୍ରିକ କଇଁଛ ସୁରକ୍ଷା ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ଅଧକ୍ଷତା କରିଥିଲେ। ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୂର୍ଯ୍ୟକାନ୍ତ ମହାରଣାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ କୃଷ୍ଣପ୍ରସାଦ ବିଡିଓ ଅମିୟ କୁମାର ପଣ୍ଡା, ପରିବେଶବିତ୍ ଧନେଶ୍ୱର ବିଧାର, ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ବ୍ଲକ୍ ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନୂଆପଡ଼ା ବନାଞ୍ଚଳ ଅଧିକାରୀ ମଞ୍ଚ ପରିଚାଳନା କରିଥିଲେ। ବୈଠକରେ ରମ୍ଭା ରେଞ୍ଜର ମାନସ ରଞ୍ଜନ ମହାପାତ୍ର, ବାଲୁଗାଁ ରେଞ୍ଜର ରଶ୍ମିତା ଜେନା, ବନପାଳ ବିଶ୍ୱନାଥ ଟୁଡୁ, ବନପାଳ ପ୍ରଣୟ କୁମାର ଜୟସିଂହ, ବନପାଳ ଦିଲ୍ଲୀପ କୁମାର ସ୍ୱାଇଁ, ବନପାଳ ସୁଜିତ୍ କୁମାର ବେହେରା, ବନପାଳ ବଳରାମ ସାହୁ, ବନପାଳ ମୀନା କୁମାରୀ ନାୟକଙ୍କ ସମେତ ବନଖଣ୍ଡର ବନପାଳ, ବନରକ୍ଷୀ ଓ ସୁରକ୍ଷା କର୍ମୀ ଯୋଗଦେଇ ମୁଖ୍ୟତଃ ସାମୁଦ୍ରିକ କଇଁଛ ସୁରକ୍ଷା ଓ ଏହାର ବଂଶ ବିସ୍ତାର ଦ୍ୱାରା ମଣିଷ ଓ ପରିବେଶ ଉପରେ କିପରି ସୁପ୍ରଭାବ ପଡ଼ିଥାଏ ସେ ଦିଗରେ ଆଲୋଚନା କରିଥିଲେ। ସାମୁଦ୍ରିକ କଇଁଛମାନଙ୍କର ସୁରକ୍ଷା ଓ ଯତ୍ନ ସମ୍ପର୍କରେ ଡାକ୍ତର ଶିବ ପ୍ରସାଦ ପରିଡ଼ା, ଡା. ସତ୍ୟ ରଞ୍ଜନ ବେହେରା, ବନ୍ୟପ୍ରାଣୀ ବିଶେଷଜ୍ଞ ସୌମ୍ୟ ରଞ୍ଜନ ଗୋଛାୟତ, ରବୀନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଚିଲିକା ନୂଆପଡ଼ା ବନପାଳ ରଶ୍ମୀ ରଞ୍ଜନ ନାୟକ, ବନପାଳ ଗୌରାଙ୍ଗ ପ୍ରଧାନ, ବନପାଳ ଅର୍ଜୁନ ପ୍ରଧାନ, ବନରକ୍ଷୀ ଅନିଲ କୁମାର ସାହୁ, ଲକ୍ଷ୍ମଣ ବେହେରା ପ୍ରମୁଖ କର୍ମଶାଳା ଆୟୋଜନରେ ସହଯୋଗ କରିଥିଲେ।

## ନିମାପଡ଼ା ଡିଏଭି ପବ୍ଲିକ୍ ସ୍କୁଲର ପ୍ରତିଷ୍ଠା ଦିବସ




**ନିମାପଡ଼ା,୨୬।୧୧(ସମିସ):** ବୁଧବାର ନିମାପଡ଼ାସ୍ଥିତ ଡିଏଭି ପବ୍ଲିକ ସ୍କୁଲର ୨୭ତମ ପ୍ରତିଷ୍ଠା ଦିବସ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପ୍ରାଙ୍ଗଣରେ ଆର୍ଯ୍ୟ ସମାଜ ରୀତିରେ ଯଜ୍ଞ ଆହୁତି କରାଯାଇଥଲା। ପଣ୍ଡିତ ବିରେନ୍ଦ୍ର କରଙ୍କ ମନ୍ତ୍ରପାଠରେ ଯଜ୍ଞ ଓ ପୂଜା କାର୍ଯ୍ୟ କରାଯାଇଥିବାବେଳେ ସ୍କୁଲର ଅଧକ୍ଷ ଏମ୍ ଏମ୍ ହକ୍ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ବିଦ୍ୟାଳୟର ଅଧକ୍ଷ ଏମ୍‌ଏମ୍ ହକ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଶାଖା ପରିଚାଳକ ଦେବେନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ବ୍ୟବସାୟୀ ମହେନ୍ଦ୍ର ସିଂ ଭାଟିଆ, ଯୋଗେନ୍ଦ୍ର ସାହୁ, ବରିଷ୍ଠ ଶିକ୍ଷକ ବିରେନ୍ଦ୍ର କର ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଶିକ୍ଷା ଆହରଣ କରି ନିଜର ଭବିଷ୍ୟତ ଗଠନ କରିବା ସହ ସାମାଜିକତା, ପରୋପକାରିତା ଆଦି ଗୁଣ ଶିକ୍ଷାଲାଭ କରିଥା'ନ୍ତି ବୋଲି ଅତିଥିମାନେ ମତପ୍ରକାଶ କରିବା ସହିତ ରକ୍ତଦାନ ଶିବିର ଆୟୋଜନକୁ ବେଶ୍ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଏହି ପବିତ୍ର ଦିବସରେ ରକ୍ତ ସଂଗ୍ରହ ନିମନ୍ତେ ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ କଟକରୁ ଅଭିଜ୍ଞ ଡାକ୍ତର ରାଜ ନାରାୟଣ ସ୍ୱାଇଁ ଏବଂ ତାଙ୍କ ସହକର୍ମୀ ଆସି ସହଯୋଗ କରିଥିଲେ। ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀଙ୍କ ସମେତ ଅନେକ ଅଭିଭାବକ ଓ ଅଭିଭାବିକା ରକ୍ତଦାନ କରିଥିଲେ। ମୋଟ୍ ୪୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## କୁମ୍ଭକାରଙ୍କ କୁରାଳ ପଞ୍ଚମୀ ପର୍ବ



**ବ୍ରହ୍ମଗିରି/ନିମାପଡ଼ା,୨୬।୧୧(ସମିସ):** ବ୍ରହ୍ମଗିରି ଓ ନିମାପଡ଼ା ଅଞ୍ଚଳରେ ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି କୁମ୍ଭକାରମାନଙ୍କର କୁରାଳ ପଞ୍ଚମୀ ପର୍ବ। ମାର୍ଗଶୀର ଶୁକ୍ଳ ପଞ୍ଚମୀଠାରୁ ପାଞ୍ଚ ଦିନବ୍ୟାପୀ କୁମ୍ଭକାରମାନଙ୍କ ପବିତ୍ର କୁରାଳ ପଞ୍ଚମୀ ପର୍ବ ଆରମ୍ଭ ହୋଇଛି। ଏହି ଅବସରରେ କୁମ୍ଭକାରମାନେ ହାଣ୍ଡିଗଢ଼ା କାର୍ଯ୍ୟ ବନ୍ଦ ରଖି ସେମାନଙ୍କର ହାଣ୍ଡିଗଢ଼ା ସରଞ୍ଜାମ ଯଥା- ଚକ, ପିଣ୍ଡ, ପିଟଣାକୁ ପୂଜା କରିଥା'ନ୍ତି। ସମସ୍ତ କୁମ୍ଭକାର ଅତି ଶୁଦ୍ଧପୁତ ଭାବେ ହବିଷ୍ୟାନ୍ନ ଭୋଜନ ପୂର୍ବକ ସେମାନଙ୍କ ଇଷ୍ଟ ଦେବତା ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କୁ ଲକ୍ଷ୍ମୀ ନାରାୟଣ ରୂପେ ପୂଜା କରିଛନ୍ତି। ରେବଣା ନୂଆଗାଁ, ଗଡ଼ରୋଡ଼ଙ୍ଗ ସହରସାହି, ମାଡ଼ପଦା ଆଦି କୁମ୍ଭକାର ଗ୍ରାମରେ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ସେହିପରି ନିମାପଡ଼ା ଓ ତାହାର ଆଖପାଖର ଚାରିଛକ, ପିତାପଡ଼ା, ବ୍ରହ୍ମକୁଣ୍ଡୀ, ବଳଙ୍ଗା ଆଦି ଅଞ୍ଚଳରେ ସମସ୍ତ କୁମ୍ଭକାର ଏହି ପର୍ବକୁ ଧୁମ୍‌ଧାମରେ ପାଳନ କରିଛନ୍ତି। ବିଭିନ୍ନ ସ୍ଥାନରେ ସାର୍ବଜନୀନ ପୂଜାମଣ୍ଡପ ସ୍ଥାପନ କରାଯାଇ ରୁଦ୍ରପାଳ-ରତ୍ନେଶ୍ୱରୀଙ୍କ ପୂଜା ଚାଲିଛି। ପାଞ୍ଚ ଦିନରେ ପାଞ୍ଚ ପ୍ରକାର ଭୋଗ କରାଯିବାର ପରମ୍ପରା ରହିଛି। ପ୍ରଥମ ଦିନରେ ଅରୁଆ ଅନ୍ନ, ଦ୍ୱିତୀୟ ଦିନରେ କେବଳ ପିଠା, ତୃତୀୟ ଦିନରେ ଦହିପଖାଳ, ଚତୁର୍ଥ ଦିନରେ ଖେଚୁଡ଼ି ଓ ପଞ୍ଚମ ଦିନରେ ଚକୁଳି ଭୋଗ କରାଯାଇ ଠାକୁରଙ୍କୁ ବିସର୍ଜନ କରାଯିବ।

## ପାରମ୍ପରିକ ଖାଦ୍ୟ ଓ ବିଜ୍ଞାନ ମେଳା



**ନିମାପଡ଼ା,୨୬।୧୧(ସମିସ):** ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ନହନ୍ତରା ନୋଡାଲ ଉଚ୍ଚ ବିଦ୍ୟାଳୟରେ ସୋମବାର ପାରମ୍ପରିକ ଖାଦ୍ୟ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ମେଳାରେ ମୁଖ୍ୟ ଅତିଥିଭାବେ ଦିଘାଲୋ ଏନ୍‌ଏମ୍‌ପି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କବିତା ସେନାପତି, ସମ୍ମାନିତ ଅତିଥିଭାବେ ଶିକ୍ଷକ ପ୍ରତାପ କୁମାର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କର ବୈଜ୍ଞାନିକ ମନୋବୃତ୍ତିର ବିକାଶ ତଥା ବିକଶିତ ଭାରତ ଗଠନରେ ସକାରାତ୍ମକ ଯୋଗଦାନକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀଙ୍କ ସଫଳତା ପାଇଁ ମାର୍ଗଦର୍ଶକ ଭାବେ କ୍ରୀଡ଼ା ଶିକ୍ଷୟିତ୍ରୀ ତପସ୍ୱିନୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ମେଳାରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହଯୋଗରେ ମେଳା କାର୍ଯ୍ୟ ସଫଳ ହୋଇଥିଲା।


## ସିଭିଲ୍ ସୋସାଇଟି ବୈଠକ ନିମନ୍ତେ ପ୍ରସ୍ତୁତି

**ଚାରିଛକ,୨୬।୧୧(ସମିସ):** ନିମାପଡ଼ା-ଗୋପ ସିଭିଲ୍ ସୋସାଇଟିର ଏକ ସାଧାରଣ ପରିଷଦ ବୈଠକ ଆସନ୍ତା ୨୮ ତାରିଖରେ ଚାରିଛକ ନିକଟସ୍ଥ ମା' ବିଳାଶୁଣୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହେବ। ଏନେଇ ବୁଧବାର ଚାରିଛକ ଏକାନ୍ତ ଆଶ୍ରମଠାରେ ପ୍ରାକ୍ତନ ଅଧକ୍ଷ, ସିଣ୍ଡିକେଟ୍ ସଦସ୍ୟ ତଥା ସିଭିଲ୍ ସୋସାଇଟି କାର୍ଯ୍ୟକାରୀ ସଭାପତି ପ୍ରଫେସର ଗୋପୀନାଥ କରଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବରିଷ୍ଠ ଆଇନଜୀବୀ ତଥା ସିଭିଲ୍ ସୋସାଇଟିର ସଭାପତି ସୁଧିର କୁମାର ମହାନ୍ତି, ଉପସଭାପତି ଅକ୍ଷୟ କୁମାର ନାୟକ, କେନ୍ଦ୍ରୀୟ ଅବକାରୀ ବିଭାଗର ଅବସରପ୍ରାପ୍ତ ଡେପୁଟି କମିଶନର ଚନ୍ଦ୍ରକାନ୍ତ ଦଳାଇ, ସମାଜସେବୀ ସନାତନ ପାତ୍ର, ଡ. କେଦାରନାଥ ସାହୁ, ପ୍ରଫୁଲ୍ଲ କୁମାର କର ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୨୮ ତାରିଖ ସାଧାରଣ ପରିଷଦ ବୈଠକକୁ ସଫଳ କରିବା ସହିତ ଚାରିଛକ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ତାହାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ସବୁ ଉପସ୍ଥାପନ କରାଯିବ ବୋଲି ପ୍ରଫେସର ଶ୍ରୀ କର ପ୍ରକାଶ କରିଛନ୍ତି।

## ଶ୍ରୀଗୋପାଳଜୀଉଙ୍କ ଓଢ଼ଣ ଷଷ୍ଠୀ ଓ ଘୋଡ଼ଲାଗି

**ସାକ୍ଷୀଗୋପାଳ,୨୬।୧୧(ସମିସ):** ବୁଧବାର ପବିତ୍ର ମାର୍ଗଶିର ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥି ବା ଓଢ଼ଣ ଷଷ୍ଠୀ। ଏହି ଅବସରରେ ସାକ୍ଷୀଗୋପାଳ ମନ୍ଦିରରେ ଠାକୁର ଶ୍ରୀଶ୍ରୀ ଗୋପାଳଜୀଉଙ୍କର ଘୋଡ଼ଲାଗି ବେଶ ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ବେଶ ଆସନ୍ତା ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ବେଶରେ ଠାକୁରଙ୍କ ଆପାଦମସ୍ତକ ଶୀତବସ୍ତ୍ରରେ ଆଚ୍ଛାଦିତ ହେଉଥିବାରୁ ଏହି ସମୟରେ ଭକ୍ତ ଓ ଶ୍ରଦ୍ଧାଳୁମାନେ କେବଳ ଠାକୁରଙ୍କ ଶ୍ରୀମୁଖ ଦର୍ଶନ କରିପାରିବେ। ଦୈନନ୍ଦିନ ଦେବନୀତି ମଧ୍ୟରେ ବୀରକେଶରୀ ବଲ୍ଲଭ ଭୋଗ ଶେଷ ପରେ ଦ୍ୱିପ୍ରହର ଧୂପ ବେଶରେ ଠାକୁରଙ୍କ ଘୋଡ଼ଲାଗି ବେଶ ଅନୁଷ୍ଠିତ ହୋଇଥିଲା। ଛତ୍ରୀ, ତ୍ରାସ, ଘଣ୍ଟ, ମହୁରୀ, ତେଲିଙ୍ଗି ବାଜା ସହିତ ପାଳିଆ ପତ୍ରୀ ସେବକ ନୂତନ ଘୋଡ଼ ସହିତ ବେଢ଼ା ପରିକ୍ରମା କରିଥିଲେ। ଠାକୁର ଶ୍ରୀଶ୍ରୀ ଗୋପାଳଜୀଉ ଓ ଠାକୁରାଣୀ ଶ୍ରୀଶ୍ରୀ ରାଧାରାଣୀଙ୍କ ନୂତନ ବସ୍ତ୍ର ସହ ଘୋଡ଼ଲାଗି ଅନୁଷ୍ଠିତ ହୋଇଥିଲା। ଜାତଭୋଗ, ଆଳତି, ଉପଚାର ଅନୁଷ୍ଠିତ ହୋଇଥିଲା। ମନ୍ଦିର ଦର୍ଜି ସେବକ ସତ୍ୟବାଦୀ ମହାପାତ୍ର ରେଶମ କପଡ଼ାରେ ଘୋଡ଼ ଓ ମଫଲର ପ୍ରସ୍ତୁତ କରିଥିଲେ। ପୂଜାପଣ୍ଡା ବିଜୟ ମହାପାତ୍ର, ସିଂହାରୀ ସିପୁ ମହାପାତ୍ର, ନରହରି ମହାପାତ୍ର, ପାଳିଆ ପତ୍ରୀ ରଣଜିତ ପତ୍ରୀ, ଭଣ୍ଡାର ମେକାପ ପ୍ରଶାନ୍ତ କୁମାର ମେକାପ ଓ ଅନ୍ୟମାନେ ଏହି ବେଶରେ ସହଯୋଗ କରିଥିଲେ। ସେହିପରି ଶ୍ରୀରାମ ମନ୍ଦିର, ମହାବୀର ମନ୍ଦିର, ପତିତପାବନ ଦେବ ଏବଂ ସତ୍ୟବାଦୀର ବିଭିନ୍ନ ଗ୍ରାମ ମନ୍ଦିର ଓ ମଠରେ ଠାକୁରଙ୍କୁ ଘୋଡ଼ଲାଗି ବେଶ ଆରମ୍ଭ ହୋଇଛି।

## ଅଲାରନାଥଙ୍କୁ ଲାଗିହେଲା ଘୋଡ଼ବସ୍ତ୍ର



**ବ୍ରହ୍ମଗିରି,୨୬।୧୧(ସମିସ):** ବୁଧବାର ପ୍ରଭୁ ଅଲାରନାଥଙ୍କୁ ଲାଗିହୋଇଛି ଘୋଡ଼ବସ୍ତ୍ର। ଶୀତ ପ୍ରକୋପରୁ ରକ୍ଷା ପାଇଁ ଅଲାରନାଥଙ୍କୁ ପିନ୍ଧାଗଲା ଶୀତବସ୍ତ୍ର। ମାର୍ଗଶିର ମାସ ଶୁକ୍ଳ ପକ୍ଷ ଓଢ଼ଣ ଷଷ୍ଠୀ ଅର୍ଥାତ ବୁଧବାରଠାରୁ ଶୀତବସ୍ତ୍ର ପରିଧାନ କରାଯାଇଛି। ଅଭିଜ୍ଞ ବ୍ରାହ୍ମଣମାନେ ଠାକୁରଙ୍କୁ ବସ୍ତ୍ର ସମୂହ ଅଧିବାସ କରିଛନ୍ତି। ଏହି ବେଶ ବୁଧବାରଠାରୁ ଆରମ୍ଭ ହୋଇ ବସନ୍ତ ପଞ୍ଚମୀ ପୂର୍ବ ଦିନ ପର୍ଯ୍ୟନ୍ତ ଭକ୍ତମାନେ ଦର୍ଶନ କରିବେ। ଭୋର୍ ୪ଟାରୁ ଶ୍ରୀଜୀଉଙ୍କ ମନ୍ଦିର ଫିଟାଯାଇ ମଙ୍ଗଳଆଳତି ପରେ ଅବକାଶ ଓ ଚନ୍ଦନ ତୁଳସୀ ଲାଗି କରାଯାଇଥିଲା। ତା'ପରେ ଘୋଡ଼ଲାଗି ବେଶରେ ପ୍ରଭୁଙ୍କ ଦର୍ଶନ କରିଛନ୍ତି ଭକ୍ତମାନେ। ଅଲାରନାଥଙ୍କ ନିକଟରେ ଦ୍ୱିପହର ଧୂପରେ ଶଙ୍ଖୁଡ଼ି ଭୋଗ ଲାଗି କରାଯାଇଥିଲା। ଏହାପରେ ଶ୍ରୀଜୀଉଙ୍କୁ ପହୁଡ଼ କରାଯାଇଥିଲା। ସନ୍ଧ୍ୟାରେ ଆଳତି ବଢ଼ାଯିବା ସହ ରାତି ୧୧ଟାରେ ପହୁଡ଼ କରାଯାଇଥିଲା।

## ସାକ୍ଷୀଗୋପାଳ କଲେଜରେ ସଡ଼କ ସୁରକ୍ଷା ପକ୍ଷ

**ସାକ୍ଷୀଗୋପାଳ,୨୬।୧୧(ସମିସ):** ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ବୁଧବାର ସଡ଼କ ସୁରକ୍ଷା ପକ୍ଷ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ପୁଷ୍ପମିତ୍ରା ପଟ୍ଟନାୟକ ଅଧକ୍ଷତା କରିଥିଲେ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ପୁରୀର ଆସିଷ୍ଟାଣ୍ଟ ପରିବହନ ଅଧିକାରୀ ଦେବାଶିଷ ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ପକ୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ପୁରୀ ପରିବହନ ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ କୁମାର ପାତ୍ର ସଡ଼କ ସୁରକ୍ଷା ନିୟମ ଆଲୋଚନା କରିବା ସହ ଟ୍ରାଫିକ୍ ନିୟମ ପାଳନ ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ସେମାନଙ୍କୁ ପରିବହନ ଅଧିକାରୀମାନେ ପୁରସ୍କାର ସ୍ୱରୂପ ହେଲ୍‌ମେଟ୍ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସତ୍ୟବାଦୀ ଥାନାର ମହିଳା ଟ୍ରାଫିକ୍ ସବଇନ୍ସପେକ୍ଟର ଯୋଗଦେଇଥିଲେ। ମହାବିଦ୍ୟାଳୟର ଗଣିତ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲି, ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ମନୋଜ ପରିଡ଼ା ଓ ସମସ୍ତ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## କୃଷ୍ଣପ୍ରସାଦ ଗଡ଼କୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି

**ବ୍ରହ୍ମଗିରି,୨୬।୧୧(ସମିସ):** ପୁରୀଜିଲ୍ଲାକୃଷ୍ଣପ୍ରସାଦବ୍ଲକ୍‌ଅଞ୍ଚଳଟିପ୍ରାକୃତିକସୌନ୍ଦର୍ଯ୍ୟରେଭରପୂରହୋଇଛି। ମରାଳମାଳିନୀ ନୀଳାମ୍ବୁ ଚିଲିକାର ପାଦଦେଶରେ ଅବସ୍ଥିତ ଏହି କୃଷ୍ଣପ୍ରସାଦ ଗଡ଼ରେ ରହିଛି ଅନେକ କିଛି ଐତିହ୍ୟସ୍ଥଳୀ। ଯାହାକି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ୧୭୯୮ ମସିହାରେ ତତ୍କାଳୀନ ରାଜାଙ୍କ ଦ୍ୱାରା ନିର୍ମିତ ରାଜବାଟିକୁ ଦେଖିବା ପାଇଁ ମଧ୍ୟ ବର୍ଷତମାମ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥାଏ। ଏପରିକି ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଏଠାରେ ଅବସ୍ଥିତ ସରକାରୀ ଡାକବଙ୍ଗଳା ଏବଂ ରାଜବାଟି ପରିସରରେ ମଧ୍ୟ ରାତ୍ରିଯାପନ କରିଥା'ନ୍ତି। ଗଡ଼ଜାତ ପାରିକୁଦ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' କାଳିଜାଈ ଚିଲିକା ଗର୍ଭରେ ବିରାଜମାନ କରିଥିବାବେଳେ ଏଠାରୁ ୪ କି.ମି. ଦୂରରେ ପକ୍ଷୀ ଅଭୟାରଣ୍ୟ ନଳବଣ ଅବସ୍ଥିତ। ବର୍ଷର ବିଭିନ୍ନ ସମୟରେ ବିଦେଶାଗତ ପକ୍ଷୀମାନଙ୍କର ଏଠାରେ ସମାଗମ ହୋଇଥାଏ। ଏମାନଙ୍କୁ ଦେଖିବା ପାଇଁ ମଧ୍ୟ ପର୍ଯ୍ୟଟକ ଆସିଥା'ନ୍ତି। ଏଠାରେ ସର୍ବପୁରାତନ ଦଣ୍ଡକାଳୀଙ୍କ ପୀଠ ଶ୍ରୀଶ୍ରୀ ପ୍ରଭୁ ଗାଦିଶ୍ୱର ଦେବଙ୍କର ପୀଠ ମଧ୍ୟ ଅବସ୍ଥିତ। ଏତଦ୍‌ବ୍ୟତୀତ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗୁରୁବାଇ, ବଙ୍ଗୋପସାଗର କୂଳରେ କାଞ୍ଚିନି ଢାବା, ପୁରାତନ ଶୈବପୀଠଗୁଡ଼ିକ ମଧ୍ୟ ଐତିହାସିକ ସ୍ୱାକ୍ଷର ବହନ କରେ। ବର୍ଷତମାମ ଚିଲିକାର ନୀଳ ଜଳରାଶିରେ ନୌକା ବିହାର କରିବା ସମୟରେ ଡଲ୍‌ଫିନମାନଙ୍କର ଜଳକ୍ରୀଡ଼ା ଦୃଶ୍ୟ ଅତ୍ୟନ୍ତ ମନୋରମ। ଦର୍ଶକମାନେ ଏହାର ଭରପୂର ମନୋରଞ୍ଜନ ଉଠାଇଥା'ନ୍ତି। ପୁରୀ ଶ୍ରୀଜଗନ୍ନାଥଙ୍କ ମନ୍ଦିର ସହ ସାମଞ୍ଜସ୍ୟ ରଖୁଥିବା ପାରିକୁଦ ଗଡ଼ର ଜଗନ୍ନାଥ ମନ୍ଦିରର ଇତିହାସ ପୃଷ୍ଠାକୁ ଓଲଟାଇଲେ ଅନେକ କିଛି ରୋଚକ ତଥ୍ୟ ଦୃଷ୍ଟିଗୋଚର ହୁଏ। ତେଣୁ କୃଷ୍ଣପ୍ରସାଦ ଗଡ଼କୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିବା ନିମନ୍ତେ ସ୍ଥାନୀୟ ବ୍ରହ୍ମଗିରି ବିଧାୟିକା, ପୁରୀ ସାଂସଦ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ପୂର୍ବତନ ସରପଞ୍ଚ କୁମାର ସିଂହ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ପୂର୍ବତନ ସମିତିସଭ୍ୟ ସୀମାଞ୍ଚଳ ନାୟକ, ଶିକ୍ଷାବିତ୍ ପ୍ରମୋଦ ଦଳବେହେରା, ବୋଇତ ବନ୍ଦାଣ କମିଟି ସଭାପତି ବାଉରିବନ୍ଧୁ ଦଳେଇ, ସମାଜସେବୀ ନାଲୁ ପାହାଣ, ପ୍ରଶାନ୍ତ କୁମାର ନନ୍ଦ, ଭିକାରୀ ଚରଣ ପାତ୍ର, ରାଘବ କୁମାର ଗୁରୁଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

# ଓଡ଼ିଆ ସ୍ୱାଭିମାନର ପ୍ରତୀକ ଥିଲେ ରବି ରାୟ

**କୋଣାର୍କ,୨୬।୧୧(ସମିସ)**




### ୬ ପ୍ରତିଭାଙ୍କୁ ରବି ରାୟ ସମ୍ମାନ

ବୁଧବାର ରବି ରାୟ ସ୍ମୃତି ସଂସଦ ପକ୍ଷରୁ ଅର୍କକ୍ଷେତ୍ରର ପବିତ୍ର ମାଟିରେ ଓଡ଼ିଶାର ବରପୁତ୍ର ତଥା ପ୍ରାକ୍ତନ ଲୋକସଭା ବାଚସ୍ପତି ରବି ରାୟଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯାଇଛି। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୬ଜଣ ପ୍ରତିଭାଙ୍କୁ ରବି ରାୟ ସମ୍ମାନ ପ୍ରଦାନ କରାଯାଇଛି। ରବି ରାୟ ସ୍ମୃତି ସଂସଦର ସଭାପତି ଅଭିମନ୍ୟୁ ନାୟକଙ୍କ ପୌରୋହିତ୍ୟରେ ସ୍ଥାନୀୟ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ମୁଖ୍ୟ ଅତିଥି, ଓଡ଼ିଶାର ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ରାୟ ମହାପାତ୍ର, ଲେଖିକା ଡ. ସୁଲୋଚନା ଦାସ, ଗୀତିକବି ବିପିନ ମହାନ୍ତି ଓ ରବି ରାୟ ସ୍ମୃତି ସଂସଦର ସମ୍ପାଦକ ଭଗବାନ ସାହୁ ଯୋଗଦେଇ ରବି ରାୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ତାଙ୍କର ଆଦର୍ଶ ବ୍ୟକ୍ତିତ୍ୱ ତଥା କାର୍ଯ୍ୟାବଳୀର ସ୍ମୃତିଚାରଣ କରିଥିଲେ। ରବି ରାୟଙ୍କ ଆଦର୍ଶ ବ୍ୟକ୍ତିତ୍ୱକୁ ଅତି ନିକଟରୁ ଦେଖିଥିବା ଡ. ଦେବୀପ୍ରସନ୍ନ ପଟ୍ଟନାୟକ କହିଥିଲେ ଯେ ରବି ରାୟ ଥିଲେ ଜଣେ ପ୍ରଚଣ୍ଡ ସମାଜବାଦୀ ଜନନେତା, ମାଟିର ମଣିଷ ଏବଂ ଓଡ଼ିଆ ସ୍ୱାଭିମାନର ପ୍ରତୀକ। ରାଜନୈତିକ ଜୀବନରେ ସେ କାହା ସହିତ ସାଲିସ୍ କରିନାହାନ୍ତି। ଓଡ଼ିଶାର ସମସ୍ୟାକୁ ଓଡ଼ିଆ ଭାଷାରେ ସଂସଦରେ ଉପସ୍ଥାପିତ କରିବାରେ ସେ ଥିଲେ ଅଗ୍ରଗଣ୍ୟ। ପୂର୍ବତନ ମନ୍ତ୍ରୀ ଶ୍ରୀ ବେହେରା ରବି ରାୟଙ୍କ ରାଜନୈତିକ ଜୀବନର ତଥ୍ୟଭିତ୍ତିକ ବିବରଣୀ ପ୍ରଦାନ କରିଥିଲେ। ଡ. ସୁଲୋଚନା ଦାସ ରବି ରାୟଙ୍କ ଜୀବନକୁ ନେଇ ରଚନା କରିଥିବା 'ମାଟିରୁ ଆକାଶ' ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ରବି ରାୟ ସ୍ମୃତି ସଂସଦ ପକ୍ଷରୁ ଡ. ସୁଲୋଚନା ଦାସଙ୍କୁ ରବି ରାୟ ସ୍ମୃତି ସମ୍ମାନ, ଡାକ୍ତର ଦେବାଶିଷ ଜ୍ୟେଷ୍ଠୀଙ୍କୁ ରବି ରାୟ ସ୍ୱାସ୍ଥ୍ୟ ସମ୍ମାନ, କୈଳାସ ଚନ୍ଦ୍ର ସ୍ୱାଇଁଙ୍କୁ ରବି ରାୟ ସେବା ସମ୍ମାନ, କବୟିତ୍ରୀ ଗୀତାଶ୍ରୀ ପ୍ରିୟମ୍ବଦାଙ୍କୁ ରବି ରାୟ ସାରସ୍ୱତ ସମ୍ମାନ, ଶିକ୍ଷାବିତ୍ ରବୀନ୍ଦ୍ରନାଥ ବାହିନୀପତିଙ୍କୁ ରବି ରାୟ ଆଦର୍ଶ ଶିକ୍ଷକ ସମ୍ମାନ ଓ ମାନବାଧିକାର କର୍ମୀ ଡ. ଏନ୍‌ଏ ଶାହ ଅନ୍‌ସାରୀଙ୍କୁ ରବି ରାୟ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରବି ରାୟ ସ୍ମୃତି ସଂସଦର ମୁଖ୍ୟ ଉପଦେଷ୍ଟା ମନୋରଞ୍ଜନ ରାୟ, ଉପଦେଷ୍ଟା ରମେଶ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ମାଗୁଣି ଚରଣ ସେଠୀ, ପ୍ରଶାନ୍ତ କୁମାର ରାୟ, ବୈଜ୍ଞାନିକ ଡ. ଅଦ୍ୱୈତ କୁମାର ପାତ୍ର, ବାଲିପାଟଣା ପ୍ରେସ୍ କ୍ଲବ୍‌ର ସଭାପତି ଦିଲ୍ଲୀପ କୁମାର ଓଝା, ସମାଜସେବୀ ସଞ୍ଜୟ ବରାଳ, ସମାଜସେବୀ ରାମକୃଷ୍ଣ ମହାନ୍ତି, ବାଦଲ ଦତ୍ତ, କବି ପୂର୍ଣ୍ଣଚନ୍ଦ୍ର ମହାରଣା ଓ କାଳନ୍ଦୀ ସ୍ୱାଇଁଙ୍କ ସମେତ କୋଣାର୍କ ତଥା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ବୁଦ୍ଧିଜୀବୀ ଯୋଗଦେଇଥିଲେ।


BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

୨୬/୧୧/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୧୦,୬୫୬/- ସୁନା: ୦୬.୪୦୦ ଗ୍ରାମ୍ ରୁପା: ୩୨.୨୦୦ ଗ୍ରାମ୍







• 'ଅପରେସନ ଚକ୍ର'ରେ ପୁଲିସକୁ ସଫଳତା

## ୩ ମାସରେ ୧୪୨ ନାବାଳିକା ଓ ଯୁବତୀ ଉଦ୍ଧାର

ପୁରୀ,୨୬।୧୧(ସମିସ): ପୁରୀ ପୁଲିସ ପକ୍ଷରୁ ଚାଲିଥିବା ଅପରେସନ ଚକ୍ରରେ ହଜିଯାଇଥିବା ନାବାଳିକା ଓ ଯୁବତୀଙ୍କୁ ଉଦ୍ଧାର କରିବାରେ ସଫଳତା ମିଳିଛି। ଏସ୍‌ପି ପ୍ରତୀକ୍ ସିଂ ସମଗ୍ର ଜିଲ୍ଲାରେ ଅପରେସନ ଚକ୍ର ଅଭିଯାନ ଆରମ୍ଭ କରି ହଜିଯାଇଥିବା ନାବାଳିକା ବା ଯୁବତୀଙ୍କୁ ଯଥାଶୀଘ୍ର ଉଦ୍ଧାର କରିବା ଲାଗି ସମସ୍ତ ଥାନା ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ପୁରୀ ପୁଲିସର ନିରନ୍ତର ଚେଷ୍ଟା, ସମସ୍ତ ଥାନା ଆଇଆଇସି ଓ ଓଆଇସିଙ୍କ ଦୃଢ଼ ପଦକ୍ଷେପ ଯୋଗୁଁ ଏଥିରେ ସଫଳତା ମିଳିଛି। ବୁଧବାର ୪ ଜଣଙ୍କୁ ଉଦ୍ଧାର କରାଯାଇଛି। ବ୍ରହ୍ମଗିରି, ନିମାପଡ଼ା ଓ କାକଟପୁର ଥାନା ପକ୍ଷରୁ ଜଣେ ଲେଖାଏଁ ନାବାଳିକାକୁ ଉଦ୍ଧାର କରାଯାଇଥିବା ବେଳେ ସତ୍ୟବାଦୀ ଥାନା ଜଣେ ଯୁବତୀଙ୍କୁ ଉଦ୍ଧାର କରିଛି। ଏଥିସହ ଗତ ୩ ମାସରେ ଅପରେସନ ଚକ୍ର ଅଭିଯାନରେ ଜିଲ୍ଲାରେ ମୋଟ ୧୪୨ ଜଣ ନାବାଳିକା ଓ ଯୁବତୀ ଉଦ୍ଧାର ହୋଇଛନ୍ତି। ଏଥିରେ ୬୨ ଜଣ ନାବାଳିକା ଓ ୮୦ ଜଣ ଯୁବତୀ ରହିଛନ୍ତି। ଉଦ୍ଧାର ନାବାଳିକାଙ୍କ ମଧ୍ୟରେ ସିଟି ସବ୍‌ଡିଭିଜନରେ ୧୭ ଜଣ, ସଦର ସବ୍‌ଡିଭିଜନରେ ୧୫ ଜଣ, ନିମାପଡ଼ା ସବ୍‌ଡିଭିଜନରେ ୧୨ ଜଣ ଏବଂ ପିପିଲି ସବ୍ ଡିଭିଜନରେ ୧୮ ଜଣ ରହିଛନ୍ତି। ସେହିପରି ଉଦ୍ଧାର ଯୁବତୀଙ୍କ ମଧ୍ୟରେ ସିଟି ସବ୍‌ଡିଭିଜନରେ ୩୧ ଜଣ, ସଦର ସବ୍‌ଡିଭିଜନରେ ୮ ଜଣ, ନିମାପଡ଼ା ସବ୍‌ଡିଭିଜନରେ ୧୯ ଜଣ ଏବଂ ପିପିଲି ସବ୍‌ଡିଭିଜନରେ ୨୨ ଜଣ ରହିଛନ୍ତି।

## ୧୬ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

ପୁରୀ,୨୬।୧୧(ସମିସ): ବ୍ରାଉନ୍‌ସୁଗର ବିକ୍ରି ଅଭିଯୋଗରେ ଟାଉନ ଥାନା ପୁଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ନାଟମଣ୍ଡପ ସାହିର ଜ୍ୟୋତିରଞ୍ଜନ ଶତପଥୀ। ତା' ନିକଟରୁ ୧୬.୦୭ ଗ୍ରାମ୍ ବ୍ରାଉନ୍‌ସୁଗର, ନଗଦ ୧୩ ହଜାର ୬୦୦ ଟଙ୍କା, ଗୋଟିଏ ବାଇକ୍ ଏବଂ ୨ଟି ମୋବାଇଲ୍ ଜବତ ହୋଇଛି। ପୁଲିସ ସୂଚନା ମୁତାବକ, ଜ୍ୟୋତିରଞ୍ଜନ ବୁଧବାର ପୂର୍ବାହ୍ଣ ପ୍ରାୟ ୧୦ଟା ୧୫ ସମୟରେ ଜଗତ ପ୍ରତିହାରୀ ଜାଗା ପାଖରେ କିଛି ଯୁବକଙ୍କୁ ବ୍ରାଉନ୍‌ସୁଗର ବିକ୍ରି କରୁଥିଲା। ବିଶେଷ ସୂତ୍ରରୁ ଏହି ଖବର ପାଇବା ପରେ ଟାଉନ ଥାନାର ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ଚଢ଼ଉ କରି ତାକୁ ଧରିବାରେ ସଫଳ ହୋଇଛି। ତାକୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ତେବେ ସେ ପୂର୍ବରୁ ମଧ୍ୟ ଏହି ବ୍ରାଉନ୍‌ସୁଗର ବିକ୍ରି ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ଦ୍ୱାରା ଗିରଫ ହୋଇଥିଲା।

## ବେଆଇନ ବାଣ ତିଆରି; ଜଣେ ଗିରଫ

ପୁରୀ,୨୬।୧୧(ସମିସ): ଘରେ ବେଆଇନ ବାଣ ତିଆରି ଅଭିଯୋଗରେ ଚନ୍ଦନପୁର ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଭିକାରୀପଡ଼ାର ଦୁଃଶାସନ ପାତ୍ର। ଅଭିଯୁକ୍ତ ତାଙ୍କ ଘରେ ବେଆଇନ ଭାବେ ବାଣ ତିଆରି କରୁଥିଲେ। ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏଏସ୍‌ଆଇ ଜୟଦେବ ମହାପାତ୍ର ଓ ଅନ୍ୟ କର୍ମଚାରୀ ଚାଳିଶିବାଟିଆ ପଞ୍ଚାୟତରେ ପାଟ୍ରୋଲିଂ କରୁଥିବାବେଳେ ଦୁଃଶାସନ ବେଆଇନ ବାଣ ତିଆରି କରୁଥିବା ଖବର ପାଇଥିଲେ। ସଙ୍ଗେ ସଙ୍ଗେ ପାଟ୍ରୋଲିଂ କର୍ମଚାରୀ ତାଙ୍କ



ଘରେ ଅତର୍କିତ ଚଢ଼ଉ କରିଥିଲେ। ଏହି ସମୟରେ ପୁଲିସ ପ୍ରାୟ ୧ କେଜି ବାରୁଦ, ୩୧ଟି କୁମ୍ଭି, ୯ଟି ସ୍କାଏ ସର୍ଟ, ୭୫ଟି କ୍ରାକର ବମ୍ ଆଦି ଜବତ କରିଥିଲା। ବାଣ ତିଆରି ନେଇ ଦୁଃଶାସନକୁ ପୁଲିସ ଲାଇସେନ୍ସ ମାଗିଥିଲେ ହେଁ ସେ ଦେଇପାରି ନ ଥିଲେ। ତେଣୁ ବେଆଇନ ବାଣ ତିଆରି ଅଭିଯୋଗରେ ଚନ୍ଦନପୁର ଥାନାରେ ଏକ ମାମଲା (ନଂ.୨୬୬/୨୫) ରୁଜୁ କରାଯାଇ ତାକୁ କୋର୍ଟଚାଲାଣ କରାଯାଇଛି।

## ବିନା ଅନୁମତିରେ ବାଜୁଥିବା ୩ ଡିଜେ ଜବତ

ପୁରୀ,୨୬।୧୧(ସମିସ): ଏବେ ଚାଲିଛି ବିବାହ ସିଜିନ୍। ତେଣୁ ପୁରୀ ସହରରେ ବିନା ଅନୁମତିରେ ବେଆଇନ ଭାବେ ବହୁଳ ମାତ୍ରାରେ ଡିଜେ ବ୍ୟବହାର କରାଯାଉଛି। ଏହାଦ୍ୱାରା ଟ୍ରାଫିକ୍ ଜାମ୍ ସାଙ୍ଗକୁ ସହରବାସୀ ଅତିଷ୍ଠ ହୋଇପଡୁଛନ୍ତି। ତେବେ ବୁଧବାର ଟାଉନ ଥାନା ପୁଲିସ ୩ଟି ଡିଜେ ଗାଡ଼ି ଜବତ କରିଛି। ଏମାନଙ୍କ ପାଖରେ ଅନୁମତିପତ୍ର ନ ଥିବାବେଳେ ଶୋଭାଯାତ୍ରାରେ ଉଚ୍ଚ ଶବ୍ଦ କରି ଯାଉଥିଲେ। ଏହାଦ୍ୱାରା ଟ୍ରାଫିକ୍ ଜାମ୍ ହେଉଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଟାଉନ ପୁଲିସ କଚେରୀ ରୋଡ୍‌ରୁ ଗୋଟିଏ ଏବଂ ମରିଚିକୋଟ ଛକରୁ ୨ଟି ଏହିପରି ମୋଟ ୩ଟି ଡିଜେ ଜବତ କରିଛି। ସୂଚନାଯୋଗ୍ୟ ଯେ, ବିଭିନ୍ନ ଶୋଭାଯାତ୍ରାରେ ଡିଜେ ବ୍ୟବହାର ଯୋଗୁଁ ବୟସ୍କ, ରୋଗୀ ଓ ଶିଶୁମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏଥିପାଇଁ ଡିଜେ ଉପରେ ରୋକ୍ ଲଗାଯାଇଛି। ମାତ୍ର ଏହି କଟକଣାକୁ ଅନେକ ନ ମାନି ବହୁଳ ମାତ୍ରାରେ ଉଚ୍ଚ ଶବ୍ଦରେ ବେଆଇନ ଭାବେ ଡିଜେ ବ୍ୟବହାର କରୁଛନ୍ତି।

ଜିଲ୍ଲାସ୍ତରୀୟ ଖରିଫ୍ ଧାନ ସଂଗ୍ରହ କମିଟି ବୈଠକ

# ଜାନୁଆରୀ ୧୫ରୁ ଖୋଲିବ ମଣ୍ଡି

ପୁରୀ,୨୬।୧୧(ସମିସ)



ପୁରୀ ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ବୁଧବାର ସର୍କିଟ୍ ହାଉସ୍‌ଠାରେ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିବା ସହ ଚଳିତବର୍ଷ ଧାନ ସଂଗ୍ରହ ଯେପରି ଶୃଙ୍ଖଳିତ ଓ ଚାଷୀମାନଙ୍କ ପାଇଁ ସୁଗମ ହେବ ସେଥିପ୍ରତି ଦାୟିତ୍ୱରେ ଥିବା ବିଭାଗଗୁଡ଼ିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଧାନ ସଂଗ୍ରହ କ୍ଷେତ୍ରରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଦେଇଛନ୍ତି। ଚଳିତ ବର୍ଷ ଜିଲ୍ଲାରେ ଆସନ୍ତା ଜାନୁଆରୀ ୧୫ ତାରିଖଠାରୁ ଧାନ କିଣାଯିବା ନେଇ ବୈଠକରେ ସ୍ଥିର କରାଯାଇଛି।

ବୈଠକରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଜିଲ୍ଲାର ଚାଷୀମାନେ ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ସୁଚାରୁ ରୂପେ ମଣ୍ଡିରୁ ଧାନ ଉଠେ, ଚାଷୀମାନଙ୍କ ପାଇଁ ମଣ୍ଡିରେ ସମସ୍ତ ସୁବିଧା ରୁହେ ଏ ସବୁ ପ୍ରତି ସମ୍ପୃକ୍ତ ବିଭାଗ ତତ୍ପରତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାକୁ ଆଗେଇ ନେଇଥିଲେ। ଚାଷୀମାନଙ୍କ ସୁବିଧା ପାଇଁ ଜିଲ୍ଲାର ସବୁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠାଇବା ପାଇଁ ପଦକ୍ଷେପ ନିମନ୍ତେ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀ ଓ ମିଲରମାନଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତ ମଣ୍ଡିରେ ଜଣେ ଲେଖାଏଁ ନୋଡାଲ ଅଧିକାରୀ ଓ ୪-୫ଟି ମଣ୍ଡି ପାଇଁ ଜଣେ ଲେଖାଏଁ ସୁପରଭାଇଜିଂ ଅଧିକାରୀ ନିୟୋଜିତ ହେବେ। ପ୍ରତି ସପ୍ତାହରେ ସେମାନେ ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିବେ। ଧାନର ମାନ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରିବା ପାଇଁ ୨୦୦ ଲେଖାଏଁ ଚାଷୀଙ୍କୁ ନେଇ ଗ୍ରୁପ୍ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଚଳିତବର୍ଷ ଏଫ୍‌ଏକ୍ୟୁ ମାନ ଧାନର କ୍ୱିଣ୍ଟାଲ ପିଛା ଦର ୨୩୬୯ ଟଙ୍କା ଓ ଗ୍ରେଡ୍ ଏ' ଧାନର ମୂଲ୍ୟ ୨୩୮୯ ଟଙ୍କା ଧାର୍ଯ୍ୟ କରାଯାଇଛି। ରାଜ୍ୟ ସରକାର ଘୋଷଣା କରିଥିବା ୭୩୧ ଟଙ୍କା ଇନ୍‌ପୁଟ ସହାୟତା ଚାଷୀ ପାଇବେ। ଧାନ ଦେବାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ଡିବିଟି ମାଧ୍ୟମରେ ପ୍ରାପ୍ୟ ପ୍ରଦାନ କରାଯିବ।

ଜିଲ୍ଲାର ଖରିଫ୍ ଧାନ ନିମନ୍ତେ ୫୯ ହଜାର ୯୯୮ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଜିଲ୍ଲାରେ ୧୯୬ଟି ଧାନ କ୍ରୟ କେନ୍ଦ୍ର ମାଧ୍ୟମରେ ଧାନ ସଂଗ୍ରହ ହେବ। ଏଥିରେ ୧୯୨ ସମବାୟ ସଂସ୍ଥା ଦ୍ୱାରା ସ୍ଥିରୀକୃତ ହୋଇଥିବାବେଳେ ୪ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଧାନ ସଂଗ୍ରହ କରିବେ।

### ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଜିଲ୍ଲାପାଳ

ଚଳିତବର୍ଷ ଜିଲ୍ଲାରେ ୧ ଲକ୍ଷ ୨୦ ହଜାର ୪୦୦ ମେଟ୍ରିକ୍ ଟନ୍ ଧାନ କ୍ରୟ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଆର୍‌ଏମ୍‌ସି ପକ୍ଷରୁ ସମସ୍ତ ମଣ୍ଡି ଓ ଯନ୍ତ୍ରପାତିଗୁଡ଼ିକର ଆବଶ୍ୟକୀୟ ମରାମତି, ସମ୍ପୂର୍ଣ୍ଣ ସିସିଟିଭି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ଜନପ୍ରତିନିଧିଙ୍କ ପ୍ରତିନିଧି, ଚାଷୀ ପ୍ରତିନିଧି, ମିଲର୍ସ ଓ ସେମାନଙ୍କ ପ୍ରତିନିଧି, ପାକ୍ସ କର୍ମଚାରୀ, ନିୟନ୍ତ୍ରିତ ବଜାର କମିଟି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଡିଆର୍‌ସିଏସ୍ ସୁନୀତା ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଓ ରୂପଶ୍ରୀ ମହାପାତ୍ରଙ୍କୁ ଏକାଡେମୀ ପୁରସ୍କାର

ପୁରୀ,୨୬।୧୧(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ମାହାରୀ ନୃତ୍ୟ ପାଇଁ ବିଶିଷ୍ଟ ନୃତ୍ୟଶିଳ୍ପୀ ରୂପଶ୍ରୀ ମହାପାତ୍ରଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ମିଳିଛି। ଭୁବନେଶ୍ୱରରେ ଆୟୋଜିତ ଏକାଡେମୀର ପୁରସ୍କାର ଉତ୍ସବରେ ୮୮ ବର୍ଷ ଧରି ସଂଗ୍ରାମ ଓ ସଂଘର୍ଷ କରି ବଞ୍ଚି ରହିଥିବା ପୁରୀର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚକୁ ଶ୍ରେଷ୍ଠ ନାଟ୍ୟ ଅନୁଷ୍ଠାନ ଏବଂ ନାଟ୍ୟ ନିର୍ଦ୍ଦେଶକ ଦିଲ୍ଲୀପ ଦାଶଙ୍କୁ ପୁରସ୍କୃତ କରାଯାଇଛି। ପୁରସ୍କୃତ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ରାଜ୍ୟ ସରକାର, ବିଭାଗୀୟ ମନ୍ତ୍ରୀ, ପୁରୀ ଜିଲ୍ଲାପାଳ, ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା ଓ ସମସ୍ତ ସଦସ୍ୟଙ୍କଠାରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହିତ ପୁରୀ ଜିଲ୍ଲାର ବିଶିଷ୍ଟ ନାଟ୍ୟକାର ବିଭୂତିଭୂଷଣ ପଟ୍ଟନାୟକ, ମଞ୍ଚକଳା ଶିଳ୍ପୀ ବସନ୍ତ ମହାନ୍ତି, ବାଦ୍ୟ ଶିଳ୍ପୀ କୁଳମଣି ବିଶ୍ୱାଳ ପ୍ରମୁଖ ଏକାଡେମୀ ପୁରସ୍କାର ପାଇଛନ୍ତି। ଏଥିରେ ପୁରସ୍କାର ପାଇଥିବା ସମସ୍ତ ପ୍ରତିଭାଙ୍କୁ ସଦସ୍ୟ ଶ୍ରୀ ମିଶ୍ର ଅଭିନନ୍ଦନ ଜଣାଇଛନ୍ତି।

## କୁରାଳ ପଞ୍ଚମୀ ପର୍ବ: ଠାକୁରଙ୍କ ପାଖରେ ପିଠା ଭୋଗ

ପୁରୀ,୨୬।୧୧(ସମିସ): କୁରାଳ ପଞ୍ଚମୀ ପର୍ବର ଦ୍ୱିତୀୟ ଦିବସରେ ବୁଧବାର କୁମ୍ଭକାର ସମ୍ପ୍ରଦାୟଙ୍କ ଇଷ୍ଟଦେବତା ରୁଦ୍ରପାଳ ଏବଂ ରନ୍ତେଶ୍ୱରୀଙ୍କ ନିକଟରେ ପିଠା ଭୋଗ ହୋଇଛି। ପରମ୍ପରା ମୁତାବକ, ସକାଳୁ ଅଛଡ଼ା ଲିଆ ଶାଳଘରେ ବିଛା ଯାଇଥିଲା। ଏହାପରେ ଠାକୁରମାନଙ୍କୁ ଘୋଡ଼ଲାଗି କରାଯାଇଥିଲା। ପରେ ଅତ୍ୟନ୍ତ ଶୁଦ୍ଧପୂତ ଭାବେ କୁମ୍ଭକାର ଘରର ମହିଳାମାନେ ବ୍ୟଞ୍ଜନ ସହିତ ନାନାଦି ପ୍ରକାରର ପିଠା ପ୍ରସ୍ତୁତ କରିଥିଲେ। ଆରିସା, କାକରା, ମଣ୍ଡା, ଏଣ୍ଡୁରି, ଇଟିଲି, ବିରି ପିଠା, ଖଜା, ଗଜା ଇତ୍ୟାଦି ଠାକୁରଙ୍କ ନିକଟରେ ଭୋଗ ଲାଗି କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ଠାକୁରଙ୍କ ନିକଟରେ ହୋମ କରାଯାଇ ସାର୍ବଜନୀନ ପୂଜାମଣ୍ଡପମାନଙ୍କରେ ଏହି ପିଠା ଲାଗି କରାଯାଇଥିବା କୁମ୍ଭକାର ନିଯୋଗର ମହେନ୍ଦ୍ର ବିଶୋଇ କହିଛନ୍ତି।

ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ପ୍ରସଙ୍ଗ

## ୭ରେ ଶୋଭାଯାତ୍ରା ଓ ପ୍ରତିବାଦ ସଭା

ପୁରୀ,୨୬।୧୧(ସମିସ): ସ୍ଥାନୀୟ ସାଲବେଗ ପୀଠରେ ପୁରୀବାସୀଙ୍କ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ଅଭିଯାନ ମଞ୍ଚର ଦ୍ୱିତୀୟ ଷ୍ଟିୟରିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୭ ତାରିଖ ଅପରାହ୍ଣ ୪ଟାରେ ଗୁଣ୍ଡିଚା ମନ୍ଦିରଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ମାର୍କେଟ୍ ଛକ ନିକଟରେ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରାରେ ପୁରୀର ସମସ୍ତ ଜାଗା ଆଖଡ଼ାର କର୍ମକର୍ତ୍ତା, ଅଧିବକ୍ତା, ସେବାୟତ, ସମସ୍ତ ସାମାଜିକ ଓ ସାଂସ୍କୃତିକ ସଂଗଠନ ସାମିଲ୍ ହେବେ। ଏଥିପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରାଯାଇଛି। ଏଥିସହିତ ପୁରୀର ସାଂସଦ ଓ ବିଧାୟକଙ୍କ ସମେତ ସମସ୍ତ ବର୍ତ୍ତମାନ ଓ ପୂର୍ବତନ ଲୋକ ପ୍ରତିନିଧିଙ୍କୁ ଆସନ୍ତା ପ୍ରତିବାଦ ସଭାରେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯିବ। ଏତଦ୍‌ବ୍ୟତୀତ ଆସନ୍ତା ୩୦ ତାରିଖରେ ସବୁ ଜାଗା ଆଖଡ଼ାର କର୍ମକର୍ତ୍ତା, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ।



ଛତିଶାନିଯୋଗର ସମସ୍ତ ସଭାପତି, ସମ୍ପାଦକ ଓ ଶ୍ରୀମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କୁ ଆସନ୍ତା ୭ ତାରିଖ ପ୍ରତିବାଦ ସଭାକୁ ନିମନ୍ତ୍ରଣ କରାଯିବ ବୋଲି ସ୍ଥିର କରାଯାଇଛି। ଏହି ପ୍ରତିବାଦ ସଭାକୁ ସଫଳ କରିବା ପାଇଁ ବିଭିନ୍ନ କମିଟି ଗଠନ ହୋଇଛି। ଯେଉଁମାନେ କି ଆଗାମୀ ଦିନରେ ଏହି ଶୋଭାଯାତ୍ରାକୁ ଓ ପ୍ରତିବାଦ ସଭାକୁ ସଫଳ କରିବା ପାଇଁ ଅହରହ ଉଦ୍ୟମ କରିବେ। ପୁରୀବାସୀଙ୍କ ଅବଗତି ନିମନ୍ତେ ପୁରୀ ସହରରେ ଅଟୋ ବୁଲାଇ ପ୍ରଚାରପ୍ରସାର କରାଯିବ ଓ ବିଭିନ୍ନ ଖବରକାଗଜରେ ପ୍ରଚାରପତ୍ର ପଠାଯାଇ ୭ ତାରିଖ କାର୍ଯ୍ୟକ୍ରମରେ ସାମିଲ୍ ହେବା ପାଇଁ ନିବେଦନ କରାଯିବ ବୋଲି ସ୍ଥିର ହୋଇଛି।

## ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ କର୍ମଶାଳା

ପୁରୀ,୨୬।୧୧(ସମିସ): ନିରନ୍ତର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ୧୭ଟି ଲକ୍ଷ୍ୟ ବା ଗୋଲ୍ ଧାର୍ଯ୍ୟ କରାଯାଇଛି। ଏହାକୁ ସଫଳ କରିବା ଓ ସମସ୍ତଙ୍କୁ ଏହି ଲକ୍ଷ୍ୟରେ ସାମିଲ୍ କରିବା ଆବଶ୍ୟକ ବୋଲି କହିଛନ୍ତି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ



ପୃଷ୍ଟି। ବୁଧବାର ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲା ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ପକ୍ଷରୁ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ପୃଷ୍ଟି ଆସନ୍ତାକାଲିର ଭାରତ ବର୍ଷକୁ ବିକଶିତ କରିବା ଲକ୍ଷ୍ୟରେ ଧାର୍ଯ୍ୟ କରାଯାଇଥିବା ଏହି ଲକ୍ଷ୍ୟକୁ ପୂରଣ ଦିଗରେ ବିଭିନ୍ନ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ବିଭାଗ ସେମାନଙ୍କ ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ ସହ ସେମାନଙ୍କ ଯୋଜନାଗୁଡ଼ିକ ଯେପରି ସାଧାରଣ ଲୋକଙ୍କ ଜୀବନ ଧାରଣରେ ଉନ୍ନତି କରିପାରିବ ସେଥିପାଇଁ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବିଷୟ ବିଶାରଦ ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପରିଡ଼ା ଓ ଏସ୍‌ସିଏସ୍ କଲେଜର ସହକାରୀ ପ୍ରଫେସର ଡ. ପ୍ରମୋଦ କୁମାର ତ୍ରିପାଠୀ ଯୋଗଦେଇ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଓ ବିକଶିତ ଭାରତ ଗଠନ ସମ୍ପର୍କରେ ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବିଭିନ୍ନ ବ୍ଲକ୍‌ର ବିଡିଓ, ତହସିଲ୍‌ଦାର, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ମହେଶ ପ୍ରସାଦ ମିଶ୍ର, ରାମଚନ୍ଦ୍ର ଟୁଡୁ, ଅର୍ଥ ବିଶେଷଜ୍ଞ ବିଶ୍ୱରଞ୍ଜନ ଜେନା, କ୍ଷୁଦ୍ର ଯୋଜନା ଏବଂ ଜୀବିକା ବିଶେଷଜ୍ଞ ସନ୍ଧ୍ୟାରାଣୀ ଦାଶ ଓ ଅର୍ଥନୀତିଜ୍ଞ ସୋନାଲିଜା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସମ୍ବିଧାନ ପ୍ରତିଷ୍ଠା ଦିବସ ପାଳିତ

ପୁରୀ,୨୬।୧୧(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ଆନୁକୂଲ୍ୟରେ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ସମ୍ବିଧାନ ପ୍ରତିଷ୍ଠା ଦିବସ ପରିସରସ୍ଥ ଜୟଦେବ ସଭାଗାରରେ ପାଳିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ଗଙ୍ଗାଧର ମହାପାତ୍ର ଆଇନ ମହାବିଦ୍ୟାଳୟର ଏଲ୍‌ଏଲ୍‌ଏମ୍ ବିଭାଗର ବିଭାଗ ମୁଖ୍ୟ ଡ. ଲୋକନାଥ ସୁଆର ଉପସ୍ଥିତ ରହି ସମ୍ବିଧାନର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ପ୍ରଫେସର ଲଳିତ କୁମାର ସାହୁ ଯୋଗଦେଇଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ପରିସରର ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ କଚ୍ଛୱା। ଡ. ଓମ୍ ନାରାୟଣ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ଡ. ବିଶ୍ୱନାଥ ମିଶ୍ର।

ଜିଲ୍ଲା କଂଗ୍ରେସର ସମ୍ବିଧାନ ବଞ୍ଚାଅ ଦିବସ ପାଳିତ

# ସମ୍ବିଧାନକୁ ସମ୍ପୂର୍ଣ୍ଣ ପରିବର୍ତ୍ତନର ଅପଚେଷ୍ଟା ହେଉଛି

ପୁରୀ,୨୬।୧୧(ସମିସ)

ସ୍ଥାନୀୟ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରା ଭବନଠାରେ ସମ୍ବିଧାନ ବଞ୍ଚାଅ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଗାନ୍ଧୀ ସ୍ମୃତି ପୀଠରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସମ୍ବିଧାନ ବଞ୍ଚାଅ ଦିବସ ପାଳନ କରାଯାଇଥିଲା। ଏଥିରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଉତ୍ତମ ଆଚାର୍ଯ୍ୟ କହିଥିଲେ, ଆଜି ସରକାର ନିଜ ରାଜନୈତିକ ସ୍ୱାର୍ଥସାଧନ ପାଇଁ ଦେଶର ସମ୍ବିଧାନ ବାରମ୍ବାର ସଂଶୋଧନ କରୁଥିବାବେଳେ ସମ୍ବିଧାନ ସମ୍ପୂର୍ଣ୍ଣ ପରିବର୍ତ୍ତନର ଅପଚେଷ୍ଟା କରୁଛନ୍ତି।

ବରିଷ୍ଠ ଅଧିବକ୍ତା ବୈଦ୍ୟନାଥ ପାଣି ମହାତ୍ମା ଗାନ୍ଧୀଙ୍କ ଦେଶ ଏ ଜାତି ପ୍ରତି ନିଜର ବଳିଦାନ ସମ୍ପର୍କରେ ଆଲୋକପାତ କରିବା ସହିତ କଂଗ୍ରେସ ସେବା ଦଳର ସ୍ୱାଧୀନତା ପୂର୍ବର ଭୂମିକା ବର୍ଣ୍ଣନା କରିଥିଲେ। ବିଶିଷ୍ଟ ସାହିତ୍ୟିକ ମାନସ ରଞ୍ଜନ ମହାପାତ୍ର ଗୋପବନ୍ଧୁ ଦାସଙ୍କ




ଉକ୍ତି "ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ତା'ର ପ୍ରତି ରକ୍ତ ବିନ୍ଦୁ' ଉକ୍ତିରୁ ଆରମ୍ଭ କରି ଆଜି ନକଲି ହିନ୍ଦୁତ୍ୱର ନାରାବାଜି ଚାଲିଛି, ଯାହା ଆମ ସମ୍ବିଧାନ ପ୍ରତି ବିପଦ ବୋଲି ଦର୍ଶାଇଥିଲେ।

ଶେଷରେ ଗାନ୍ଧୀବାଦୀ ଲେଖକ ବରିଷ୍ଠ ଅଧିବକ୍ତା ଗୌରାଙ୍ଗ ଚରଣ ପରିଡ଼ା ସମ୍ବିଧାନ ପ୍ରଣୟନ ସଭାରେ ପୁରୀର ପୂର୍ବତନ ସାଂସଦ ଲୋକନାଥ ମିଶ୍ର (ଯାହାଙ୍କୁ ପଙ୍କ ବାବୁ ବୋଲି ଶ୍ରଦ୍ଧାରେ ସମସ୍ତେ ଡାକନ୍ତି)ଙ୍କର ଦସ୍ତଖତ ମଧ୍ୟ ସମ୍ବିଧାନ ମୂଳ ଲିପିରେ ଥିବା ସୂଚନା ଦେବା ସହ ପଙ୍କ ବାବୁ ମଧ୍ୟ ଧର୍ମନିରପେକ୍ଷ ସମ୍ବିଧାନ ଗଠନ ପ୍ରସ୍ତାବ ଦେଇଥିଲେ। ସେହିପରି ଭାରତକୁ ଦୀର୍ଘ ବର୍ଷ ଶାସନ କରୁଥିବା ଇଂଲଣ୍ଡ ଭଳି ୟୁରୋପୀୟ ଦେଶର ଆଜିପର୍ଯ୍ୟନ୍ତ ନିଜର ଲିଖିତ ସମ୍ବିଧାନ ନ ଥିବା କହିଥିଲେ ଏବଂ ଆମେରିକା ସମ୍ବିଧାନରେ ମାତ୍ର ୭ଟି ଧାରା ଥିବାବେଳେ ଭାରତୀୟ ସମ୍ବିଧାନର ମହାନତା ବିଷୟରେ ଉଲ୍ଲେଖ କରିଥିଲେ। ସରକାରୀ ଦଳର ହ୍ୱାଟ୍ସଆପ୍ ୟୁନିଭର୍ସିଟିର ମିଥ୍ୟା ପ୍ରଚାରରେ କିପରି କିଛି ଅନ୍ଧ ଭକ୍ତ ଆଜି ପାଗଳ ହୋଇଛନ୍ତି ସେଥିରେ ଦୁଃଖ ପ୍ରକାଶ କରିଥିଲେ।

### ନକଲି ହିନ୍ଦୁତ୍ୱର ନାରାବାଜି ଆମ ସମ୍ବିଧାନ ପ୍ରତି ବିପଦ

ଅନ୍ୟମାନଙ୍କ ମଧ୍ୟରେ ପିସିସି ସମ୍ପାଦିକା ଶିଳ୍ପିଶ୍ରୀ ହରିଚନ୍ଦନ, ପୂର୍ବତନ ପିସିସି ସମ୍ପାଦକ ବିଶ୍ୱନାଥ ଦାଶ, ଉମାକାନ୍ତ ବରାଳ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ ପଣ୍ଡା, ରଜତ ସାହୁ, ଆଶୁତୋଷ ମିଶ୍ର, ଉମାକାନ୍ତ ବେହେରା, ଅମିୟ କୁମାର ଦାସ, ସୌମ୍ୟକାନ୍ତ ପ୍ରଧାନ, ବିଶ୍ୱରଞ୍ଜନ ସାମନ୍ତରାୟ, ଜିବେଶ ରଥ, ଅର୍ଜୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୬୧ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ,୨୬।୧୧(ସମିସ): କେବଳ ପର୍ଯ୍ୟଟନର ବିକାଶ ନୁହେଁ, ପର୍ଯ୍ୟଟକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ପୁରୀର ହୋଟେଲ ଶିଳ୍ପ ରକ୍ତଦାନ ଶିବିର କରିବା ଏକ ଆବଶ୍ୟକତା ବୋଲି କହିଛନ୍ତି ଶତକ ରକ୍ତଦାତା ବଦ୍ରି ମିଶ୍ର। ହୋଟେଲ ସ୍ୱସ୍ତି ପ୍ରିମିୟମ ବିଚ୍ ରିସୋର୍ଟ ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ମହାନ୍ତିଙ୍କ ଦିଗ୍‌ଦର୍ଶନରେ ହୋଟେଲ ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରି ଶ୍ରୀ ମିଶ୍ର ରକ୍ତଦାନ ତାଙ୍କୁ ନିରୋଗ ରଖିଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଉପସଭାପତି ସନ୍ତୋଷ ନାୟକ, ସାଧାରଣ ପରିଚାଳକ ଉପେନ୍ଦ୍ର ସାନଭାଗ୍ ଓ ମାନବ ସମ୍ବଳ ବିଭାଗର ନୃସିଂହ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଅଧିବକ୍ତା କୃଷ୍ଣଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଏହି ଶିବିରରେ ୬୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା।

## ଡିଏମ୍ ପବ୍ଲିକ୍ ସ୍କୁଲର ନୂତନ କ୍ୟାମ୍ପସ୍ ଉଦ୍‌ଘାଟିତ

ପୁରୀ,୨୬।୧୧(ସମିସ): ଶିଶୁ ଶିକ୍ଷାନୁଷ୍ଠାନ ଡିଏମ୍ ପବ୍ଲିକ୍ ସ୍କୁଲର ନୂତନ କ୍ୟାମ୍ପସ୍ ପ୍ରବେଶ ଉତ୍ସବ ଦତ୍ତତୋଟାସ୍ଥିତ ମହାବୀର କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର, ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡାକ୍ତର ବରେନ୍ ଚନ୍ଦ୍ର ପଟ୍ଟନାୟକ, କ୍ଲବ୍‌ର ସାଧାରଣ ସମ୍ପାଦକ ରଘୁନାଥ ଜଗଦ୍ଦେବ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଷ୍ଠା ଓ ପରିଶ୍ରମ ହେଉଛି ସଫଳତାର ଚାବିକାଠି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପୌର ସଦସ୍ୟ ପ୍ରୀତମ୍ ଜଗଦ୍ଦେବ, ସଂଗଠକ ଶଚିକାନ୍ତ ମିଶ୍ର, ଜିତେନ୍ଦ୍ର ନାଥ ଜଗଦ୍ଦେବ ପ୍ରମୁଖ ଉପସ୍ଥିତ ଥିଲେ। ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ସଂଘମିତ୍ରା ଶତପଥୀ ସ୍ୱାଗତ ଭାଷଣ ଏବଂ ନିର୍ଦ୍ଦେଶକ ପ୍ରଦୀପ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସମବେତ ସ୍ୱାଗତ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଭଜନ ନୃତ୍ୟ ଆଦି ପରିବେଷିତ ହୋଇଥିଲା।

ସକାଳ
THE SAKALA

# ପ୍ରତିଶ୍ରୁତି – ପ୍ରତାରଣା

ଧାନ ସଂଗ୍ରହକୁ ନେଇ ଚାଷୀ, ମିଲର ଓ ସରକାରଙ୍କ ମଧ୍ୟରେ ଚାଲିଥିବା ଟଣାଓଟରାରୁ ପରିଲକ୍ଷିତ ଅବ୍ୟବସ୍ଥା ବାରି ହୋଇପଡୁଛି। ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିଥିବା ଚାଷୀଙ୍କ ସଂଖ୍ୟା ୧୯ ଲକ୍ଷକୁ ବୃଦ୍ଧି ପାଇଛି। ସେହି ଅନୁପାତରେ ସରକାର ମଧ୍ୟ ଧାନ ସଂଗ୍ରହ ଲକ୍ଷ୍ୟ ବଢ଼ାଇଛନ୍ତି। କିନ୍ତୁ ଅସଲରେ ଧାନର ସୁରକ୍ଷିତ ଭଣ୍ଡାରଣର ଅଭାବ ପରିସ୍ଥିତିକୁ ଜଟିଳ କରିଛି। ସରକାର ଏହି ଦାୟିତ୍ୱ ମିଲରଙ୍କୁ ଦେଇ ନିଶ୍ଚିନ୍ତ ହୋଇ ପଡ଼ିଥିବା ବେଳେ ସେମାନେ ଏବେ ହାତ ଟେକି ଦେଇଛନ୍ତି। ଡିସେମ୍ବର ୨୫ ରୁ ଖରିଫ ବିପଣନ ଋତୁ ଆରମ୍ଭ ହେବ ବୋଲି ସରକାରୀ ସ୍ତରରେ ଘୋଷଣା କରାଯାଇଥିବା ବେଳେ ସମ୍ବଲପୁର ଓ ବରଗଡ଼ ଚାଷୀଙ୍କ ଚାପର ବଶବର୍ତ୍ତୀ ହୋଇ ସେଠାରେ ଆସନ୍ତା ୨୮ ରୁ ଧାନ ସଂଗ୍ରହ ହେଉଥିବାର ସୂଚନା ମିଳିଛି। ଅଥଚ ମିଲର ସଂଘ ଧାନ ସଂଗ୍ରହ ପ୍ରକ୍ରିୟାରୁ ଦୂରେଇ ରହିବ ବୋଲି ସ୍ପଷ୍ଟ କରିଦେଇଛି। ସେମାନଙ୍କ ଦାବି ମଧ୍ୟ ଅଯୌକ୍ତିକ ନୁହେଁ।

ଏବେ ମୁଖ୍ୟ ସମସ୍ୟା ହେଉଛି ଭାରତ ଖାଦ୍ୟ ନିଗମ ରାଜ୍ୟରୁ ଚାଉଳ ଉଠାଇ ନଥିବାରୁ ମିଲରଙ୍କୁ ବଳକା ଚାଉଳ ବୋଝ ହୋଇପଡ଼ିଛି। ଏହି ସମସ୍ୟା ଆଜିର ନୁହେଁ। କେନ୍ଦ୍ରର ଅସହଯୋଗ ଯୋଗୁଁ ପୂର୍ବ ସରକାର ମଧ୍ୟ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ସରକାରଙ୍କୁ କଠୋର ସମାଲୋଚନା କରୁଥିବା ତତ୍କାଳୀନ ବିରୋଧୀ ଦଳ ଏବେ କ୍ଷମତାରେ। ଏବେ ତ ଡବଲ ଇଞ୍ଜିନ ସରକାର। ଅସୁବିଧା କେଉଁଠି? କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଖାଦ୍ୟ ନିଗମର ସେଭଳି ସକ୍ରିୟତା ଅନୁଭୂତ ହେଉନଥିବାରୁ ସମସ୍ୟା ଯେଉଁଠି ଥିଲା ସେହିଠି ଅଟକି ରହିଛି। ପରିସ୍ଥିତି ଏପରି ହୋଇଛି ଯେ ଏପର୍ଯ୍ୟନ୍ତ ଗତ ଖରିଫ ଋତୁରେ ସଂଗୃହୀତ ଧାନର ମିଲିଂ ସରିନି। ଅଥଚ ରବି ଋତୁ ଧାନ ଆସି ମିଲରେ ଗଦା ହୋଇପଡ଼ିଛି। ଧାନ ମିଲିଂ ହୋଇଗଲେ ଚାଉଳ ଅଧିକ ଦିନ ମହଜୁଦ କରିବା ସମ୍ଭବ ନୁହେଁ। ନଷ୍ଟ ହୋଇଯିବାର ସ୍ଥିତିକୁ ଦୃଷ୍ଟିରେ ରଖି ମିଲର ଉଦ୍ଦେଶ୍ୟମୂଳକ ଭାବେ ଏଦିଗରେ ବିଳମ୍ବିତ ପ୍ରକ୍ରିୟାକୁ ଆଦରି ନେଇଛନ୍ତି। ତେବେ ଏବର ସମସ୍ୟା ହେଲା, ମିଲର କେଉଁଠି କେତେ ବା ଧାନ ଭଣ୍ଡାରଣ କରି ରଖିବ? ଅନ୍ୟପକ୍ଷରେ ଗଚ୍ଛିତ ଧାନର ରକ୍ଷଣାବେକ୍ଷଣା ପାଇଁ ସରକାର କ୍ୱିଣ୍ଟାଲ ପିଛା ୭.୨୦ ଟଙ୍କା ଦେବାର ପ୍ରାବଧାନ ଥିଲେ ମଧ୍ୟ ଗତ ଦୁଇବର୍ଷ ଧରି ସେମାନଙ୍କୁ ଏବାବଦ ଅର୍ଥ ମିଳିନି। ସେହିଭଳି କଷ୍ଟମ ମିଲିଂ ଦର ବୃଦ୍ଧି ପ୍ରତିଶ୍ରୁତି ଋତୁ ପରେ ଋତୁ ଅତିକ୍ରମ କରୁଥିଲେ ମଧ୍ୟ ତାହା ମିଳୁ ନାହିଁ। ଚାଷୀଙ୍କ ପକ୍ଷରୁ ଧାନ ସଂଗ୍ରହ ବେଳେ କଟନୀ ଛଟନୀ ଅଭିଯୋଗ କିଛି ନୂଆ ନୁହେଁ। ସରକାର ଓ ମିଲରଙ୍କ ଏହି ସଲାସୁତୁରାକୁ ଓଲଟାଇ ଦେଇଛନ୍ତି ସମବାୟ ମନ୍ତ୍ରୀ। ବିଚିତ୍ର କଥା, କଟନୀ ଛଟନୀ କରି କ'ଣ ଚାଷୀ ନିଜ ଗୋଡ଼ରେ କୁରାଢ଼ୀ ଚୋଟ ମାରୁଛି?

ଏହି ବିବାଦର ମୂଳ ମଞ୍ଜି ହେଉଛି ଖାଦ୍ୟ ନିଗମର ଅସହଯୋଗିତା। କେନ୍ଦ୍ର ସରକାରଙ୍କ ବିନା ଇଙ୍ଗିତରେ କ'ଣ ଏହା ଚାଲିଛି? କେନ୍ଦ୍ର ମନ୍ତ୍ରୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଚାଉଳ ଉଠୁନି। ଖାଦ୍ୟ ନିଗମକୁ ଉଦ୍ଦେଶ୍ୟମୂଳକ ଭାବେ ଦୁର୍ବଳ କରି ସଂପୂର୍ଣ୍ଣ ରୂପେ ବାଦ କରିଦେବାର ଉପକ୍ରମ ଆରମ୍ଭ ହୋଇଛି। ପ୍ରତ୍ୟାହୃତ ହୋଇଥିବା କୃଷି ବିଲରୁ ସ୍ପଷ୍ଟ ଯେ ସଂଗ୍ରହ ଓ ବିପଣନ ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଟେକି ଦିଆଯାଇଥା'ନ୍ତା। ତାହା ହିଁ ଆଗକୁ ହେବ। ●


# ଟ୍ରମ୍ପଙ୍କ ପ୍ରଭାବ ହ୍ରାସ

ବିକଶିତ ଓ ବିକାଶଶୀଳ ରାଷ୍ଟ୍ରଙ୍କ ମଧ୍ୟରେ ମତ ବିନିମୟ, ପାରସ୍ପରିକ ବୁଝାମଣା ଓ ଆର୍ଥିକ ସହଯୋଗିତାର ସର୍ବବୃହତ୍ ମଞ୍ଚ ଜି – ୨୦ । ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଶିଖର ସମ୍ମିଳନୀକୁ ପରବର୍ତ୍ତୀ ଅଧ୍ୟକ୍ଷ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାସନ୍ଦ ଓ ଅନୁପସ୍ଥିତି ସେପରି ପ୍ରଭାବିତ କରିପାରିନାହିଁ। ସମ୍ମିଳନୀରେ ଯୋଗଦେଇଥିବା ବିଶ୍ୱ ପ୍ରମୁଖ ନେତୃତ୍ୱଙ୍କ ଟ୍ରମ୍ପଙ୍କ ପ୍ରତି ମନୋଭାବରେ ପରିଲକ୍ଷିତ ବିଦ୍ୱେଷ ବାରି ହୋଇପଡ଼ିଥିଲା। ସତେଯେମିତି କିଛି ଘଟିନି। ପ୍ରତିକ୍ରିୟାଶୂନ୍ୟ ପରିବେଶରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମାଫୋସାଙ୍କ ଅଧ୍ୟକ୍ଷତାରେ ନିବାଧା ଓ ନିର୍ବିଘ୍ନରେ ସମ୍ମିଳନୀ ଉଦ୍‌ଘାଟନ ଓ ଉଦ୍‌ଯାପନ ହୋଇଥିଲା। ଏପରିକି ଜାରି ହୋଇଥିବା ଘୋଷଣାନାମାକୁ ନିରଙ୍କୁଶ ସମର୍ଥନ ମିଳିଥିଲା।

ସମ୍ମିଳନୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଜି – ୨୦ ର ପରବର୍ତ୍ତୀ ଅଧ୍ୟକ୍ଷ ଆମେରିକାକୁ ଅନୁଷ୍ଠାନିକ ଗାବେଲ୍ ପ୍ରଦାନ କରାଯାଇନାହିଁ। ଅନୁପସ୍ଥିତ ରାଷ୍ଟ୍ରପତି ଟ୍ରମ୍ପ ସମ୍ମିଳନୀର ଗୁରୁତ୍ୱ ଦୃଷ୍ଟିରୁ ଜଣେ ପ୍ରତିନିଧିସ୍ତରୀୟ ନେତାଙ୍କୁ ଯୋଗଦେବା ପାଇଁ ପଠାଇବାର ସର୍ବନିମ୍ନ ସୌଜନ୍ୟ ମଧ୍ୟ ରକ୍ଷା କରି ନାହାନ୍ତି। ତେଣୁ ଆମେରିକା ଦୂତାବାସର ଜଣେ କନିଷ୍ଠ ଅଧିକାରୀଙ୍କୁ ଗାବେଲ୍ ହସ୍ତାନ୍ତର କରିବାକୁ ରୋକଠୋକ ମନା କରିଦେଇଥିଲେ ରାମାଫୋସା। ଦକ୍ଷିଣ ଆଫ୍ରିକା ବୈଦେଶିକ ମନ୍ତ୍ରୀ ଏକ ସ୍ପଷ୍ଟୀକରଣରେ କହିଛନ୍ତି ଯେ ଗାବେଲ ହସ୍ତାନ୍ତର ପାଇଁ ଆଉ ଔପଚାରିକ କାର୍ଯ୍ୟକ୍ରମ ହେବ ନାହିଁ। ଆମେରିକା ଚାହିଁଲେ ବିଦେଶ ମନ୍ତ୍ରାଳୟରୁ ଗାବେଲ ସହ ଜି-୨୦ କାଗଜପତ୍ର ନେଇପାରିବ। ଏଭଳି ଏକ ସର୍ବବୃହତ ଆନ୍ତର୍ଜାତିକ ଫୋରମରେ ଔପଚାରିକ ଦାୟିତ୍ୱ ହସ୍ତାନ୍ତରକୁ ନେଇ ଯାହା ଘଟିଗଲା ତାହାର ଔଚିତ୍ୟ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇପାରେ। ହ୍ୱାଇଟ ହାଉସ ଉପସଚିବ ଆନ୍ନା କେଲି କହିଛନ୍ତି ଯେ ଜି-୨୦ ଗାବେଲ୍ ହସ୍ତାନ୍ତର ନକରି ଦକ୍ଷିଣ ଆଫ୍ରିକା ଭୁଲ କରିଛି। ଏଥିରୁ ସ୍ପଷ୍ଟ ଯେ ଆମେରିକା ଏହି ଘଟଣାରେ କ୍ଷୁବ୍ଧ। କିଏ ଭୁଲ, କିଏ ଠିକ୍ ତାହା ତ ଭିନ୍ନ କଥା। ତେବେ ଟ୍ରମ୍ପଙ୍କୁ ନେଇ ଅସନ୍ତୁଷ୍ଟ କାନାଡ଼ାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେଙ୍କ ପ୍ରତିକ୍ରିୟା ଉପସ୍ଥିତ ନେତୃବର୍ଗଙ୍କ ମଧ୍ୟରେ ନୂଆ ଚମକ ସୃଷ୍ଟି କରିଥିଲା। ଆମେରିକାକୁ ବାଦ ଦେଇ ଅବଶିଷ୍ଟ ବିଶ୍ୱ ସଂପର୍କରେ ଚିନ୍ତା କରିବାର ସମୟ ଏବେ ଉପସ୍ଥିତ। ବିଶ୍ୱ ଅର୍ଥନୀତି ଏବେ କଡ଼ ଲେଉଟାଉ ଥିବାବେଳେ ଆମର ଦୃଷ୍ଟିଭଙ୍ଗୀ ବଦଳିବା ଉଚିତ ବୋଲି ତାଙ୍କର ଅନମନୀୟ ଉଚ୍ଚାରଣ ପ୍ରତି ବହୁ ରାଷ୍ଟ୍ରନେତାଙ୍କ ସମର୍ଥନ ଥିବା ଭଳି ମନେ ହୋଇଥିଲା। ସମ୍ମିଳନୀ ପ୍ରେକ୍ଷାପଟ୍ଟରେ ଭାରତ, ଅଷ୍ଟ୍ରେଲିଆ ଓ କାନାଡ଼ା ମଧ୍ୟରେ ବୈଷୟିକ ସହଯୋଗର କ୍ଷେତ୍ର ପ୍ରସ୍ତୁତି ଏବଂ ଭାରତ–କାନାଡ଼ା ମଧ୍ୟରେ ୭୦ ବିଲିୟନ ଡଲାର ବାଣିଜ୍ୟର ଭିତ୍ତିଭୂମି ପ୍ରତିଷ୍ଠା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ୟୁକ୍ରେନ ଓ ରୁଷ ମଧ୍ୟରେ ସନ୍ଧି ପାଇଁ ଟ୍ରମ୍ପ ଯେଉଁ ୨୮ ସୂତ୍ରୀ ଶାନ୍ତି ପ୍ରସ୍ତାବ ରଖିଛନ୍ତି ତାହାକୁ ନେଇ ମଧ୍ୟ ୟୁରୋପରେ ବିବାଦ ମୁଣ୍ଡ ଟେକିଛି। ପରୋକ୍ଷରେ ଏହା ୟୁକ୍ରେନର ଆତ୍ମସମର୍ପଣ। ଟ୍ରମ୍ପଙ୍କ ପକ୍ଷରୁ ଏଥିନେଇ ପଡୁଥିବା ଚାପ ବିରୋଧରେ ନିର୍ଦ୍ଧାରିତ ସମୟସୀମା ଶେଷ ହୋଇ ଆସୁଥିବା ବେଳେ ଟ୍ରମ୍ପ ବିରୋଧୀ ପ୍ରତିକ୍ରିୟା ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ●

# ସମ୍ପାଦକୀୟ



ପ୍ରଗତି ପାଇଁ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ। ତେଣୁ ପୁରୁଷ, ମହିଳା ନିର୍ବିଶେଷରେ ଏହା ସମସ୍ତଙ୍କୁ ଦିଆଯିବା ଉଚିତ।

-ଶ୍ରୀ ନାରାୟଣ ଗୁରୁ

## ସଂରକ୍ଷିତ ଜୈବମଣ୍ଡଳ: ପ୍ରକୃତି ସଂରକ୍ଷଣର ଅଭିନବ ପରିକଳ୍ପନା

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ସଂରକ୍ଷିତ ଜୈବମଣ୍ଡଳ ହେଉଛି ସାମାଜିକ ଓ ପରିବେଶଗତ ବ୍ୟବସ୍ଥା ମଧ୍ୟରେ ପାରସ୍ପରିକ ପ୍ରକ୍ରିୟାର ଏକ ପରିସଂସ୍ଥା, ଯେଉଁଥିରେ ଜୈବମଣ୍ଡଳ ଓ ପ୍ରାକୃତିକ ସମ୍ପଦର ଯଥୋଚିତ ପରିଚାଳନା ପାଇଁ ସ୍ଥାନୀୟ ସମ୍ପ୍ରଦାୟର ଅଂଶଗ୍ରହଣର ବ୍ୟବସ୍ଥା ରହିଛି। ଏହା ତିନୋଟି ଜୋନ୍ ବା ଅଞ୍ଚଳକୁ ନେଇ ଗଠିତ। ଯଥା କୋର୍, ବଫର ଓ ଟ୍ରାଞ୍ଜିସନ୍। କୋର୍ ଅଞ୍ଚଳ (କେନ୍ଦ୍ରାଞ୍ଚଳ) ବନ୍ୟ ପ୍ରାଣୀ ଓ ଜୈବବିବିଧତା, ଭୂଦୃଶ୍ୟ ଓ ପରିସଂସ୍ଥାର ସଂରକ୍ଷଣ ପାଇଁ କଡ଼ାକଡ଼ି ଭାବରେ ସୁରକ୍ଷିତ, ଗବେଷଣା କାର୍ଯ୍ୟକଳାପ ବ୍ୟତୀତ କୌଣସି ମାନବ ହସ୍ତକ୍ଷେପକୁ ଅନୁମତି ଦିଆଯାଏ ନାହିଁ। କୋର୍ ଅଞ୍ଚଳର ଚତୁଃପାର୍ଶ୍ୱ କିମ୍ବା ସଂଲଗ୍ନ ଅଞ୍ଚଳ ହେଉଛି ପେରିଫେରି ବା ବାହ୍ୟାଞ୍ଚଳ ଜୈବବିବିଧତା ସଂରକ୍ଷଣ, ସୁଦୃଢ଼ ପରିବେଶ ଅନୁକୂଳ ସୁସଙ୍ଗତ କାର୍ଯ୍ୟକଳାପ, ବୈଜ୍ଞାନିକ ଗବେଷଣା, ତଦାରଖ, ତାଲିମ ଓ ଶିକ୍ଷା ପାଇଁ ବ୍ୟବହୃତ ହୁଏ। ପେରିଫେରିର ବାହ୍ୟ ଅଞ୍ଚଳକୁ ଟ୍ରାଞ୍ଜିସନ୍ ବା ଉପବାହ୍ୟାଞ୍ଚଳ କୁହାଯାଏ, ଯେଉଁଠାରେ ସ୍ଥାନୀୟ ସମ୍ପ୍ରଦାୟ ସେମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ସାମାଜିକ-ସାଂସ୍କୃତିକ ଓ ପରିବେଶ ଅନୁକୂଳ କାର୍ଯ୍ୟକ୍ରମ କରିପାରିବେ, ଯାହା ସେମାନଙ୍କ ସ୍ଥାୟୀ ଆର୍ଥିକ ଓ ସାମାଜିକ ଜୀବନ ଅତିବାହିତ କରିବାକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ। କିନ୍ତୁ ବାଣିଜ୍ୟିକ ଉଦ୍ଦେଶ୍ୟ ସାଧନ ପାଇଁ ନୁହେଁ। ଏଠାରେ ପାରମ୍ପରିକ ପ୍ରାକୃତିକ ସମ୍ପଦ-ଭିତ୍ତିକ ଆର୍ଥିକ କାର୍ଯ୍ୟକଳାପ ଓ କୁଟୀର ଶିଳ୍ପର ପରିସର ଯଥେଷ୍ଟ ରହିଛି। ପେରିଫେରି ଓ ଟ୍ରାଞ୍ଜିସନ୍ କ୍ଷେତ୍ର ଉଭୟରେ ପ୍ରତିବନ୍ଧିତ ପର୍ଯ୍ୟଟନକୁ ଅନୁମତି ଦିଆଯାଇପାରେ। ସଂରକ୍ଷିତ ଜୈବମଣ୍ଡଳର ମୂଳ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ସମ୍ପ୍ରଦାୟଗୁଡ଼ିକୁ ଟ୍ରାଞ୍ଜିସନ୍ ଜୋନ୍‌ରେ ସେମାନଙ୍କର ଜୀବିକା ଅର୍ଜନ କରିବାକୁ ସକ୍ଷମ କରିବା ପାଇଁ ସୁଯୋଗ ସୃଷ୍ଟି କରିବା, ଯାହା ଦ୍ୱାରା ସେମାନଙ୍କୁ ବନ୍ୟପ୍ରାଣୀଙ୍କ ସହିତ ନିଜ ଜୀବନକୁ ବିପଦରେ ପକାଇ କୋର୍ ଅଞ୍ଚଳରେ ପ୍ରବେଶ କରିବାକୁ ପଡ଼ିବ ନାହିଁ। ଏହି ଜୋନରେ ବିକଳ୍ପ ଜୀବିକା, ପରିବେଶ-ବିକାଶ କାର୍ଯ୍ୟକଳାପ ଏବଂ ସ୍ଥାୟୀ ସମ୍ବଳ ପରିଚାଳନାକୁ ପ୍ରୋତ୍ସାହିତ କରି ଏହି ଯୋଜନା ମୁଖ୍ୟ ବନ୍ୟପ୍ରାଣୀ ଘନ କୋର ଜୋନ ଉପରେ ମାନବୀୟ ଚାପ ହ୍ରାସ କରିବାରେ ସାହାଯ୍ୟ କରେ।

ବନ୍ୟଜୀବ ସଂରକ୍ଷଣ ଓ ପରିସଂସ୍ଥୀୟ ସନ୍ତୁଳନ ବଜାୟ ରଖିବା ପାଇଁ ପ୍ରକୃତିର ସୁରକ୍ଷା ଅତ୍ୟନ୍ତ ଜରୁରୀ। ଜାତୀୟ ବନ୍ୟଜୀବ ଉଦ୍ୟାନ, ବନ୍ୟଜୀବ ଅଭୟାରଣ୍ୟ ଓ ଜୈବମଣ୍ଡଳ ସଂରକ୍ଷଣ ଭଳି ସଂରକ୍ଷିତ କ୍ଷେତ୍ରଗୁଡ଼ିକୁ ସେମାନଙ୍କର ପ୍ରାକୃତିକ ପରିସଂସ୍ଥାରେ ଜୈବବିବିଧତାକୁ ସୁରକ୍ଷା ଦେବା ପାଇଁ ସାରା ବିଶ୍ୱରେ ସୃଷ୍ଟି କରାଯାଇଛି। ତଥାପି, ଅନେକ ସମୟରେ ଏହି ଯୋଜନାଗୁଡ଼ିକର ପରିସର ଅସ୍ପଷ୍ଟ। ଏହି ତିନୋଟି ବନ୍ୟଜୀବ ସଂରକ୍ଷଣ ଯୋଜନାର ମୂଳ ଲକ୍ଷ୍ୟ ହେଉଛି ବନ୍ୟଜୀବ ଓ ପ୍ରକୃତି ସଂରକ୍ଷଣ କରିବା। ତେବେ ପ୍ରତ୍ୟେକଟିର ନୀତି, ନିୟମ ଓ କାର୍ଯ୍ୟକଳାପରେ ଭିନ୍ନତା ରହିଛି। ଜାତୀୟ ଉଦ୍ୟାନରେ କଠୋର ନିୟମ ରହିଥିବା ବେଳେ ଅଭୟାରଣ୍ୟରେ ଏହି ନିୟମ କୋହଳ। ଯଥା ପାରମ୍ପରିକ କୃଷି, ଜୈବିକ କୃଷି, ବନ୍ୟଜାତ କାଠ, ପତ୍ର, ପୁଷ୍ପ, ଫଳ, ମୂଳ, ମହୁ ଇତ୍ୟାଦି ସଂଗ୍ରହ କରିବା ସମେତ ସୀମିତ ମାନବ କାର୍ଯ୍ୟକଳାପକୁ ଅନୁମତି ଦିଆଯାଏ। ସଂରକ୍ଷିତ ଜୈବମଣ୍ଡଳରେ ଆଉ ପାଦେ ଆଗକୁ ଯାଇ ସ୍ଥାନୀୟ ସମ୍ପ୍ରଦାୟଙ୍କ ଅଂଶଗ୍ରହଣ ମାଧ୍ୟମରେ ପ୍ରକୃତି ସଂରକ୍ଷଣ ସହିତ ସ୍ଥାୟୀ ଆର୍ଥିକ ବିକାଶକୁ ପ୍ରୋତ୍ସାହନ ଦେବା।

ସେପ୍ଟେମ୍ବର ୨୦୨୫ ସୁଦ୍ଧା ବିଶ୍ୱର ସମସ୍ତ ଅଞ୍ଚଳରେ ଅବସ୍ଥିତ ୧୪୨ଟି ଦେଶରେ (୨୫ ଟି ଆନ୍ତଃସୀମା ସ୍ଥାନ ସହିତ) ୭୮୪ ଟି ସଂରକ୍ଷିତ ଜୈବମଣ୍ଡଳ ନେଟୱାର୍କରେ ଅନ୍ତର୍ଭୁକ୍ତ ଅଛି। ଭାରତରେ ମୋଟ ୧୮ ଟି ଏଭଳି ଅଞ୍ଚଳ ରହିଛି। ନୀଳଗିରି ସଂରକ୍ଷିତ ଜୈବମଣ୍ଡଳ(ନୀଳଗିରିର ନୀଳ ପର୍ବତମାଳା- ତାମିଲନାଡୁ, କର୍ଣ୍ଣାଟକ ଓ କେରଳରେ ବିସ୍ତାରିତ) ହେଉଛି ଭାରତର ପ୍ରଥମ ସଂରକ୍ଷିତ ଜୈବମଣ୍ଡଳ, ଯାହା ୧୯୮୬ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଅନ୍ୟ ସଂରକ୍ଷିତ ଜୈବମଣ୍ଡଳଗୁଡ଼ିକ ହେଉଛି ନନ୍ଦା ଦେବୀ(ଉତ୍ତରାଖଣ୍ଡ, ୧୯୮୮ ମସିହାରେ ପ୍ରତିଷ୍ଠିତ), ନୋକ୍ରେକ (ମେଘାଳୟ, ୧୯୮୮ରେ ପ୍ରତିଷ୍ଠିତ), ମନ୍ନାର ଉପସାଗର (ତାମିଲନାଡୁ, ୧୯୮୯ ରେ ପ୍ରତିଷ୍ଠିତ), ସୁନ୍ଦରବନ (ପଶ୍ଚିମବଙ୍ଗ, ୧୯୮୯ ରେ ପ୍ରତିଷ୍ଠିତ), ମାନସ (ଆସାମ, ୧୯୮୯ ରେ ପ୍ରତିଷ୍ଠିତ), ଗ୍ରେଟ ନିକୋବର (ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ୧୯୮୯ରେ ପ୍ରତିଷ୍ଠିତ), ଶିମିଳିପାଳ (ଓଡ଼ିଶା, ୧୯୯୪ ରେ ପ୍ରତିଷ୍ଠିତ), ଦିବ୍ରୁ ସାଇଖୋୱା (ଆସାମ, ୧୯୯୭ରେ ପ୍ରତିଷ୍ଠିତ), ଦିହାଙ୍ଗ-ଦିବାଙ୍ଗ (ଅରୁଣାଞ୍ଚଳ ପ୍ରଦେଶ, ୧୯୯୮ରେ ପ୍ରତିଷ୍ଠିତ), ପଚମାଢ଼ି (ମଧ୍ୟପ୍ରଦେଶ, ୧୯୯୯ରେ ପ୍ରତିଷ୍ଠିତ), ଖଙ୍ଗଚେଣ୍ଡଜୋଙ୍ଗା (ସିକିମ, ୨୦୦୦ରେ ପ୍ରତିଷ୍ଠିତ), ଅଗସ୍ଥ୍ୟମାଳା (କେରଳ ଓ ତାମିଲନାଡୁ, ୨୦୦୧ରେ ପ୍ରତିଷ୍ଠିତ), ଆଚନକମାର-ଅମରକଣ୍ଟକ (ମଧ୍ୟପ୍ରଦେଶ ଓ ଛତିଶଗଡ଼, ୨୦୦୫ରେ ପ୍ରତିଷ୍ଠିତ), ଗ୍ରେଟ୍ ରନ ଅଫ୍ କଚ୍ଛ (ଗୁଜରାଟ, ୨୦୦୮ ର ପ୍ରତିଷ୍ଠିତ), କୋଲ୍ଡ ଡେଜର୍ଟ (ହିମାଚଳ ପ୍ରଦେଶ, ୨୦୦୯ରେ ପ୍ରତିଷ୍ଠିତ), ଶେଷାଚଲମ (ଆନ୍ଧ୍ରପ୍ରଦେଶ, ୨୦୧୦ରେ ପ୍ରତିଷ୍ଠିତ) ଏବଂ ପାନ୍ନା (ମଧ୍ୟପ୍ରଦେଶ, ୨୦୧୧ରେ ପ୍ରତିଷ୍ଠିତ)। ଏହି ସଂରକ୍ଷିତ ଜୈବମଣ୍ଡଳଗୁଡ଼ିକ ପର୍ବତ ଓ ଜଙ୍ଗଲଠାରୁ ଉପକୂଳ ଓ ଦ୍ୱୀପପୁଞ୍ଜ ପର୍ଯ୍ୟନ୍ତ ବିବିଧ ଭୂଦୃଶ୍ୟରେ ବିସ୍ତାରିତ, ଯାହା ଭାରତର ପରିବେଶଗତ ସମୃଦ୍ଧି ଓ ସ୍ଥାନୀୟ ସମ୍ପ୍ରଦାୟକୁ ସମର୍ଥନ କରିବା ସହିତ ଜୈବ ବିବିଧତା ସଂରକ୍ଷଣ ପ୍ରତି ପ୍ରତିଶ୍ରୁତିବଦ୍ଧତାକୁ ପ୍ରଦର୍ଶନ କରେ।

ସାରା ବିଶ୍ୱରେ ୨୬ କୋଟିରୁ ଅଧିକ ଲୋକ ଜୈବମଣ୍ଡଳ ସଂରକ୍ଷିତ ଅଞ୍ଚଳରେ ବାସ କରନ୍ତି। ମୋଟାମୋଟି ଭାବରେ ଏହି ସ୍ଥାନଗୁଡ଼ିକ ୭ ନିୟୁତ ବର୍ଗ କିଲୋମିଟରରୁ ଅଧିକ ଅଞ୍ଚଳକୁ ସୁରକ୍ଷା ଦିଏ, ଯାହା ଅଷ୍ଟ୍ରେଲିଆର ଆକାର ସହିତ ପ୍ରାୟ ସମାନ। ଭାରତର ୧୮ ଟି ସଂରକ୍ଷିତ ଜୈବମଣ୍ଡଳ ଅଞ୍ଚଳ ପ୍ରାୟ ୯୧, ୪୨୫ ବର୍ଗ କିଲୋମିଟର ପର୍ଯ୍ୟନ୍ତ ବ୍ୟାପ୍ତ, ଯେଉଁଥିରୁ ୧୩ ଟି ୟୁନେସ୍କୋର ୱାର୍ଲ୍ଡ ନେଟୱାର୍କ ଅଫ୍ ବାୟୋସ୍ଫିୟର ରିଜର୍ଭ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଭାରତରେ ଅନେକ ଜାତୀୟ ଯୋଜନା ସଂରକ୍ଷିତ ଜୈବମଣ୍ଡଳ ଉଦ୍ଦେଶ୍ୟ ସହିତ ସମନ୍ୱୟରେ କାର୍ଯ୍ୟ କରେ, ଯାହା ଆବାସସ୍ଥାନ ସଂରକ୍ଷଣ, ସ୍ଥାୟୀ ସମ୍ବଳ ବ୍ୟବହାର ଓ ସାମୁଦାୟିକ ବିକାଶରେ ସାମୂହିକ ଭାବରେ ଯୋଗଦାନ ଦିଏ। ଏଥିମଧ୍ୟରୁ କିଛି ହେଉଛି ପ୍ରୋଜେକ୍ଟ ଟାଇଗର ବା ବ୍ୟାଘ୍ର ପ୍ରକଳ୍ପ, ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ ବା ହସ୍ତୀ ପ୍ରକଳ୍ପ। ୨୦୨୨ ମସିହାରେ ସର୍ବଶେଷ ଅଖିଳ ଭାରତୀୟ ବ୍ୟାଘ୍ର ଆକଳନ ଅନୁଯାୟୀ, ଭାରତରେ ୩, ୬୮୨ ରୁ ଅଧିକ ବାଘ ଅଛନ୍ତି, ଯାହା ବିଶ୍ୱର ୭୫%। ଦେଶରେ ସବୁଠାରୁ ଅଧିକ ସଂଖ୍ୟକ ୨୭, ୩୧୨ ବନ୍ୟ ଏସୀୟ ହାତୀ ଅଛନ୍ତି। ଏହା ବିଶ୍ୱର ବନ୍ୟ ଏସୀୟ ହାତୀ ଜନସଂଖ୍ୟାର ପ୍ରାୟ ୫୫%।

ମୁଖ୍ୟ କଥା ହେଉଛି, ଭାରତ ଏହି ମହାନ ପ୍ରାଣୀମାନଙ୍କର ସୁରକ୍ଷା ଓ ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ୧୯୭୩ ମସିହାରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ଟାଇଗର, ୧୯୯୨ ମସିହାରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ ହେଉଛି ଏହି ମହାନ ବନ୍ୟପ୍ରାଣୀଙ୍କ ପ୍ରାକୃତିକ ବାସସ୍ଥାନରେ ଦୀର୍ଘକାଳୀନ ବଞ୍ଚିବା ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରମୁଖ ପଦକ୍ଷେପ। ଅନ୍ୟ ଯୋଜନାଗୁଡ଼ିକ ହେଉଛି ସମନ୍ୱିତ ବନ୍ୟପ୍ରାଣୀ ବାସସ୍ଥାନ ବିକାଶ ଯୋଜନା, ଜାତୀୟ ଜୈବ ବିବିଧତା କାର୍ଯ୍ୟ ଯୋଜନା, ପରିବେଶ-ସମ୍ବେଦନଶୀଳ କ୍ଷେତ୍ର ଏବଂ ବନ୍ୟଜୀବ କରିଡର, ସବୁଜ ଭାରତ ମିଶନ ଇତ୍ୟାଦି। ଜୁଲାଇ ୨୦୨୪ରେ, ୟୁନେସ୍କୋ ଦକ୍ଷିଣ ଆମେରିକାରୁ ୟୁରୋପ ଏବଂ ଏସିଆ ପର୍ଯ୍ୟନ୍ତ ୧୧ଟି ଦେଶରେ ଆଉ ୧୧ ଟି ନୂତନ ସଂରକ୍ଷିତ ଜୈବମଣ୍ଡଳକୁ ନାମିତ କରିଥିଲା। ୧୯୮୬ ରୁ ୨୦୧୧ ମଧ୍ୟରେ ଭାରତରେ ୧୮ଟି ସଂରକ୍ଷିତ ଜୈବମଣ୍ଡଳ ଅଧିସୂଚିତ କରାଯାଇଥିଲା। କିନ୍ତୁ ୨୦୧୧ ପରେ ଆଉ ଗୋଟିଏ ବି ଅଞ୍ଚଳ ତାଲିକାରେ ଯୋଡ଼ା ଯାଇନାହିଁ। ସଂରକ୍ଷିତ ଜୈବମଣ୍ଡଳ ଜାତୀୟ ସରକାରମାନଙ୍କ ଦ୍ୱାରା ମନୋନୀତ ହୋଇଥାଏ ଏବଂ ସେଗୁଡ଼ିକ ଯେଉଁ ରାଜ୍ୟମାନଙ୍କରେ ଅବସ୍ଥିତ ସେହି ରାଜ୍ୟଗୁଡ଼ିକର ସାର୍ବଭୌମ ଅଧିକାର ଅଧୀନରେ ରହିଥାଏ।

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳରେ ଜୁନ୍ ୧୯୯୪ରେ ଭାରତର ଅଷ୍ଟମ ସଂରକ୍ଷିତ ଜୈବମଣ୍ଡଳ ପ୍ରତିଷ୍ଠା କରାଯାଇଥିଲା। ସରକାରଙ୍କ ଦ୍ୱାରା ନିଯୁକ୍ତ ଏକ ସ୍ୱତନ୍ତ୍ର କମିଟି ମହେନ୍ଦ୍ରଗିରିରେ ଆଉ ଏକ ସଂରକ୍ଷିତ ଜୈବମଣ୍ଡଳ ପ୍ରତିଷ୍ଠା କରିବାକୁ ସୁପାରିସ କରିସାରିଛି। ଆବଶ୍ୟକତା ଅନୁଯାୟୀ ଓଡ଼ିଶା ସରକାର ଭାରତ ସରକାରଙ୍କୁ ଏକ ଆନୁଷ୍ଠାନିକ ପ୍ରସ୍ତାବ ପଠାଇବାକୁ ପଡ଼ିବ। ଯଦି ମହେନ୍ଦ୍ରଗିରି ପର୍ବତମାଳାକୁ ସଂରକ୍ଷିତ ଜୈବମଣ୍ଡଳ ଟ୍ୟାଗ୍ ମିଳେ ତେବେ ଏହା ରାଜ୍ୟରେ ଦ୍ୱିତୀୟ ହେବ। ୧୯୭୨ ମସିହାରେ ୟୁନେସ୍କୋ 'ବିଶ୍ୱ ଐତିହ୍ୟ ସ୍ଥଳ' ନାମକ ଆଉ ଏକ ଯୋଜନା ଆରମ୍ଭ କରିଥିଲା, ଯେଉଁଥିରେ ପ୍ରାକୃତିକ ଐତିହ୍ୟ ସ୍ଥଳ ଅନ୍ତର୍ଭୁକ୍ତ ଥାଏ। ମହେନ୍ଦ୍ରଗିରି ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟତା ହାସଲ କରିଛି। କେବଳ ଆନ୍ତରିକ ଉଦ୍ୟମ, ସୁପାରିସ ଓ ତାଲିକାରେ ସାମିଲ୍ ଘୋଷଣା ବାକି ରହିଛି। ●

(ସଭାପତି, ଓଡ଼ିଶା ପରିବେଶ ସମିତି)
ମୋ: ୯୭୭୭୮୦୦୪୦୮

## ସୃଜନଶୀଳ ବିନାଶ: ଅର୍ଥନୀତି, ଦର୍ଶନ ଓ ବିଜ୍ଞାନ

ପ୍ରଫେସର ଗୌରୀଶଙ୍କର ତ୍ରିପାଠୀ

୨୦୨୫ ମସିହାର ଅର୍ଥନୈତିକ ବିଜ୍ଞାନ ନୋବେଲ ପୁରସ୍କାର ଗତ ଅକ୍ଟୋବର ମାସରେ ଘୋଷଣା କରାଯାଇଛି। ପୁରସ୍କାର ବିଷୟବସ୍ତୁ ଅର୍ଥନୈତିକ ପ୍ରଗତିର ଦୁଇଟି ଅବଧିକୁ ଦୃଷ୍ଟିପାତ କରିଛି। ଏହି ଦୁଇଟି ଅବଧି ହେଲା, ପୂର୍ବ-ଶିଳ୍ପ-ବିପ୍ଳବ ସମୟରେ ଅର୍ଥନୀତିର ଏକ ସ୍ଥିର ଅବଧି ଏବଂ ପରବର୍ତ୍ତୀ ସମୟରେ ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ମାଧ୍ୟମରେ ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧି। ଏହି ଦୃଷ୍ଟିପାତରେ ଏକ ଆକର୍ଷଣୀୟ ଧାରଣା ହେଲା, 'ସୃଜନଶୀଳ ବିନାଶ'(କ୍ରିଏଟିଭ ଡେଷ୍ଟ୍ରକସନ)। ଏହା ଏକ ପ୍ରକ୍ରିୟା, ଯେଉଁଠାରେ ପୁରୁଣା ପ୍ରଣାଳୀ ଓ ପ୍ରଯୁକ୍ତିବିଦ୍ୟାକୁ ଭାଙ୍ଗି ନୂତନ, ଦକ୍ଷ ଓ ପରିବର୍ତ୍ତନକାରୀ ପ୍ରଣାଳୀ ପାଇଁ ସ୍ଥାନ ଦିଆଯାଇଛି। ଅର୍ଥନୀତି ବ୍ୟତୀତ ମୁଁ ବିଶ୍ୱାସ କରେ ଏହାର ଏକ ଦାର୍ଶନିକ ଅର୍ଥ ଏବଂ ଏକ ବୈଜ୍ଞାନିକ ଦିଗ ମଧ୍ୟ ରହିଛି। ଆସନ୍ତୁ ପ୍ରଥମେ ଦାର୍ଶନିକ ଦିଗ ଉପରେ ଧ୍ୟାନ ଦେବା।

ଭଗବଦ୍ ଗୀତା କୁହେ: 'ଯାହା ସୃଷ୍ଟି ହୁଏ ତାହା ନଷ୍ଟ ମଧ୍ୟ ହୁଏ। ଏହାର ବିପରୀତ ମଧ୍ୟ ନିଶ୍ଚିତ। ଅର୍ଥାତ 'ଯାହା ବିନାଶ ହୁଏ ତାହା ସୃଷ୍ଟି ମଧ୍ୟ ହୁଏ।' ଏହା ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମ ପରିପ୍ରେକ୍ଷୀରେ କୁହାଯାଇଛି। ଏହି ଧାରଣାଗୁଡ଼ିକ ସୃଷ୍ଟି, ବିନାଶ ଓ ପୁନଃ ସୃଷ୍ଟିକୁ ଇଙ୍ଗିତ କରେ। ଏହି ପ୍ରକ୍ରିୟା ଅନ୍ତହୀନ ବା ପୁନଃପୁନଃ ହେଇଥାଏ। ଏହା ଏହି ସତ୍ୟକୁ ମଧ୍ୟ ଇଙ୍ଗିତ କରେ ଯେ ଏହି ଜଗତରେ ସବୁକିଛି କ୍ଷଣସ୍ଥାୟୀ। ବ୍ୟାକରଣରେ ଏହି ଧାରଣା, ଯାହାକି ଦୁଇଟି ବିପରୀତ ଅର୍ଥ ଶବ୍ଦ ଥିବା ଏକ ବାକ୍ୟାଂଶ, ଅକ୍ସିମୋରନ୍ ଭାବରେ ଜଣାଯାଏ। ସହଜ ଭାବରେ, ଅକ୍ସି ଅର୍ଥ ତୀକ୍ଷ୍ଣ କିମ୍ବା ବୁଦ୍ଧିମାନ ଏବଂ ମୋରନ୍ ମୂର୍ଖତାକୁ ବୁଝାଏ। ମୂର୍ଖ ବୁଦ୍ଧିମାନ ଅଥବା ବୁଦ୍ଧିମାନ ମୂର୍ଖ।

ସୃଷ୍ଟି ସକାରାତ୍ମକତାକୁ ବୁଝାଏ ଏବଂ ବିନାଶ ନକାରାତ୍ମକତାକୁ ବୁଝାଏ। ଉଭୟ ଭିନ୍ନ ଭିନ୍ନ ସନ୍ଦର୍ଭରେ ଅର୍ଥପୂର୍ଣ୍ଣ। ସହାବସ୍ଥାନ ଅର୍ଥାତ ବିପରୀତର ମିଶ୍ରଣ ମଧ୍ୟ ଏକ ଭିନ୍ନ ପରିପ୍ରେକ୍ଷୀରେ ଗୁରୁତ୍ୱପୂର୍ଣ୍ଣ। ଅତୀତର ବିକାଶ ପୁରୁଣା ହୋଇପାରେ। କିନ୍ତୁ ଏହା ମଧ୍ୟ ସମୟର ଚାହିଦା ଅନୁସାରେ ସୃଷ୍ଟି ହୋଇଥିଲା ଏବଂ ବର୍ତ୍ତମାନର ଆଧୁନିକ ବିକାଶ ପରି ସେମାନଙ୍କର ଉଦ୍ଦେଶ୍ୟ ପୂରଣ କରିଥିଲା। ଶିକ୍ଷା ମଧ୍ୟ ସୃଜନଶୀଳ ବିନାଶର ଏକ ମାଧ୍ୟମ। ଏହା ଅଜ୍ଞତାକୁ ନାଶ କରେ ଏବଂ ଜ୍ଞାନ ସୃଷ୍ଟି କରେ। ଚରିତ୍ର ଆମ ଭିତରେ ଥିବା ଦୁର୍ବଳତାକୁ ନଷ୍ଟ କରେ। ହୃଦୟ ଓ ମନରେ ପବିତ୍ରତା ସୃଷ୍ଟି କରେ। ଶିକ୍ଷା ଓ ଚରିତ୍ରର ସମ୍ମିଳିତ ପ୍ରକ୍ରିୟା ବିଶୃଙ୍ଖଳା ଏବଂ ଅପୂର୍ଣ୍ଣତାକୁ ହ୍ରାସ କରି ଜୀବନରେ ଶୃଙ୍ଖଳା ଓ ସିଦ୍ଧତା ସ୍ଥାପିତ କରନ୍ତି, ଯଦିଓ ସେମାନଙ୍କର ସମ୍ପୂର୍ଣ୍ଣ ବିନାଶ ସମ୍ଭବ ନୁହେଁ। ଆମେ ମଣିଷ ଏବଂ ଆମ ଭିତରେ ସବୁବେଳେ ଊଣାଅଧିକେ ମାନବୀୟ ଦୁର୍ବଳତା ରହିବ।

ବିଜ୍ଞାନରେ ମଧ୍ୟ, ଉଭୟ ସୃଷ୍ଟି ଓ ବିନାଶ ପ୍ରକ୍ରିୟା ସନ୍ତୁଳନ ବଜାୟ ରଖିବା ପାଇଁ ଉଦ୍ଦିଷ୍ଟ। ଆଜିକାଲି ଆମେ ପ୍ରାୟତଃ ଅର୍ଦ୍ଧପରିବାହୀ ପଦାର୍ଥ ଏବଂ ଏହାର ବ୍ୟବହାରିକ ପ୍ରୟୋଗ ବିଷୟକୁ ଗୁରୁତ୍ୱ ଦେଉଛୁ। ଏହାର ସ୍ୱଦେଶୀ ବିକାଶ ଆମର ଅର୍ଥନୀତିକୁ ଏକ ବଡ଼ ପରିମାଣରେ ପରିବର୍ତ୍ତନ କରିବ ବୋଲି ଆଶା କରାଯାଉଛି। କାରଣ ଆମର ଦୈନନ୍ଦିନ ଉପକରଣଗୁଡ଼ିକ ଏହି ସାମଗ୍ରୀ ଏବଂ ସେମାନଙ୍କର ବିଭିନ୍ନ ସଂସ୍କରଣ ଉପରେ ନିର୍ଭର କରେ। ସରଳ ଭାବେ ଏକ ଅର୍ଦ୍ଧପରିବାହୀ ପଦାର୍ଥ ଦୁଇଟି ଶକ୍ତି-ବ୍ୟାଣ୍ଡ ମାଧ୍ୟମରେ ବୁଝାଯାଏ। ଏହି ଦୁଇଟି ଶକ୍ତି-ବ୍ୟାଣ୍ଡ ଏକ ଶକ୍ତି-ବ୍ୟବଧାନ ଦ୍ୱାରା ପୃଥକ ହୋଇଥାଏ। ତଳ ବ୍ୟାଣ୍ଡଟି ସ୍ୱାଧୀନତା ବିହୀନ ଇଲେକ୍ଟ୍ରନଗୁଡ଼ିକ ଦ୍ୱାରା ଭରି ହୋଇଥାଏ ଏବଂ ଉପର ବ୍ୟାଣ୍ଡଟି ପୁରା ଖାଲି। ଏହି ଅବସ୍ଥାରେ ଏହା ଏକ କୁପରିବାହୀ ପଦାର୍ଥ ସଦୃଶ କାମ କରେ।

ଯଦି ଏହି ଚିତ୍ରରେ ଆମେ ସୃଷ୍ଟି ଓ ବିନାଶର ପ୍ରକ୍ରିୟାଗୁଡ଼ିକୁ ଉପଯୋଗ କରୁ, ତେବେ ଏଗୁଡ଼ିକ ଅର୍ଦ୍ଧପରିବାହୀ ହୁଅନ୍ତି। ଏହି ପ୍ରକ୍ରିୟାଗୁଡ଼ିକ ବିଭିନ୍ନ ଉପାୟରେ ପ୍ରଚଳିତ ହୁଏ। ଯଥା ତାପ, ଆଲୋକ ଏବଂ ମଇଳା କିମ୍ବା ଅଶୁଦ୍ଧ ପ୍ରଭାବ।

ଯଦି ଆମେ ଏକ ଅର୍ଦ୍ଧପରିବାହୀକୁ ଗରମ କରୁ, ତେବେ ନିମ୍ନ ବ୍ୟାଣ୍ଡରେ ଥିବା ଇଲେକ୍ଟ୍ରୋନ୍ ନଷ୍ଟ ହୋଇ ଉପର ବ୍ୟାଣ୍ଡରେ ସୃଷ୍ଟି ହୁଏ। ଏହା ଏକ ସୃଜନଶୀଳ ବିନାଶ ପ୍ରକ୍ରିୟା। ତଳ ବ୍ୟାଣ୍ଡର ଏହାର ବିନାଶ ହେଲା, ଉପର ବ୍ୟାଣ୍ଡରେ ଏହାର ସୃଷ୍ଟି ହେଲା। ଯେତେବେଳେ ନିମ୍ନ ବ୍ୟାଣ୍ଡରେ ଏକ ଇଲେକ୍ଟ୍ରୋନ୍ ନଷ୍ଟ ହୋଇଯାଏ, ସେତେବେଳେ ସୃଷ୍ଟି ହେଉଥିବା ଖାଲି ଅବସ୍ଥାକୁ ଏକ ଗର୍ତ୍ତ-କଣିକା କୁହାଯାଏ। ତେଣୁ ଆମର ଦୁଇଟି ସୃଷ୍ଟି ହେଲା - ଉପର ବ୍ୟାଣ୍ଡରେ ଏକ ଇଲେକ୍ଟ୍ରୋନ୍ ଏବଂ ତଳ ବ୍ୟାଣ୍ଡରେ ଏକ ଗର୍ତ୍ତ-କଣିକା। ଉଭୟ ବର୍ତ୍ତମାନ ମୁକ୍ତ ଓ ବିଦ୍ୟୁତ୍ ପରିବହନ କରନ୍ତି। କାରଣ ଏଗୁଡ଼ିକ ବୈଦ୍ୟୁତିକ ଚାର୍ଜ ଥିବା କଣିକା। କିଛି ନିର୍ଦ୍ଦିଷ୍ଟ ଗୁଣରେ ବିପରୀତ ହେବା ସତ୍ତ୍ୱେ ପରିବହନ ପ୍ରକ୍ରିୟାରେ ଇଲେକଟ୍ରନ୍ସ ଏବଂ ଗର୍ତ୍ତ-କଣିକାଗୁଡ଼ିକ ମିଳିତ ଭାବେ ଚାର୍ଜ ପରିବହନ କରନ୍ତି। ଏହା ଏକ ସୃଷ୍ଟି-ସୃଷ୍ଟି ପ୍ରକ୍ରିୟା।

ଯେତେବେଳେ ଏକ ସନ୍ତାନ ଜନ୍ମ ହୁଏ ଜଣେ ମା' ମଧ୍ୟ ଜନ୍ମ ନିଅନ୍ତି ଏବଂ ପ୍ରେମର ପ୍ରବାହ ପ୍ରଚୁର, ପବିତ୍ର ଓ ଦିବ୍ୟ ହୋଇଯାଏ। ଜୀବନ ଫୁଲ ପରି ଫୁଟି ଚାରିଆଡ଼େ ଖୁସି ବିସ୍ତାର କରେ। ଜୀବନ କ୍ଷେତ୍ରରେ ଏହା ଏକ ସୃଷ୍ଟି-ସୃଷ୍ଟି ପ୍ରକ୍ରିୟା। ଯେମିତି ସୃଜନଶୀଳ ବିନାଶ ହୁଏ ଏକ ବିନାଶକାରୀ ସୃଷ୍ଟି ମଧ୍ୟ ହୋଇପାରେ! ଏହା ସୂଚାଇ ଦିଏ ଯେ ନୂତନ ବିକାଶ ଅଜାଣତରେ ମୂଲ୍ୟବୋଧ, ପରିବେଶ କିମ୍ବା ସାମାଜିକ ସଂହତିକୁ ନଷ୍ଟ କରିପାରେ। ତେଣୁ ସୃଷ୍ଟି ଓ ବିନାଶର ଦ୍ୱନ୍ଦ୍ୱ ଏକଦିଗୀୟ ନୁହେଁ; ଏହା ବିଚକ୍ଷଣତା ଓ ସନ୍ତୁଳନ ଦାବି କରେ। ●

(ପ୍ରାକ୍ତନ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

## ପ୍ରଗତିବାଦୀ ଚେତନାର ଭଗୀରଥ: ଭଗବତୀ ଚରଣ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

କାର୍ଲମାର୍କ୍ସଙ୍କ ସାମ୍ୟବାଦୀ ଚିନ୍ତନ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଅନ୍ତରକୁ ମନ୍ଥିତ କରିଦେବାର ମୂଳ କାରଣ ହେଉଛି, ସାମାଜିକ ପରିବର୍ତ୍ତନ ସକାଶେ ତାଙ୍କ ପ୍ରାଣ-ପ୍ରତିଜ୍ଞା। ଆମ ଚତୁଃପାର୍ଶ୍ୱର ବାତାବରଣରେ ପରିବ୍ୟାପ୍ତ ଅସାମଞ୍ଜସ୍ୟ ତାଙ୍କ ଅନ୍ତର୍ଚେତନାକୁ କି ତୀବ୍ର ଭାବରେ ଆଲୋଡ଼ିତ କରି ନ ଦେଇଛି! ଠିକ ଏହି ସମୟରେ ତାଙ୍କ ଆତ୍ମାରେ ଅମାପ ଶକ୍ତି ଭରି ଦେବା ପାଇଁ ଏକ ସୂକ୍ଷ୍ମ ଆଲୋକରେଖାରେ ପରିଣତ ହୋଇ ଆସିଛନ୍ତି କାର୍ଲମାର୍କ୍ସ। ସମଗ୍ର ପୃଥିବୀ ପ୍ରଦକ୍ଷିଣ କରୁଥିଲେ ସେ। ଯେଉଁଠି ଦେଖୁଥିଲେ ସାମାଜିକ ପରିବେଶ ମଧ୍ୟରେ ଅସନ୍ତୁଷ୍ଟ ଓ ଅଣନିଃଶ୍ୱାସୀ କୌଣସି ତରୁଣକୁ ତା' ଭିତରେ ନୂତନ ସ୍ୱପ୍ନ ଓ ସଂକଳ୍ପର ସତେଜ ଶକ୍ତି ରୂପରେ ସେ ପ୍ରବେଶ କରୁଥାଇଛନ୍ତି ଅନାୟାସରେ। ସେଥିପାଇଁ ସମଗ୍ର ପୃଥିବୀରେ ପ୍ରଜ୍ୱଳିତ ହୋଇ ଉଠିଛି ବିପ୍ଳବର ବହ୍ନି। ଓଡ଼ିଶା ମାଟିରେ ନବ ନବ ସ୍ୱପ୍ନରେ ସର୍ବଦା ଆନ୍ଦୋଳିତ ହେଉଥିବା ଭଗବତୀ ଚରଣ ପାଣିଗ୍ରାହୀଙ୍କୁ ସେହି କ୍ରାନ୍ତିକାରୀ କଳାଶକ୍ତି କିପରି ଅବା ଆଚ୍ଛନ୍ନ କରି ନଥା'ନ୍ତା!

ମାର୍କ୍ସୀୟ ଚେତନା ସହିତ ଭଗବତୀଙ୍କ ଭାଗ୍ୟ-ବନ୍ଧନ ସମଗ୍ର ଓଡ଼ିଶାର ରାଜନୈତିକ ଓ ସାହିତ୍ୟିକ ଜଗତରେ ସୃଷ୍ଟି କରିଦେଲା ଅଭିନ୍ନ ଅଭିଯାତ୍ରା। ତାହା ଥିଲା ଧନିକ ଓ ଦରିଦ୍ର ଶ୍ରେଣୀ ମଧ୍ୟରେ ସମସ୍ତ ପ୍ରକାରର ଭେଦଭାବକୁ ମୂଳୋତ୍ପାଟିତ କରିଦେବାର ତୀକ୍ଷ୍ଣ ଅସ୍ତ୍ର। ଭଗବତୀ ଚରଣ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରତିଷ୍ଠିତ ହେଲା 'ନବଯୁଗ ସାହିତ୍ୟ ସଂସଦ'। ପ୍ରକାଶିତ ହେଲା 'ଆଧୁନିକ'ପତ୍ରିକା। ୧୯୩୫ ମସିହାର ଏହି ପରିଯୋଜନା ପ୍ରମାଣିତ କରିଦେଲା ଯେ ସାହିତ୍ୟ ହିଁ ହେବ ନବଯୁଗର ଆଧୁନିକ ବାର୍ତ୍ତାବହ। ଭଗବତୀ ଚରଣ ପାଣିଗ୍ରାହୀଙ୍କ ବକ୍ତବ୍ୟରେ, ତାଙ୍କ ରଚିତ ସମ୍ପାଦକୀୟ ଆଉ ବିବିଧ ଗଦ୍ୟସୃଷ୍ଟି ମଧ୍ୟରେ ଏହା ଯେତେବେଳେ ହେଲା ପ୍ରକାଶିତ, ସେତେବେଳେ ସୃଜନଶୀଳ ପ୍ରତିଭାମାନଙ୍କୁ ତାହା ଅବିରତ ଭାବରେ ଦେଇଚାଲିଲା ଉତ୍ତପ୍ତ ସ୍ପର୍ଶ। ସେ ଏକ ପ୍ରବନ୍ଧରେ ଲେଖିଛନ୍ତି 'ଯେଉଁ ଜାତିରପ୍ରାଣ ବୈଚିତ୍ର୍ୟ ଲାଗି, ପରିବର୍ତ୍ତନ ଲାଗିଯେତିକି ଚଞ୍ଚଳ ହୋଇ ଉଠିଛି, ସେ ଜାତିର ସାହିତ୍ୟ ସେତିକି ଉନ୍ନତ ହୋଇଅଛି।'

ଭଗବତୀ ଚରଣଙ୍କ ସାହିତ୍ୟ-କୃତି ବିପୁଳ ହୋଇ ନପାରେ। ମାତ୍ର ତା'ର ଆବେଦନରେ କମ୍ପିତ ହୋଇ ଉଠିଛି ଶତ ସହସ୍ର ହୃଦୟ। ତାଙ୍କ ରଚିତ 'ଶିକାର' ଗଳ୍ପ କାହାରଅବା ନିଦ ହଜାଇ ଦେଇନାହିଁ! ଆଜି ବି ଯିଏ ତାହା ପାଠ କରିବେ ତାଙ୍କର ରାତ୍ରି ପରିଣତ ହୋଇଯିବ ମଧ୍ୟାହ୍ନ ବେଳାରେ। ଶୋଷିତ ସମ୍ପ୍ରଦାୟର ସରଳ ଆଦିବାସୀ ଯୁବକ ଅତ୍ୟାଚାରୀ ଗୋବିନ୍ଦ ସର୍ଦ୍ଦାରକୁ ବାଧ୍ୟ ହୋଇ କରିଛି ହତ୍ୟା। ଭାବିଛି ମନେ ମନେ ତାକୁ ପ୍ରଦତ୍ତ ହେବ ପୁରସ୍କାର। ମାତ୍ର ପ୍ରଚଳିତ ଆଇନ ବ୍ୟବସ୍ଥାରେ ତା'କୁ ଶୁଣାଇ ଦିଆଯାଇଛି ନିଷ୍ଠୁର ଫାଶୀ ଦଣ୍ଡାଦେଶ। ଯେଉଁ ଭଗବତୀ ଚରଣ ଥିଲେ ସାମ୍ୟବାଦୀ ଚେତନାର ସଂବାହକ ତାଙ୍କ ରଚିତ 'ଶିକାର' ସଦୃଶ ଗଳ୍ପ ଯେ ତାଙ୍କ ଜୀବନାଦର୍ଶ ଓ ସାହିତ୍ୟାଦର୍ଶଠାରୁ ହୋଇପାରେ ଭିନ୍ନ ଏହା କଳ୍ପନାତୀତ। 'ଦା ଓ ହାତୁଡ଼ି', 'ଜଙ୍ଗଲୀ', 'ଝଡ଼', 'ମିଶ୍ରଙ୍କ କୋପ', 'ବଞ୍ଚିତା', 'ଜୀବନର ସମାଧି', 'ଆରମ୍ଭ ଓ ଶେଷ' ଆଦି ଆଉ କେତୋଟି ଭିନ୍ନ ଭିନ୍ନ ଭାବଧାରାର ଗଳ୍ପ-ପ୍ରଣେତା ଭଗବତୀ।

କୌଣସି ମତବାଦ କେବେ ଚିରନ୍ତନ ହୋଇପାରେନା। ମାତ୍ର ସେହି ଆଦର୍ଶର ଭିତ୍ତି ଉପରେ ପ୍ରତିଷ୍ଠିତ ସାହିତ୍ୟ ରହିପାରେ ଚିର ଅମ୍ଳାନ, ତା'ର ମାନବିକ ଆବେଦନ ସକାଶେ। ଆଜିର ପରିପ୍ରେକ୍ଷୀରେ 'ଶିକାର' ଗଳ୍ପଟିକୁ ଭିନ୍ନ ଦୃଷ୍ଟିରେ କ'ଣ ଗ୍ରହଣ କରିପାରିବାର ନୈତିକ ସାହସ ଆମର ନାହିଁ? ଗଳ୍ପରେ ବର୍ଣ୍ଣିତ ସରଳ ଘିନୁଆ ଆମରି ଭିତରେ ବିଦ୍ୟମାନ। ଅପରପକ୍ଷରେ ଗୋବିନ୍ଦ ସର୍ଦ୍ଦାର ମଧ୍ୟ ଭିନ୍ନ ଭିନ୍ନ ଛଦ୍ମବେଶରେ ଆମ ମଧ୍ୟରେ ଅନୁପସ୍ଥିତ ବୋଲି କ'ଣ କହିହେବ ସତକୁ ସତ? ଆମେ କ'ଣ କେବେ କାହା ପ୍ରତି ଅନ୍ୟାୟ କରିନୁ? ଜ୍ଞାତସାରରେ ପୁଣି ଅଜ୍ଞାତସାରରେ ମଧ୍ୟ? ତେବେ ଗଳ୍ପଟିକୁ ଏବେ ଏକ ପ୍ରତୀକ ଭାବରେ ଗ୍ରହଣ କରାଯାଉ। ଆମ ମଧ୍ୟସ୍ଥିତ ଜଟିଳ, କୁଟିଳ, କର୍କଶ ଗୋବିନ୍ଦ ସର୍ଦ୍ଦାରକୁ ପରାହତ କରିବା ପାଇଁ ଘିନୁଆକୁ ହିଁ ଆମନ୍ତ୍ରଣ କରାଯାଉ। ଏହା ହେବ ନବ୍ୟ-ସାମ୍ୟବାଦର ସଂକେତ। ଏହି କାହାଣୀକୁ ଭିତ୍ତିକରି ୧୯୭୬ ମସିହାରେ ବିଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ମୃଣାଳ ସେନଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଛି ହିନ୍ଦୀ ଚଳଚ୍ଚିତ୍ର 'ମୃଗୟା'। ମିଥୁନ ଚକ୍ରବର୍ତ୍ତୀ ମୁଖ୍ୟ ଭୂମିକାରେ ଅଭିନୟ କରି ଅଗଣିତ ଦର୍ଶକ ହୃଦୟକୁ ସ୍ତବ୍ଧ କରିଦେଇଛନ୍ତି। ଭଗବତୀ ପାଣିଗ୍ରାହୀଙ୍କ ଗଳ୍ପ ରଚନା, ହିନ୍ଦୀରେ ଏହାର କଥାଚିତ୍ର ରୂପାୟନ ଓଡ଼ିଆ ଲେଖକ ଓ ପାଠକଙ୍କ ପାଇଁ ସଂରକ୍ଷିତ କରି ରଖିଛି ବହୁ ତାତ୍ପର୍ଯ୍ୟପୂର୍ଣ୍ଣ ବାର୍ତ୍ତା। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସାଉଦି ଆରବରେ କଳିଙ୍ଗାନ୍ କେଏସ୍‌ଏର ଅଷ୍ଟମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୬।୧୧(ସମିସ): ସାଉଦି ଆରବର ଦମାମ୍ ସହରରେ ପ୍ରବାସୀ ଓଡ଼ିଆମାନଙ୍କ ଦ୍ୱାରା ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ କଳିଙ୍ଗାନ କେଏସ୍‌ଏର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୬୫୦ରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ପରିବାର ଯୋଗଦେଇ ଓଡ଼ିଆ ସଂସ୍କୃତି, କଳା ଏବଂ ପରମ୍ପରାକୁ ମନେ ପକାଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପପତି ଡ. ଦେବ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ଓଡ଼ିଆ ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହ ଓଡ଼ିଆ ଅସ୍ମିତା ତଥା ଓଡ଼ିଆ ଜାତିର ପ୍ରଗତି ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ ଓ ଅନିନ୍ଦିତା ଦାସ ଓଡ଼ିଆ ସଙ୍ଗୀତ ପରିବେଷଣ କରିଥିଲେ। ହାସ୍ୟ କଳାକାର ମିଷ୍ଟର ଗୁଲୁଆଙ୍କ ଚମତ୍କାର ବ୍ୟଙ୍ଗ ପ୍ରଦର୍ଶନ ଦର୍ଶକଙ୍କ ମନୋରଞ୍ଜନ କରିଥିଲା। କାର୍ଯ୍ୟକ୍ରମରେ

**ଓଡ଼ିଆ ସଂସ୍କୃତି, କଳା ଏବଂ ପରମ୍ପରାକୁ ପାଳନ କଲେ ପ୍ରବାସୀ ଓଡ଼ିଆ**

ଯୁବ ଓଡ଼ିଆ ପ୍ରତିଭା ଆଦିତ୍ୟ ମହାନ୍ତି ଏବଂ ଓଡ଼ିଶୀ ନୃତ୍ୟ ଶିଳ୍ପୀ ସାଗରିକା ମହାନ୍ତି ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ଶାଶ୍ୱତ ଓ ସାଗରିକାଙ୍କ ଦ୍ୱାରା ପରିବେଷିତ "ରଥ ପଥ ଯାତ୍ରା ଜଗନ୍ନାଥ' ଅଭିନୟ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ଏହି ଅବସରରେ କଳିଙ୍ଗାନର ଅଫିସିଆଲ୍ ୱେବ୍‌ସାଇଟ୍ www.kalingans.org ଏବଂ ବାର୍ଷିକ ପତ୍ରିକା 'ନାରୀ ଶକ୍ତି' ସଂସ୍କରଣକୁ ଅତିଥିମାନେ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କଳିଙ୍ଗାନ୍‌ର କୋର୍ କମିଟି ସଦସ୍ୟମାନେ ପରିଚାଳନା କରିଥିଲେ। ସମାରୋହରେ ସରାଫତ୍ ଶେଖ୍, ସନ୍ତୋଷ ଦାସ, ବିଶ୍ୱରଞ୍ଜନ ସାହୁ, ରଞ୍ଜନ ରଥ, ଶୋଭନ ମହାନ୍ତି, ସୂର୍ଯ୍ୟକାନ୍ତ ଦାସ, ଦିଗମ୍ବର ମହାଖୁଦ, ଇମତୀୟାଜ୍ ଅଲ୍ଲୀ, ଅଗଷ୍ଟିନ୍ ଧୀର, ବସନ୍ତ ସାହୁ, ଜ୍ୟୋତିର୍ମୟ ଦାସ, ପ୍ରୀତମ୍ ମହାନ୍ତି ପ୍ରମୁଖ ସାମିଲ୍ ଥିଲେ।

# ପ୍ରାକ୍ତନ ଏବିଇଓଙ୍କୁ ୪ବର୍ଷ ସଶ୍ରମ ଜେଲ୍

**ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ**

କଟକ, ୨୬।୧୧ (ସମିସ): ଯାଜପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ପୂର୍ବତନ ତଥା ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ (ଏବିଇଓ) ରମାକାନ୍ତ ସେଠୀଙ୍କୁ ଲାଞ୍ଚ ଗ୍ରହଣ କରିବା ଅଭିଯୋଗରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା୧୩(୨)/୧୩(୧)(ଡି)/୭ ଅନୁସାରେ ୪ବର୍ଷ ଜେଲ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରିବା ସହ ଜେଲ ପଠାଇ ଦେଇଛନ୍ତି।

ପ୍ରକାଶଥାଉକି, ଗତ ୨୦୧୪ ମସିହା ସେପ୍ଟେମ୍ବରରେ ଶ୍ରୀ ସେଠୀ ଏବିଇଓ ଭାବେ କାର୍ଯ୍ୟରତ ଥିବା ବେଳେ ଜନୈକ ଅଭିଯୋଗକାରୀ ଶିକ୍ଷକଙ୍କଠାରୁ ତାଙ୍କର ଅନୁପସ୍ଥିତି ସମୟକୁ ନିୟମିତ କରିବା ପାଇଁ ୨ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଅଭିଯୁକ୍ତ ଶ୍ରୀ ସେଠୀଙ୍କ ବିରୋଧରେ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଚାର୍ଜସିଟ ଦାଖଲ କରିଥିଲା। କଟକ ଭିଜିଲାନ୍ସ ଡିଭିଜନର ପ୍ରାକ୍ତନ ଇନ୍ସପେକ୍ଟର୍ ବିଶ୍ୱନାଥ ରାଉତ ଏହି ମାମଲାର ତଦନ୍ତ କରିଥିଲେ। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସର୍ବେଶ୍ୱର ବାରିକ ମାମଲା ପରିଚାଳନା କରୁଥିଲେ। ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଏବିଇଓଙ୍କ ପେନସନ୍ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତ ଆୟୋଜନ...

କାର୍ଯ୍ୟନିର୍ବାହୀ ରଘୁରାମ ଆୟର ଓ ଗୁଜରାଟ କ୍ରୀଡ଼ାମନ୍ତ୍ରୀ ହର୍ଷ ସାଙ୍ଗଭୀ ଯୋଗ ଦେଇଥିଲେ। ୨୦୧୦ ମସିହାରେ ଭାରତ ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା। ଏଥିରେ ଭାରତୀୟ କ୍ରୀଡ଼ାବିତ୍ ୩୮ ସ୍ୱର୍ଣ୍ଣ ସହ ମୋଟ୍ ୧୦୧ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ଦୀର୍ଘ ୨୦ ବର୍ଷ ପରେ ପୁଣିଥରେ ଭାରତରେ କୌଣସି ମଲ୍ଟି ସ୍ପୋର୍ଟ୍ସ ଇଭେଣ୍ଟ ଆୟୋଜନ ହେବ। ଭାରତ ମଧ୍ୟ ପୂର୍ବରୁ ୧୯୫୧ ଓ ୧୯୮୨ ଏସୀୟ କ୍ରୀଡ଼ା ସଫଳତାର ସହ ଆୟୋଜନ କରିଥିଲା। ସେହିପରି ୨୦୦୩ରେ ହାଇଦରାବାଦରେ ଆଫ୍ରୋ ଏସୀୟ କ୍ରୀଡ଼ାର ସଫଳ ଆୟୋଜନ ହୋଇଥିଲା। ଏଥିସହ ୨୦୩୬ ଅଲିମ୍ପିକ୍ସ ଗେମ୍ସ ଆୟୋଜନ ନେଇ ଭାରତର ଦାବି ଆହୁରି ଦୃଢ଼ ହେବ ବୋଲି ମନେ କରାଯାଉଛି। ଭାରତ ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ କରିବାକୁ ପ୍ରସ୍ତୁତି ଜାରି ରଖିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲ୍‌କିଲ୍ଲାରେ ଏହାର ଘୋଷଣା କରିସାରିଛନ୍ତି। ଗତବର୍ଷ ନଭେମ୍ବରରେ ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାକୁ ଆନୁଷ୍ଠାନିକ ଭାବେ ଦାବି ଉପସ୍ଥାପନ କରିଥିଲା।

## ଆଜିଠାରୁ ଶୀତ...

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଭିଭାଷଣ ରଖିବେ। ଏହା ଓଡ଼ିଶା ବିଧାନସଭାରେ କୌଣସି ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଏହା ପ୍ରଥମ ଓ ଐତିହାସିକ ହେବ ବୋଲି କୁହାଯାଉଛି। ଏଥିପାଇଁ ସରକାର ମଧ୍ୟ ଆବଶ୍ୟକୀୟ ପ୍ରସ୍ତୁତି କରିଛନ୍ତି। ଅନ୍ୟପକ୍ଷରେ ପୂରା ଅଧିବେଶନରେ ସରକାରଙ୍କୁ ନାକେଦମ୍ କରିବାକୁ ବିରୋଧୀ ରଣନୀତି ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା, ନାରୀ ନିର୍ଯ୍ୟାତନା, ଚାଷୀଙ୍କ ସମସ୍ୟା, ଧାନକିଣା ସମସ୍ୟା, ନିଯୁକ୍ତି କେଲେଙ୍କାରୀ, ଲଘୁ ଖଣିଜ ସମ୍ପଦ ଚୋରୀ, ବିଜୁଳି ସମସ୍ୟା, ଦରଦାମ ବୃଦ୍ଧି, ଦାଦନ ସମସ୍ୟାକୁ ନେଇ ସରକାରଙ୍କୁ ଷଣ୍ଢୁଆସୀ ଆକ୍ରମଣ କରିବାକୁ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ରଣନୀତି ପ୍ରସ୍ତୁତି କରିଛନ୍ତି। ପ୍ରତିଟି ଘଟଣାରେ ସରକାରଙ୍କୁ ଜବାବ୍ ମଗାଯିବ। ସରକାର ଯଦି ଉତ୍ତର ନଦେଇ ପଳାୟନପନ୍ଥୀ ଭୂମିକା ଗ୍ରହଣ କରନ୍ତି, ଏହାର ତୀବ୍ର ବିରୋଧ କରାଯିବ ବୋଲି ବିଜେଡ଼ି ଓ କଂଗ୍ରେସ ବିଧାୟକମାନେ ଘୋଷଣା କରିଛନ୍ତି। ଅପରପକ୍ଷେ ସଂସଦୀୟ ବ୍ୟାପର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ବିରୋଧୀଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ପ୍ରତ୍ୟେକ ଗଠନମୂଳକ ଆଲୋଚନାକୁ ସରକାର ସ୍ୱାଗତ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଆସନ୍ତା ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ଅତିରିକ୍ତ ବଜେଟ ଆଗତ କରିବେ। ଅତିରିକ୍ତ ବଜେଟ ଉପରେ ଡିସେମ୍ବର ୪, ୫ ଓ ୬ ତାରିଖ ତିନିଦିନ ଧରି ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ହେବ। ୭ ତାରିଖ ଛୁଟି ଥିବାବେଳେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ। ଡିସେମ୍ବର ୩୧ ତାରିଖ ଯାଏଁ ମୋଟ ୨୯ ଦିନ ଗୃହ ଚାଲିବା ନେଇ ସ୍ଥିରୀକୃତ ହୋଇଛି। ଅପରପକ୍ଷେ ବିଧାନସଭାର ଶୀତ ଅଧିବେଶନ ପୂର୍ବରୁ ବୁଧବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବାଚସ୍ପତି ସୁରମା ପାଢ଼ୀ ଶୀତ ଅଧିବେଶନ କିପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ସମସ୍ତଙ୍କର ସହଯୋଗ ଲୋଡିଛନ୍ତି।

## ଅପରାହ୍ଣରେ ରାଷ୍ଟ୍ରପତିଙ୍କ...

ରାଷ୍ଟ୍ରପତି ବିଧାନସଭା ଗୃହକୁ ପ୍ରବେଶ ମାତ୍ରକେ ଓଡ଼ିଶା ପୁଲିସ ପକ୍ଷରୁ ଜାତୀୟ ସଙ୍ଗୀତ ବ୍ୟାଣ୍ଡ ପରିବେଷଣ କରାଯିବ। ବାଚସ୍ପତି ସୁରମା ପାଢ଼ୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଅଭିଭାଷଣ ରଖିବେ। ପରେ ରାଷ୍ଟ୍ରପତି ବିଧାନସଭାରେ ନିଜର ଅଭିଭାଷଣ ରଖିବେ ବୋଲି ଜଣାଯାଇଛି। ଅଭିଭାଷଣ ସରିବା ପରେ ବିଧାନସଭା ପରିସରରେ ଏକ ଫଟୋ ସେସନ୍ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଏପରିକି, ରାଷ୍ଟ୍ରପତି ଏକଦା ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଥିବା ବେଳେ ବିଧାନସଭାରେ ୧୧ ନମ୍ବର ରୁମ୍‌ରେ ବସୁଥିବା ବେଳେ ସେହି ରୁମ୍ ପରିଦର୍ଶନରେ ଯାଇ ନିଜର ସ୍ମୃତି ସାଉଣ୍ଟିବେ। ଅପରାହ୍ଣ ସାଢ଼େ ୪ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ସେ ବିଧାନସଭାରେ ରହିବେ ବୋଲି ଜଣାପଡ଼ିଛି। ପରେ ପରେ ଉକ୍ତଦିନ ରାଷ୍ଟ୍ରପତି ରାଜଭବନଠାରେ ରାଜ୍ୟପାଳଙ୍କ ପକ୍ଷରୁ ଆୟୋଜିତ ରାତ୍ରିଭୋଜନ କାର୍ଯ୍ୟକ୍ରମରେ ଯୋଗଦେବେ। ପରଦିନ ୨୮ ତାରିଖ ସକାଳ ୯ଟା ୩୫ରେ ସେ ଲକ୍ଷ୍ନୌ ବିମାନବନ୍ଦର ଅଭିମୁଖେ ଯିବାର କାର୍ଯ୍ୟସୂଚୀ ରହିଛି।

## ପ୍ରତି ଟଙ୍କାର...

ବର୍ଗୀକରଣ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ, ପୁଞ୍ଜି ପ୍ରକଳ୍ପ ଏବଂ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକରେ ଖର୍ଚ୍ଚର ସିଧାସଳଖ ତୁଳନା ସମ୍ଭବ ହୋଇପାରିବ। ପୁନଶ୍ଚ ଏହା ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକୁ ଯଥେଷ୍ଟ ଲାଭ ଦେଇପାରିବ ଓ ଆର୍ଥିକ ଭାବରେ ପଛୁଆ ରାଜ୍ୟଗୁଡ଼ିକୁ ଅଧିକ କେନ୍ଦ୍ରୀୟ ସହାୟତା ମିଳିବାରେ ସହଯୋଗ କରିବ। ଅନ୍ୟପକ୍ଷରେ ଏଣିକି ସମସ୍ତ ରାଜ୍ୟ ପ୍ରତି ମାସର ୧୦ ତାରିଖ ସୁଦ୍ଧା ମାସିକ ସିଭିଲ୍ ଆକାଉଣ୍ଟ ଏବଂ ସେପ୍‌ଟେମ୍ବର ୩୦ ସୁଦ୍ଧା ଡିଜିଟାଲ୍ ସ୍ୱାକ୍ଷର ସହିତ ବାର୍ଷିକ ଫାଇନାନ୍ସ ଆକାଉଣ୍ଟ ଏବଂ ଆପୋରାଇଜେସନ୍ ଆକାଉଣ୍ଟଗୁଡ଼ିକୁ ସମ୍ପୃକ୍ତ ପୋର୍ଟାଲ (ପବ୍ଲିକ୍ ଫାଇନାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ୍)ରେ ଅପଲୋଡ୍ କରିବେ। ବର୍ତ୍ତମାନ ହାର୍ଡ କପି ଦାଖଲ କରିବାର ଦଶନ୍ଧି ପୁରୁଣା ବ୍ୟବସ୍ଥା ବନ୍ଦ କରାଯାଉଛି। ଏଥିରେ ବିଳମ୍ବ ପାଇଁ ରାଜ୍ୟଗୁଡିକର ପାଣ୍ଠି ବିଳମ୍ବ ପାଇଁ ରାଜ୍ୟର ସମନ୍ୱିତ ପାଣ୍ଠିରୁ ପ୍ରତି ମାସରେ ୫୦ ଲକ୍ଷ ପର୍ଯ୍ୟନ୍ତ କାଟିବାର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। କିଛି ରାଜ୍ୟକୁ ଏଥିପାଇଁ ପୂର୍ବରୁ ଦଣ୍ଡିତ କରାଯାଇଛି। ସେହିପରି ସିଏଜି ଅଧିକାରୀମାନେ କହିଛନ୍ତି ଯେ ଏହି ଦୁଇଟି ସଂସ୍କାର ମିଳିତ ଭାବରେ ଦେଶର ସାର୍ବଜନୀନ ଆର୍ଥିକ ପରିଚାଳନାରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଆଗାମୀ ଦୁଇଟି ଆର୍ଥିକ ବର୍ଷ ମଧ୍ୟରେ ଦେଶର ସାର୍ବଜନୀନ ଆର୍ଥିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସୁଗମ କରିବ। ୨୦୨୮-୨୯ ସୁଦ୍ଧା ସମସ୍ତ ରାଜ୍ୟର ମୋଟ ଖର୍ଚ୍ଚ ତଥ୍ୟର ୯୮% ତୁଳନାତ୍ମକ ବିଶ୍ଳେଷଣ କରାଯିବ। ଏହା ରାଜ୍ୟଗୁଡ଼ିକ ମଧ୍ୟରେ ଆର୍ଥିକ ଏବଂ ସାମାଜିକ ବିକାଶର ବ୍ୟବଧାନକୁ ଦ୍ରୁତ ଭାବରେ ପୂରଣ କରିବାରେ ସାହାଯ୍ୟ କରିବ। ସମ୍ପ୍ରତି ରାଜ୍ୟଗୁଡ଼ିକ ଦ୍ୱାରା ମୋଟ ଖର୍ଚ୍ଚର କେବଳ ୪୦-୪୫% ତୁଳନାତ୍ମକ ଭାବରେ ଉପଲବ୍ଧ। ସମସ୍ତ ରାଜ୍ୟରେ ପ୍ରମୁଖ ଖର୍ଚ୍ଚ ସାମଗ୍ରୀକୁ ସମାନ କରିବା ଅର୍ଥ ଯେପରିକି ଦରମା, ସାମଗ୍ରୀ ସେବା, ଅନୁଦାନ ଏବଂ ପୁଞ୍ଜି ଖର୍ଚ୍ଚ, ଶିକ୍ଷା, ସ୍ୱାସ୍ଥ୍ୟ କିମ୍ବା ଭିତ୍ତିଭୂମି ଉପରେ ଖର୍ଚ୍ଚର ତୁଳନା ସହଜ କରିବ। ଏହାଦ୍ୱାରା ଗୋଟିଏ ରାଜ୍ୟର ଖର୍ଚ୍ଚ ଅନ୍ୟ ରାଜ୍ୟଠାରୁ କିପରି ଭିନ୍ନ ତାହା ପ୍ରମାଣିତ ହୋଇ ପାରିବ। ସେହିପରି କେଉଁ ରାଜ୍ୟଗୁଡ଼ିକ ସେମାନଙ୍କର ଖର୍ଚ୍ଚର ସର୍ବୋତ୍ତମ ବ୍ୟବହାର କରୁଛନ୍ତି ତାହା ମଧ୍ୟ ଜଣାପଡ଼ିବ। ଏହା ଅନ୍ୟ ରାଜ୍ୟର ବଜେଟ୍‌କୁ ଉନ୍ନତ କରିବାରେ ସାହାଯ୍ୟ କରିବ, ରାଜ୍ୟଗୁଡ଼ିକୁ ସେମାନଙ୍କର ଦୁର୍ବଳତା ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରିବ ଏବଂ କେନ୍ଦ୍ର ସରକାରଙ୍କ ପାଇଁ ପାଣ୍ଠି ବଣ୍ଟନକୁ ଅଧିକ ସମାନ କରିବ।

## ରାଜ୍ୟରେ ନାରୀ...

ଏସସିବି ମେଡିକାଲରେ ନିକଟରେ ଘଟି ଯାଇଥିବା ନାରୀ ନିର୍ଯ୍ୟାତନା ଘଟଣା ଅତ୍ୟନ୍ତ ପୀଡ଼ାଦାୟକ। ଏଭଳି ସମ୍ବେଦନଶୀଳ ଘଟଣା ସରକାରଙ୍କର ଅପାରଗତାକୁ ପଦାରେ ପକାଇଛି। ଏତେ ଘଟଣା ପରେ ଏ ସରକାରର ନିଦ କେବେ ଭାଙ୍ଗିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ। ସେହିପରି ଶାନ୍ତି ଓ ସଦ୍‌ଭାବ ପାଇଁ ସୁନାମ ଥିବା ଓଡ଼ିଶାରେ ସାଂପ୍ରଦାୟିକ ଉତ୍ତେଜନା ବଢ଼ି ଚାଲିଥିବା ବେଦନାଦାୟକ ବୋଲି କ୍ଷୋଭ ପ୍ରକାଶ କରିଥିଲେ ନବୀନ। ଗତ ୧୮ ମାସ ଭିତରେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିରେ ଅବନତି ଘଟିଛି। କଟକ ସହରରେ ଦୁର୍ଗାପୂଜା ସମୟରେ ଘଟି ଯାଇଥିବା ଦଙ୍ଗା ଓଡ଼ିଶାର ମୁଣ୍ଡ ତଳକୁ କରିଦେଇଛି ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ। ସେ ପୁଣି କହିଥିଲେ ଯେ ରାଜ୍ୟରେ ଚାଷୀ ଓ ମହିଳାମାନେ ସବୁଠାରୁ ଅଧିକ ଦୁଃଖରେ ଅଛନ୍ତି। ସରକାର ନା ଚାଷୀଙ୍କୁ ଠିକ୍ ସମୟରେ ସାର ଯୋଗାଇ ପାରୁଛନ୍ତି, ନା ମିଶନ ଶକ୍ତି ମା' ମାନଙ୍କୁ ଋଣ ସହାୟତା ଦେଇ ପାରୁଛନ୍ତି। ଚାଷୀ ଓ ମିଶନ ଶକ୍ତି ମା' ମାନଙ୍କ ପ୍ରତି ସରକାରଙ୍କର ଉଦାସୀନତାର ଦୃଢ଼ ବିରୋଧ କରାଯିବ ବୋଲି ସେ କହିଥିଲେ। ରାଜ୍ୟରେ ଚାଲିଥିବା ବିଜେପି ସରକାରକୁ ଚାଷୀ, ମହିଳା ଓ ଯୁବ ବର୍ଗର ବିରୋଧୀ ବୋଲି ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ କ୍ଷମତାକୁ ଆସିବା ପରେ ବିଜେପି ସରକାର ଏ ପର୍ଯ୍ୟନ୍ତ ଗୋଟିଏ ବି ନିଯୁକ୍ତି ପରୀକ୍ଷା ତ୍ରୁଟି ଶୂନ୍ୟ ଭାବରେ ପରିଚାଳନା କରିପାରି ନାହାନ୍ତି। ଯାହାକି ଯୁବ ବର୍ଗ ମଧ୍ୟରେ ହତାଶା ସୃଷ୍ଟି କରିଛି। ତେଣୁ ଜନସାଧାରଣ ସମ୍ମୁଖୀନ ହେଉଥିବା ଏହି ସବୁ ପ୍ରସଙ୍ଗରେ ସରକାରଙ୍କୁ ଉତ୍ତରଦାୟୀ ହେବାକୁ ପଡିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପଶ୍ଚିମ ଓଡ଼ିଶାରେ ଧାନ ସଂଗ୍ରହ ନେଇ ଦେଖା ଦେଇଥିବା ସମସ୍ୟା ବିଷୟ ଉଠାଇଥିଲେ। କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ବିଭିନ୍ନ ଆଳରେ ଗରିବ ଲୋକଙ୍କ ରାସନ କାର୍ଡ କାଟିବା ପାଇଁ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ବିରୋଧୀ ଦଳ ନେତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗୃହରେ ବିରୋଧୀ ଦଳର ରଣନୀତି ଉପରେ ଆଲୋକପାତ କରିବା ସହିତ ଆସନ୍ତାକାଲି ରାଷ୍ଟ୍ରପତିଙ୍କ ବିଧାନସଭା କାର୍ଯ୍ୟକ୍ରମ ସମ୍ପର୍କରେ ସଭ୍ୟମାନଙ୍କୁ ଅବଗତ କରିଥିଲେ।

## ଦର୍ଶନ ପାଇଁ...

ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଏସ୍‌ଓପି ଅନୁଯାୟୀ ପ୍ରତିଦିନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଅର୍ଥାତ୍ ୧୨ଘଣ୍ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିବ। କିନ୍ତୁ ଶୀତଦିନ ଅର୍ଥାତ ନଭେମ୍ବରରୁ ଫେବ୍ରୁଆରୀ ଏହି ୪ ମାସ ଅପରାହ୍ଣ ୫ଟାରୁ ଭକ୍ତଙ୍କ ପ୍ରବେଶ ବନ୍ଦ କରାଯିବ। ସେହିପରି ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ପାଇଁ ଦେବସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିର ବାହାରେ ଭକ୍ତଙ୍କ ପାଇଁ ନିଃଶୁଳ୍କ ମୋବାଇଲ୍ ଏବଂ ଜୋତାଷ୍ଟାଣ୍ଡ ବ୍ୟବସ୍ଥା କରାଯାଉଛି। ମନ୍ଦିର ଭିତରେ ପ୍ରାୟ ସବୁ ଜାଗାରେ ସିସିଟିଭି ଲଗା ସରିଛି। କିନ୍ତୁ ସୁରକ୍ଷା ଦୃଷ୍ଟିକୋଣରୁ ଆଉ କିଛି ଜାଗାରେ ଲଗାଯିବ।

ସେହିପରି ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଟେଣ୍ଡର୍ ଦିଆ ନ ଯାଇ ଶ୍ରୀମନ୍ଦିର ପ୍ରଶାସନ ନିଜେ ଏହାକୁ ପରିଚାଳନା କରିବ। ଗୁଣ୍ଡିଚା ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାମ ଶେଷ ହୋଇଥିବା ବେଳେ ଚତୁଃପାର୍ଶ୍ୱରୁ ସମସ୍ତ ଅବରୋଧ ହଟାଯାଇଛି ବୋଲି ସେ କହିଛନ୍ତି। ସୂଚନାଥାଉ କି, ୨୦୨୦ ମସିହାରୁ ଓଡ଼ିଶାରେ କୋଭିଡ୍ କଟକଣା ଲାଗୁ ହେବା ପରଠାରୁ ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି।

**ODISHA CONSTRUCTION CORPORATION LTD.** CAD-2475
(A Govt. of Odisha Undertaking)
**CENTRAL WORKSHOP, RASULGARH,**
Bhubaneswar-751010 (Odisha)
Tel- 0674 : 2580107,
Email : smppmcws@gmail.com
(GSTIN-21AAACO2571K2ZM)

**Tender call Notice No. OCC/CWS/PROC/KIP-20/66/2025-26 dtd.26.11.2025.**

Type of work : Supply of Casting items for Kanupur Irrigation Project (Depletion sluice at Block No. 12 & 13 ) for Emergency gate.
Total No. of work : 01(One).
Period of supply : 60 (Sixty) days.

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document (as per TCN) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/ CWS/ PROC/KIP-20 /66 / 2025-26 dtd.26.11.2025 | Rs.7080/- (Non-refundable) | 27.11.2025 10.00AM to 11.12.2025 1.00 PM | 27.11.2025 10.00AM to 11.12.2025 3.30 PM |

Date of opening of the Tender : 11.12.2025 at 4.00 P.M.
Further details can be seen from the website (www.odishaconstruction.com)
Amendment/corrigendum/cancellation, if any shall be posted on-line only (OCCL website).

Sd/-
Senior Manager (Mech.)-I
OCC Ltd., Bhubaneswar

OIPR-

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 25.11.2025, I Sushil Mahar resident of at- Bada Harijan Sahi, New janta talkies, Nayagarh N.A.C, Po- Nayagarh Bazar, Dist- Nayagarh, Odisha, PIN- 752070 declare that I have changed my name from Susil Kumar Mahar to Sushil Mahar. Henceforth, I shall be known as **SUSHIL MAHAR** for all purposes.

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 26.11.2025, I Sanjay Kumar Muduli resident At- Bedapur, Po- Bhairipur, Ps- Gop, Dist- Puri, Odisha, PIN- 752110, declare that I have changed the name of my Son from Subhasurya Muduli to S.R. Subhasurya Muduli . Henceforth, He shall be known as **S.R. SUBHASURYA MUDULI for all purposes.**


ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL


**OFFICE OF THE NOTIFIED AREA COUNCIL, REMUNA, BALASORE**
E-mail: remuna-nac@gov.in, Tel.No. - 06782-291978
Letter No. 2290 / Dated 21/11/2025 C-1556

**Expression of interest for Supplying of 08 nos. of Door to Door waste collection compartmentalized LCV Vehicles including Drivers & loaders on hiring basis for Remuna NAC.**

Details of bid documents can be downloaded from the website **www.remunanac.in** on or before **08.12.2025 up to 5.00 PM**

The completed application, as per instructions in the EOI documents should reach the following address by Registered Post/ Speed Post on or before **5.00 PM on date 08.12.2025.**

Remuna NAC reserves the sole right to accept or reject the proposal without assigning any reason thereof.

Executive Officer
Remuna NAC

OIPR-

**IN THE COURT OF THE CIVIL JUDGE (SENIOR DIVISION), ANANDAPUR.**
C.S. 115/2023

Kanthia Sethy .......Plaintiff
Vrs.
Nachhu Sethy and others ..Defendants

**NOTICE U/O 5, RULE 20 OF C.P.C To**

Def. 4, 1) Mayadhar Sethy, aged about 57 yrs, Son of late Suka Sethy, of village/P.O- Keshadurapal,P.S- Ghasipura, Dist. Keonjhar.
Def. 5, 2) Tilottama Sethy, aged about 47 years,Wife of Baya Sethy of village-Chhualia, P.O- Dhenka, P.S- Soso, Dist. Keonjhar.
Def. 6, 3) Pramila Sethy, aged about 54 years, Wife of Daitari Sethy Daughter of Sya Sethy of village-Khalagadia,P.O- Dhenka, P.S- Soso, Dist. Keonjhar.
Def. 15, 4) Babuli Sethy, aged about 52 years,Son of late Bali Sethy of village/P.O Atapur, P.S- Sadar,Dist. Keonjhar.
Def. 18, 5) Sanju Sethy, aged about 49 years,Wife of Purna Chandra Behera of village/P.O-Pandirisilli,P.S- Raruan, Dist. Keonjhar.
Def. 20, 6) Pritimaya Sethy, aged about 28 years,Son of late Kulamani Sethy, Village- Sankhapata (Sabarsahi) P.O/P.S- Baripada, Dist. Mayurbhanj.

Take notice that the above-named plaintiff has filed the C.S no. 115/2023 for partition and permanent injunction against the Defendants and the service of summons could not be served against the aforesaid defendants in spite of repeated summons issued by the Court in either ways and the defendants avoided to receive the Court Summons.
So you all are noticed to appear in my Court on 22nd Dec 2023 at about 10.30 A.M in person or through advocate to put forth your claims as to why reliefs prayed by the plaintiff should not be granted.
Take notice that in case of default the suit will be heard or determined in your absence.
Given under my hand and seal of this Court day 20.10.2023.

Civil Judge (Sr. Divn.),
Anandapur.

**REGULATED MARKET COMMITTEE, DEOGARH**
At: Hatisahi Sahi, E- No -6, Punjapani, Dist.- Deogarh (Odisha), Pin - 768119
Email Id – rmcdeogarh20@gmail.com

**QUOTATION CALL NOTICE**

The Sub-Collector-cum-Chairman, RMC, Deogarh invites sealed quotations from different Tent House Owners for creation of waterproof temporary storage facilities for keeping paddy in all Paddy Purchase Centres (PPCs) of Deogarh district during the Kharif Marketing Season KMS-2025-26 along with Farmer Rest Shed of following specifications:
**1.** Waterproof Paddy Storage House of size 30' × 20'
Centre Height 15' tapering to 9' (each unit)
Polythene cover on three sides for protection from rainwater
Quantity - Minimum 49 units, additional units as per DLPC requirement.
**2.** Waterproof Farmers' Rest Sheds with cloth sealing of size 15' × 15' × 10' Side walls on three sides
Quantity – Minimum 49 units, additional units as per DLPC requirement.
Sealed quotations should reach the office of the RMC, Deogarh by Registered Post or by hand on or before 01.12.2025 by 5 PM and will be opened on 02.12.2025 at 11:00 AM by the RMC authority in the presence of the quotationers or their authorised representatives in the office of the RMC, Deogarh.

**TERMS & CONDITIONS:**
1. The quotationer should quote the rate inclusive of all charges including labour, transportation, fitting, materials, GST/IT and other applicable dues.
2. The quotationer should be a registered dealer having valid GST and PAN on the date of submission of quotation.
3. Work should be completed within 12 days from the date of issue of work order.
4. The Chairman, RMC, Deogarh reserves all rights to reject one or any of the tender without assigning any reason thereof.
5. Payment will be made only after quality checking and verification as to completion of work as per specification.

Sd/-Sub Collector,
Deogarh & Chairman, Deogarh RMC

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 25.11.2025, I Sanjaya Kumar Panda resident of Quarter. No- H/8, Labour Colony, Rajabagicha, Cuttack Sadar, Telenga Bazar Dist- Cuttack, Odisha, PIN- 753009 declare that I have changed my name from Sanjay Kumar Panda to Sanjaya Kumar Panda. Henceforth, I shall be known as **SANJAYA KUMAR PANDA** for all purposes.

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 25.11.2025, I Puspalata Nayak resident of Nayak Sahi, At/Po- Majhihara, Dist- Khordha, Odisha, PIN- 752103 declare that I have changed my name from Puspalata Bayak to Puspalata Nayak. Henceforth, I shall be known as **PUSPALATA NAYAK** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Puri, dated 26.11.2025 I, G S V Dattatreya Murthy , At: Nirmalya Apartment , flat No. 05, Samanta Chandra Sekhara Nagar, Rama Ballav Road, Puri , Odisha declare that I have changed the name of my son from Chandra Sekara Sharma to Ganti Chandra Sekhara Sarma. Henceforth, he shall be known as Ganti Chandra Sekhara Sarma for all purposes.

**NOTICE (FOR MINOR)**

By virtue of an affidavit no. 114, before the Executive Magistrate, Bhubaneswar on dtd.21.11.2025, I, Nalini Sahoo, At- Gobinda Nagar, Nayapalli, Bhubaneswar, Odisha, do hereby declare that I have changed my minor daughter's name from Purnim Sahoo (old name) to Purnima Sahoo (new name). Henceforth she shall be known as **Purnima Sahoo** (new name) for all purposes.

**Nalini Sahoo**

**NOTICE**
(above 18 years of age)

By virtue of a affidavit CF No. 101, sworn before Executive Magistrate / Notary Public BBSR, Dated 24.11.2025, I Rajalaxmi Dei, At.: Kotanga- Kantimala, Kotanga, Puri, Odisha - 752118 declaring that I have changed my name from Rajalaxmi Pradhan to Rajalaxmi Dei. Henceforth, I shall be known as Rajalaxmi Dei for all purpose.

**Rajalaxmi Dei**

**AFFIDAVIT**

I, Madhu Mahali, W/o Shiba Mahali, resident of Vill Thakurbadi, P.O. Tarana, P.S. Tiring, Dist. Mayurbhanj, state that my name has been recorded as Madhu Mardi in my Aadhaar Card (No. 6280 0166 1951). After marriage, my correct surname is Mahali. Both names Madhu Mardi and Madhu Mahali refer to the same person. Hence, I declare that my correct name is **Madhu Mahali.**

**AFFIDAVIT**

By virtue of an affidavit sworn before Notary Public, Jharsuguda dated - 25.11.25 I, Pawan Das, Address At - Badebanka, P.o- Rajkamma, Sub District- Pali, Dist - Korba, (CG) PIN-495445 declare that I have changed my name from Pawan Das Mahant to Pawan Das. Henceforth I shall be known as Pawan Das for all purposes.

**Pawan Das**

**AFFIDAVIT**

By virtue of an affidavit sworn before Executive Magistrate Cuttack, dated 25th November 2025, I Mrs SANTILATA MULIA, Address, HOUSE NO - 1155, Balabhadrapur, Balisahi, Cuttack Sadar, Po - Ad market, ps - badambadi, declare that I have changed my name from SANTI MULIA to SANTILATA MULIA. Henceforth, I shall be known as SANTILATA MULIA for all purposes.

**SANTILATA MULIA**

**AFFIDAVIT**

By virtue of an Affidavit sworn before the Executive Magistrate Sohela dated 07/11/2025 I Babita Sahoo D/O- Chakradhar Sahoo resident of Village/ Ward Mahabir Pada, Po./Ps.: Bhawanipatna Dist.: Kalahandi declare that, I have changed my name from **Babita Kumari Sahoo** to **Babita Sahoo**. Henceforth I shall be known as **Babita Sahoo** for all purposes.

**AFFIDAVIT**

By virtue of an affidavit SI. No.495, dtd.26.11.2025 sworn before the Notary Public, Subarnapur, I, Preeti Priyadarsani Padhan, have changed my name from Priti Priyadarshini Padhan to Preeti Priyadarsani Padhan. Henceforth I shall be known as Preeti Priyadarsani Padhan for all purposes.

**Sd/- Preeti Priyadarsani Padhan**

**AFFIDAVIT**

I, AMIYA BALA NAYAK, aged about 69 years, W/o- Hemant Kumar Nayak, Resident of Nua Sahi, At/ PO: G.Udayagiri, Dist.: Kandhamal,Odisha, PIN- 762100, declared by this Affidavit No.: 1535/2025, Dated: 21.11.2025. That now onwards I shall be known as for all future **AMIA BALA NAIK** for all future Purposes.

**AFFIDAVIT**

By virtue of an affidavit (CF No. 02, dtd- 26/11/2025) sworn before the Executive Magistrate, Padampur. I, **Manash Ranjan Panigrahi,** S/o Buddhadeb Panigrahi, permanent & current resident of AT- Padampur, PO- Rajborasambar, PS- Padampur, Dist- Bargarh, PIN- 768036, Odisha declare that I have changed my name from **Manish Panigrahi** to **Manash Ranjan Panigrahi**. Henceforth, I shall be known as **Manash Ranjan Panigrahi** (new name) for all purposes.

**Manash Ranjan Panigrahi**

**AFFIDAVIT**

I, Nidhi Mittal, aged about 34 years, W/o- Vinit Mittal, resident of At- Madhusudan Marg, Mittal Enterprises, Ps- Plant Site, Rourkela Dist- Sundargarh, Odisha, Pin- 769001 declare by this affidavit No. 2406, dtd- 26/11/2025, that now onwards I shall be known as **NIDHI GARG** for all future purposes.

**AFFIDAVIT**

I, Rasmita Yadav, aged about 36 years, W/o- Umesh Yadav, resident of At- Plot No.02, Brahmeswar Bag, Tankapani Road, Badagada Brit Colony, Bhubaneswar, Dist- Khordha, PIN- 751018, Odisha declare by this affidavit No. 2391, dtd- 26/11/2025, that now onwards I shall be known as **RASHMITA YADAV** for all future purposes.

**AFFIDAVIT**

I, Maina Anjum Akhtari, D/o- Sk Nabiruddin, resident of Alakundanuagan, Nuagan, Binjharpur, Dist-Jajpur, PIN- 755013, Odisha declared by this affidavit No-971, dtd- 26/11/2025 that now onwards I shall be known as **ANJUM AKHATARI** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 26/11/2025. I, **Bijaya Kumar Putel** (applicant name), S/o- Parsuram Putel, permanent resident of AT/PO- Tatopara, PS- Muribahal, Dist- Bolangir, (Odisha), PIN- 767033 now residing at the same place declare that I have changed my minor daughter's name from **Ashreeta Putel** (old name) to **Bansita Putel** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Bansita Putel** (new name) for all future purposes.

**Bijaya Kumar Putel**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar vide CF. No. 73 on dated 24/11/2025, I PRANAYA KUMAR MALLICK, S/o- Felix Mallick, permanent resident of At/PO- Gudikia, PS- Bamunigam, Dist- Kandhamal, Odisha, Pin- 762021, declare that I have changed my name from PRANAY MALIK, S/o- Phelakas Malik to PRANAYA KUMAR MALLICK, S/o- Felix Mallick. Henceforth, I shall be known as PRANAYA KUMAR MALLICK, S/o- Felix Mallick for all purposes.

**PRANAYA KUMAR MALLICK**

# ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଟ୍ରେଡ୍ ୟୁନିଅନର ବିକ୍ଷୋଭ

ନୟାଗଡ଼,୨୬।୧୧(ସମିସ)




ନଭେମ୍ବର ୨୬ ଜାତୀୟ ସମ୍ବିଧାନ ଦିବସରେ ସର୍ବଭାରତୀୟ ଆହ୍ୱାନ କ୍ରମେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ପକ୍ଷରୁ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୋଦି ସରକାରଙ୍କ ଶ୍ରମିକ ବିରୋଧୀ ଶ୍ରମକୋଡ୍ ପ୍ରଚଳନ ସହିତ କୃଷକ ବିରୋଧୀ ନୀତିକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ତ୍ତ ଡାକବଙ୍ଗଳାଠାରୁ ଶତାଧିକ ଆଶାକର୍ମୀ, ପାଚିକା ସହାୟିକା, ନିର୍ମାଣ ଶ୍ରମିକ, କୃଷକ ପଟୁଆର କରି କୃଷକ ନେତା ହରିଶ୍ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ସଂଗଠିତ କରିଥିଲେ। ଶ୍ରମିକ ବିରୋଧୀ ଶ୍ରମକୋଡ୍ ବାତିଲ୍ କରି ଶ୍ରମ ଆଇନ ପୁନଃ ପ୍ରଚଳନ କରିବା, ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୦ ଦିନର କାମ ସହିତ ଦୈନିକ ମଜୁରୀ ୭୦୦ ଟଙ୍କା କରିବା, ସ୍କିମ୍ କର୍ମଚାରୀଙ୍କୁ ମାସିକ ସର୍ବନିମ୍ନ ୨୬ ହଜାର ବେତନ ଓ ୧ ହଜାର ଟଙ୍କା ପେନ୍‌ସନ୍, ଚାଷୀ ଫସଲ ପାଇଁ ସର୍ବନିମ୍ନ ସହାୟକ ଦର ଗ୍ୟାରେଣ୍ଟି ଦେବା, ଚିନିକଳ ଚାଲୁ କରିବା, ଦରଦାମ୍ ନିୟନ୍ତ୍ରଣ କରିବା ଇତ୍ୟାଦି ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରତିନିଧି ମଣ୍ଡଳୀଙ୍କ ଜରିଆରେ ଭାରତର ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିଲା। ମୋଦି ସରକାର କ୍ଷମତାକୁ ଆସିବା ପରେ ନୂତନ କୃଷିନୀତି ନାମରେ କୃଷିକ୍ଷେତ୍ରକୁ ଘରୋଇକରଣ କରିବା, ଶ୍ରମକୋଡ୍ ପ୍ରଚଳନ କରି ଶ୍ରମିକ ଶ୍ରେଣୀକୁ ଅଧିକାରରୁ ବଞ୍ଚିତ କରିବା, ଆକାଶଛୁଆଁ ଦରବୃଦ୍ଧି କରି ସାଧାରଣ ଖାଉଟିଙ୍କୁ ଆର୍ଥିକ ଆକ୍ରମଣ କରିବା, ନିଯୁକ୍ତି କ୍ଷେତ୍ରକୁ ସଙ୍କୁଚିତ କରି ବେରୋଜଗାରୀ ବୃଦ୍ଧି କରିବା ଭିତରେ ନିଜର ଜନବିରୋଧୀ ଚେହେରାକୁ ପ୍ରକଟିତ କରିଥିବାରୁ ଏହାର କଟୁ ସମାଲୋଚନା କରି ବ୍ୟାପକ ଗଣଆନ୍ଦୋଳନ ଆହ୍ୱାନ ଦେଇଥିଲେ ଶ୍ରମିକ ଓ କୃଷକ ନେତାମାନେ। ବରିଷ୍ଠ ସଂଗଠକ ବିଶ୍ୱନାଥ ମହାପାତ୍ର, ସୁରେଶ ଚନ୍ଦ୍ର ସ୍ୱାଇଁ, ଶରତଚନ୍ଦ୍ର ବେହେରା, ନିତ୍ୟାନନ୍ଦ ପରିଡ଼ା, ପବିତ୍ର ଇନ୍ଦ୍ରଜିତ, ଚାପଧାରୀ ରାଉତ, ମଙ୍ଗୁଳି ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ: ଲକ୍ଷାଧିକ ଭକ୍ତଙ୍କ ସମାଗମ

ଗଣିଆ,୨୬।୧୧(ସମିସ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍‌ର ଗଣପର୍ବ ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞ ତଥା ମଣିଭଦ୍ରା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୪ ଦିନ ଧରି ଚାଲିଥିବା ଉତ୍ସବକୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ସାଧୁସନ୍ଥ, ଅସହାୟ ଗରିବ ଜନସାଧାରଣଙ୍କୁ ଯଜ୍ଞ କମିଟି ତରଫରୁ ଶୀତବସ୍ତ୍ର, କମ୍ବଳ ଏବଂ ଶାଢ଼ି ବଣ୍ଟନ କରାଯାଇଥିଲା। ୪ ଦିନ ଧରି ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବାବେଳେ ଶେଷ ଦିନରେ ୫୦ ହଜାରରୁ ଅଧିକ ଭକ୍ତ ଉପସ୍ଥିତ ଥିଲେ। ବିଭିନ୍ନ ଦିନରେ ପ୍ରବଚନ, ଦୀପ ଯଜ୍ଞ, ଭଜନ, ନୃତ୍ୟ, ପ୍ରସାଦସେବନ, ହନୁମାନ ଚାଳିଶା ଆଦି ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଧର୍ମ ମଣ୍ଡପରୁ ସ୍ୱର୍ଗତ ବାବା ରାମଦାସଙ୍କ ଚରଣ ପାଦୁକା ନେଇ ଯଜ୍ଞାହୁତି କାର୍ଯ୍ୟ ସମାପନ କରିଥିଲେ। ସନ୍ଧ୍ୟାରେ ୧୦୦୮ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ମଣ୍ଡପରେ ଚରୁ ପାଇବା ପାଇଁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଆବାଳ-ବୃଦ୍ଧ-ବନିତା ଏହି ଦୀପଦାନ ଉତ୍ସବରେ ସାମିଲ୍ ହୋଇଥିଲେ। ଜନସମାଗମ ଯୋଗୁଁ ବହୁ ସମୟ ଧରି ଟ୍ରାଫିକ୍ ଜାମ୍ ହୋଇଥିଲା। ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏସ୍‌ଆଇ ଶ୍ୟାମସୁନ୍ଦର ପ୍ରଧାନ, ଏଏସ୍‌ଆଇ ଦେବାଶିଷ ସେଠୀ, ଏଏସ୍‌ଆଇ ମନୋରଞ୍ଜନ ପ୍ରଧାନ, ଏଏସ୍‌ଆଇ ଶାହା ଆଲାମ ଖାଁ ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲେ। ମାଳତିପୁଟ ଗ୍ରାମବାସୀଙ୍କ ସହଯୋଗ ତଥା ସତ୍ୟ-ଶାନ୍ତି-ସେବା ଟ୍ରଷ୍ଟର ସଭାପତି ଅଜୟ ପଟ୍ଟନାୟକ, ଉପଦେଷ୍ଟା ନିର୍ମଳ ପଟ୍ଟନାୟକ, ଧୀରେନ୍ଦ୍ର ପାଣିଗ୍ରାହୀ, ସୁଧାଂଶୁ ଶେଖର ମିଶ୍ର, ଆଦିତ୍ୟ ନାରାୟଣ ମହାସୁପକାର, ପାର୍ଥସାରଥୀ, ଶୋଭନ ମହାକୁଡ଼ଙ୍କ ସମେତ କର୍ମକର୍ତ୍ତା ସହଯୋଗ କରିଥିଲେ।



## ନୀଳମାଧବଙ୍କ ଘୋଡ଼ଲାଗି ବେଶ

କଣ୍ଟିଲୋ,୨୬।୧୧(ସମିସ): ପବିତ୍ର ମାର୍ଗଶିର ମାସ ପ୍ରାବରଣ ଷଷ୍ଠୀ ବା ଓଢ଼ଣ ଷଷ୍ଠୀ ଅବସରରେ ଶ୍ରୀନୀଳମାଧବ ଘୋଡ଼ଲାଗି ବେଶରେ ଦର୍ଶନ ଦେଇଛନ୍ତି। ବୁଧବାରଠାରୁ ମାଘ ମାସ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ମହାପ୍ରଭୁ ନୀଳମାଧବ ଶୀତବସ୍ତ୍ର ପରିଧାନ କରିଥା'ନ୍ତି। ଏହି ସମୟ ମଧ୍ୟରେ ପ୍ରବଳ ଶୀତ ହେତୁ ରକ୍ଷା ପାଇଁ ଶୀତବସ୍ତ୍ର ବା ଘୋଡ଼ ଧାରଣ କରିଥାନ୍ତି। ଏହି ବସ୍ତ୍ର ମଖମଲ ଓ ସୂତା କପଡ଼ାରେ ସ୍ୱତନ୍ତ୍ର ଶୈଳୀରେ ପ୍ରସ୍ତୁତ କରାଯାଇଥାଏ ଏବଂ ଶ୍ରୀଜୀଉ ପ୍ରତ୍ୟେକ ବାରରେ ଭିନ୍ନ ଭିନ୍ନ ରଙ୍ଗର ଘୋଡ଼ବସ୍ତ୍ର ଲାଗି ହୋଇଥାନ୍ତି। ପ୍ରାବରଣ ଯାତ୍ରା ଦର୍ଶନ ଲାଭ କଲେ ଚନ୍ଦ୍ର, ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ଗର୍ଭବାସ କଷ୍ଟ ଲାଘବ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଶ୍ରୀଜୀଉଙ୍କ ଘୋଡ଼ଲାଗି ବେଶ ଦର୍ଶନ ପାଇଁ ନୀଳମାଧବ ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



## ଓଷ୍ଟାର ନୂତନ କର୍ମକର୍ତ୍ତା ନିର୍ବାଚିତ



ଗଣିଆ,୨୬।୧୧(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା)ର ଗଣିଆ ବ୍ଲକ୍ ସାମ୍ବିଧାନିକ ସମ୍ମିଳନୀ ପଦ୍ମନାଭ ଉଚ୍ଚ ବିଦ୍ୟାଳୟ ଆଡ଼କଟା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ୩ ବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ନୂତନ ସଭାପତି ଭାବେ ପଦ୍ମନାଭ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅରବିନ୍ଦ ମହାଲିକ, ଉପସଭାପତି ଭାବେ ଭାଗିରଥି ଜାନି ଓ ସତ୍ୟଭାମା ସେନାପତି, ସମ୍ପାଦକ ଗୋଲେଖ ବିହାରୀ ସାହୁ, ଯୁଗ୍ମ ସମ୍ପାଦକ ନବକିଶୋର ମହାରଣା, ରଜତ ପ୍ରଧାନ, ସସ୍ମିତା ମଣ୍ଡଳ, ଜିଲ୍ଲା ପରିଷଦ ସଦସ୍ୟ ଭାବେ ବିଶ୍ୱରଞ୍ଜନ ସାହୁ ଓ ସଞ୍ଜୟ ପରିଡ଼ା, ରାଜ୍ୟ ପରିଷଦ ସଦସ୍ୟ ଭାବେ ଜଗଦୀଶ ମିଶ୍ରଙ୍କୁ ଚୟନ କରାଯାଇଥିଲା। ନୟାଗଡ଼ ଜିଲ୍ଲା ସଭାପତି ଅଯୋଧ୍ୟା ନାଥ ନାୟକ, ଜିଲ୍ଲା ସମ୍ପାଦକ ମାନସ କୁମାର ସାହୁ, ରାଜ୍ୟ କମିଟି ସଦସ୍ୟ ବିନାୟକ ପରିଡ଼ାଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଶିକ୍ଷକ ଗୋଲେଖ ବିହାରୀ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଜଗଦୀଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରଘୁନାଥଙ୍କ ଓଢ଼ଣ ଓ ପ୍ରାବରଣ ଷଷ୍ଠୀ

ଓଡଗାଁ,୨୬।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ପ୍ରଭୁ ଶ୍ରୀରଘୁନାଥଙ୍କ ମାନବୀୟ ଲିଳା ଆଧାରରେ ବୁଧବାର ମାର୍ଗଶିର ଶୁକ୍ଳ ଷଷ୍ଠୀ ଶ୍ରବଣା ମକର ତିଥିରୁ ଘୋଡ଼ଲାଗି ଆରମ୍ଭ ହୋଇଥିବାବେଳେ ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ଏହା ଲାଗି ହେବାର ପରମ୍ପରା ରହିଛି। ପୃଥିବୀର ଘୂର୍ଣ୍ଣନ କ୍ରିୟା ଆଧାରରେ ଋତୁଚକ୍ରର ପରିବର୍ତ୍ତନ ମନୁଷ୍ୟ ଜୀବନଚର୍ଯ୍ୟାରେ ପରିବର୍ତ୍ତନ ଆଣିଥାଏ। ମନୁଷ୍ୟ ସମାଜର ମଙ୍ଗଳବିଧାନ ତଥା ଉଚିତ୍ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ଯୁଗେ ଯୁଗେ ମହାଗାମାନେ ନାନାଦି ଅବତାରରେ ଧରାଧାମରେ ଅବତୀର୍ଣ୍ଣ ହୋଇ ଯେଉଁ ମାର୍ଗଦର୍ଶନ କରିଛନ୍ତି, ପରବର୍ତ୍ତି ସମୟରେ ତାହା ଅନ୍ୟମାନେ ଅନୁକରଣ କରିଥାନ୍ତି। ଶୀତଋତୁର ପ୍ରବେଶରେ ଶରୀରକୁ ଉଷ୍ଣତା ପ୍ରଦାନ କରି ଶୀତ ଦାଉରୁ ରକ୍ଷା କରିବା ପାଇଁ ପ୍ରଭୁଙ୍କ ଶ୍ରୀମୁଖକୁ ଛାଡ଼ି ସର୍ବାଙ୍ଗରେ ଘୋଡ଼ଲାଗି କରାଯାଇଥାଏ। ଓଢ଼ଣଷଷ୍ଠୀ ତଥା ପ୍ରାବରଣ ତିଥିଠାରୁ ମାଘଶୁକ୍ଳ ବରଦା ଚତୁର୍ଥୀ ୨ମାସ ଧରି ଶ୍ରୀଜୀଉମାନଙ୍କଠାରେ ଶୀତବସ୍ତ୍ର ଲାଗି କରାଯାଇଥାଏ ଏବଂ ଶ୍ରୀପଞ୍ଚମୀଠାରୁ ଶ୍ରୀଜୀଉମାନେ ପୁନଶ୍ଚ ପୂର୍ଣ୍ଣାଙ୍ଗ ବେଶରେ ଦର୍ଶନ ଦେବେ। ବୁଧବାର ଭୋର୍ ସାଢ଼େ ୪ଟାରେ ମଙ୍ଗଳଆଳତି, ସ୍ନାନ, ଅବକାଶ, ପଞ୍ଚାମୃତ ସ୍ନାନ, ଦର୍ପଣୀସ୍ନାନ, ତଡ଼ପଲାଗି, ମଇଲମ, ଖଟଣ ନୀତି ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶ୍ରୀଭାଗବତଜୀଉ ପୂଜା, ବଲ୍ଲଭ ନୀତି ସହିତ କର୍ପୂର ଆଳତି, ଖେଚୁଡ଼ି ଧୂପ, ମହାଆଳତି ଓ ଚାମରସେବା ପରେ ଶ୍ରୀଜୀଉଙ୍କ ଘୋଡ଼ଲାଗି ନୀତି ଅନୁଷ୍ଠିତ ହୋଇଥିଲା। ଆଜିର ପାଳିଆ ପଣ୍ଡା ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର ଓ କର୍ମକର୍ତ୍ତାଙ୍କ ସହିତ ମନ୍ଦିର ପରିଛା ଏବଂ ମନ୍ଦିର ପରିଚାଳକଙ୍କ ଦ୍ୱାରା ଶୃଙ୍ଖଳାର ସହିତ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା।



# ବାଲୁଗାଁ ବଜାରରୁ ଜବରଦଖଲ ଉଚ୍ଛେଦ

ବାଲୁଗାଁ,୨୬।୧୧(ସମିସ): ବାଲୁଗାଁ ବଜାର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱର ୨୫ଜଣ ଜବରଦଖଲକାରୀ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିବାରୁ ବାଲୁଗାଁ ବଜାର ପ୍ରଶସ୍ତିକରଣ କାର୍ଯ୍ୟ ସ୍ଥଗିତ ରହିଥିଲା। ତେବେ ଉଚ୍ଚନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ବୁଧବାର ପ୍ରଶାସନ ଉପସ୍ଥିତିରେ ବଜାରରୁ ଉକ୍ତ ୨୫ଜଣ ଜବରଦଖଲକାରୀଙ୍କ ଗୃହ ଓ ଦୋକାନକୁ ଉଚ୍ଛେଦ କରାଯାଇଛି। ବାଲୁଗାଁ କ୍ଷୁଦ୍ର ସହରକୁ ସରସ ସୁନ୍ଦର କରିବା ନିମନ୍ତେ ଚାରି ଥାକିଆ ରାସ୍ତା ଆବଶ୍ୟକତା ପଡୁଥିବାରୁ ୫ ନଂ ଜାତୀୟ ରାଜପଥର ବାଲୁଗାଁ ବଜାର ଉଭୟ ପାର୍ଶ୍ୱରେ ଜବର ଦଖଲ କରି ଦୋକାନ ଓ ଘର କରିଆସୁଥିବା ବ୍ୟକ୍ତି ବିଶେଷଙ୍କୁ ଉଚ୍ଛେଦ ନିମନ୍ତେ ମାପ ଚିହ୍ନଟ କରାଯାଇଥିଲା। ମାପ ଚିହ୍ନଟ ପରେ ୯୭ ଜଣ ଜବରଦଖଲକାରୀଙ୍କୁ ନୋଟିସ ଦିଆଯାଇଥିଲା। ବାଲୁଗାଁ ବଜାର ଉଚ୍ଛେଦ ନିମନ୍ତେ ବର୍ତ୍ତମାନକୁ ମିଶି ଚାରିଟି ପର୍ଯ୍ୟାୟରେ ଉଚ୍ଛେଦ କରାଯାଇଛି। ଶେଷ ଥର ମଧ୍ୟ ଉଚିତ୍ ଭାବେ ମାପଚିହ୍ନଟ କରାଯାଇ ନ ଥିବା ନେଇ ଅଭିଯୋଗ ହୋଇଥିଲା। ପୂର୍ବରୁ ତିନୋଟି ପର୍ଯ୍ୟାୟରେ ବାଲୁଗାଁ ଥାନା ଠାରୁ ଇଂଜନପୁର ପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଥିଲା। ତେବେ ସେହି ସମୟରେ ଉଚ୍ଛେଦ ପ୍ରକ୍ରିୟାରେ ଅନିୟମିତତା କରାଯାଇଥିବା ଅଭିଯୋଗ କରି ୨୫ଜଣ ଗୃହ ଓ ଦୋକାନ ମାଲିକ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ତ ହୋଇଥିଲେ। ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ପରେ ଏବେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ପ୍ରଶାସନ କରିଥିବା ମାପଚିହ୍ନଟ ଓ ସର୍ବସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ଉଚିତ୍ ମନେ କରି ଆବେଦନକାରୀଙ୍କ ମାମଲା ଖାରଜ କରି ଉଚ୍ଛେଦ ନିମନ୍ତେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତଦାନୁଯାୟୀ ବୁଧବାର ଉଚ୍ଛେଦ କାର୍ଯ୍ୟକୁ ତ୍ୱରାନିତ କରାଯାଇଛି। ଏହି ଉଚ୍ଛେଦ କାର୍ଯ୍ୟରେ ଚିଲିକା ତହସିଲଦାର କାହ୍ନୁଚରଣ ଘଡ଼େଇଙ୍କ ତତ୍ତ୍ୱାବଧାନରେ ବାଣପୁର ତହସିଲଦାର ଟି ପଦ୍ମନାଭ ଦୋରାଙ୍କ ସମେତ ବିଭିନ୍ନ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତି ଥିବା ବେଳେ ଶାନ୍ତିଶୃଙ୍ଖଳା ପାଇଁ ବାଲୁଗାଁ ଏସଡ଼ିପିଓ ସଂଜୟ କୁମାର ପଟ୍ଟନାୟକାଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ଅନ୍ୟପକ୍ଷରେ ବର୍ତ୍ତମାନ କରାଯାଇଥିବା ଉଚ୍ଛେଦ କାର୍ଯ୍ୟରେ ସଲାସୁତରାରେ ଅନିୟମିତତା କରାଯାଇଥିବା ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



## ଗୁରୁଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ନାଟୁଗାଁ ଚାମ୍ପିଅନ



ଖଣ୍ଡପଡ଼ା,୨୬।୧୧(ସମିସ): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ଗୁରୁଦେବ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୧୫ତମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ନାଟୁଗାଁ କ୍ରିକେଟ୍ କ୍ଲବ୍ ଚାମ୍ପିଅନ ହୋଇଛି। ମଧୁବନ ମିନି ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଖଣ୍ଡପଡ଼ା ଗୁରୁଦେବ କ୍ରିକେଟ୍ କ୍ଲବ୍ ଓ ନାଟୁଗାଁ କ୍ରିକେଟ୍ କ୍ଲବ୍ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ନାଟୁଗାଁ ନିର୍ଦ୍ଧାରିତ ୨୦ ଓଭରରେ ୧୦ ୱିକେଟ୍ ହରାଇ ୧୨୧ ରନ୍ କରିଥିଲା। ଜବାବରେ ଗୁରୁଦେବ କ୍ରିକେଟ୍ କ୍ଲବ୍ ୧୮.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୭ ରନ୍ କରିପାରିଥିଲା। ବିଜୟୀ ଦଳର ପ୍ରତାପ କୁମାରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିବା ବେଳେ ଉପବିଜେତା ଦଳର ରାକେଶ ମହାନ୍ତିଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। କ୍ଲବ୍‌ର ସଭାପତି ଲିଙ୍ଗରାଜ ଧଳଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାପୁର ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଉଭୟ ଦଳକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ସମାଜସେବୀ ସନାତନ ଦାସ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳର ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ବୁବୁନା ସେଠୀ ଓ ସିତୁନ ସାହୁ ପରିଚାଳନା କରିଥିବାବେଳେ ଗୌରାଙ୍ଗ ଚରଣ ସେଠୀ ସ୍କୋରର୍ ଦାୟିତ୍ୱ ନିଭାଇଥିଲେ। ସେହିପରି ସନ୍ତୋଷ ସାହୁ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ।

## ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ

ଓଡ଼ଗାଁ,୨୬।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ପିଆଇଏମ୍‌ଆଇଟି (ପିମିଟି) ମହାବିଦ୍ୟାଳୟ ପରିସରରେ ବୁଧବାର ସମ୍ବିଧାନ ଦିବସ ମହାସମାରୋହ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁନିଲ୍ କୁମାର ମହାପାତ୍ର ସମ୍ବିଧାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିବାବେଳେ +୨ର ଅଧ୍ୟକ୍ଷ ସୁରେଶ କୁମାର ପ୍ରଧାନ ସମ୍ବିଧାନର ଗଠନ ଏବଂ ରାଷ୍ଟ୍ର ପରିଚାଳନାରେ ସମ୍ବିଧାନର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ରଘୁନାଥ ସମବାୟ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ନିହାର ରଞ୍ଜନ ପ୍ରଧାନ ଯୋଗଦେଇ ଜାତିଭେଦ ତଥା ସମାଜରେ ନାରୀ ଓ ପୁରୁଷଙ୍କ ସମାନତା ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଅଧ୍ୟାପିକା ପ୍ରୀତିପ୍ରଜ୍ଞା ମହାପାତ୍ର ସମ୍ବିଧାନର ପ୍ରସ୍ତାବନା ପାଠ କରିଥିଲେ। ଅଧ୍ୟାପିକା ପ୍ରତିଭା ବାରିକ ସମ୍ବିଧାନର ନୀତି ନିୟମ ବିଷୟରେ ବିଶେଷ ଭାବେ ଆଲୋକପାତ କରିଥିବାବେଳେ ଅଧ୍ୟାପିକା ଆଲିସା ଜେନା ସମ୍ବିଧାନର ସାମାଜିକ ନ୍ୟାୟ ଉପରେ ନିଜର ମତପ୍ରକାଶ କରିଥିଲେ। ରାଜନୀତି ବିଭାଗ ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ ଲିପିକା ପ୍ରିୟଦର୍ଶିନୀ ବାଘ ମଞ୍ଚ ପରିଚାଳନା ଦାୟିତ୍ୱ ତୁଲାଇଥିବାବେଳେ ଉଭୟ +୨ ଏବଂ +୩ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଏବଂ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ଓଡ଼ଗାଁ,୨୬।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ରାବରା ଗ୍ରାମର ଜଣେ ଯୁବକ ବୁଧବାର ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ ନୟାଗଡ଼-ଭଞ୍ଜନଗର ରାଜ୍ୟ ରାଜପଥ ଅରଖପଲ୍ଲୀ ଗ୍ରାମ ନିକଟରେ ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ଜଣକ ହେଲେ ପୁରସ୍ତମ ପ୍ରଧାନ (୪୨)। ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ ଘଟଣାସ୍ଥଳରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଦୋଳି ଓ ମୀନାବଜାର ଉଦ୍‌ଘାଟିତ



ନିରାକାରପୁର,୨୬।୧୧ (ସମିସ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ପ୍ରଧାନ ପଡିଆରେ ଓମ ସାଇରମ ଏଣ୍ଟରପ୍ରାଇଜେସ ପକ୍ଷରୁ ଦୋଳି ଓ ମୀନା ବଜାର ଉଦଘାଟିତ ହୋଇଯାଇଛି। ଏକ ସାନ୍ଧ୍ୟ ସାଂସ୍କୃତିକ ପରିବେଶ ମଧ୍ୟରେ ନିରାକାରପୁର ଅଂଚଳ ର ସମସ୍ତ ବରିଷ୍ଠ ସାମ୍ବାଦିକ ସାମୁହିକ ଫିତା କାଟି ଉଦଘାଟନ କରିଥିଲେ। ନୌକା ଦୋଳି ସହିତ ଡ୍ରାଗନ, ବ୍ରେକ ଡ୍ୟାନ୍ସ, ମିକି ମାଉସ, ରାମ ଦୋଳି (ଛୋଟ) ଉଡ଼ାଜାହାଜ, କାର ଓ ଘୋଡା ଦୋଳି, ୱାଟର ବୋଟିଙ୍ଗ, ଜମ୍ପିଙ୍ଗର ମଜା ନେଇପାରିବେ। ମଥୁରା କେକ୍, ଆଇସକ୍ରୀମ ଓ ବିଭିନ୍ନ ପ୍ରକାର ଖାଦ୍ୟ ସହିତ ସୁଲଭ ମୂଲ୍ୟରେ ଷ୍ଟେସନାରୀ ଓ ସମସ୍ତ ଘରକରଣା ଜିନିଷ ଗୋଟିଏ ଜାଗାରୁ ମିଳିବାର ମୀନା ବଜାର ପ୍ରୋପାଇଟର ପ୍ରଶାନ୍ତ ସାହୁଙ୍କ ଠାରୁ ସୂଚନା ମିଳିଛି। ଏହି ମୀନା ବଜାର ୧୫ ଦିନ ଧରି ଚାଲିବ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ଓଡ଼ଗାଁ,୨୬।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ପିଏମ୍‌ଶ୍ରୀ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକଳ୍ପ ହିଁ ପ୍ରକଳ୍ପ ଉପରେ ଗୁରୁତ୍ୱାରୋପ କରିଥିବାବେଳେ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ପରମାନନ୍ଦ ଦଳାଇ ଓ ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ସସ୍ମିତା ସ୍ୱାଇଁ, ବିଜ୍ଞାନ ଶିକ୍ଷୟିତ୍ରୀ କଲ୍ୟାଣୀ ପଲାଇ ବିଭିନ୍ନ ପ୍ରକଳ୍ପ ପାଇଁ ଛାତ୍ରୀମାନଙ୍କୁ ମାର୍ଗଦର୍ଶକ କରିଥିଲେ। ଶିକ୍ଷକ ଜ୍ୟୋତି ପ୍ରକାଶ ପ୍ରଧାନ, ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର, ଖେଳ ଶିକ୍ଷକ ଦୀପ୍ତି ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିବାବେଳେ କୁରାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦାସ ଓ ଝାଙ୍ଗିରାମ ଉଚ୍ଚ ବିଦ୍ୟାଳୟ, ଗୌଡ଼ପୁଟର ବରିଷ୍ଠ ବିଜ୍ଞାନ ଶିକ୍ଷକ ସରୋଜ କୁମାର ଦୋରା ବିଚାରକ ଦାୟିତ୍ୱ ସମ୍ପାଦନ କରିଥିଲେ। ଏହି ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



## ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ପଦଯାତ୍ରା



ନୟାଗଡ଼,୨୬।୧୧(ସମିସ): ଜାତୀୟ ସମ୍ବିଧାନ ଦିବସ ଅବସରରେ ଜାତୀୟ ସଂହତିକୁ ବଜାୟ ରଖି ନାଗରିକଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ଉଦ୍ଦେଶ୍ୟରେ ଅଖିଳ ଭରତ କଂଗ୍ରେସ କମିଟି ଆହ୍ୱାନ କ୍ରମେ ବୁଧବାର ସ୍ଥାନୀୟ ତ୍ରିନାଥ ଛକ ଗାନ୍ଧୀ ମୂର୍ତ୍ତିରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅପରାହ୍ଣରେ ଜୟ ଭୀମ ଜୟ ବାପୁ ସ୍ଲୋଗାନ ସହିତ ଡିସିସି ସଭାପତି ବରିଷ୍ଠ ଆଇନଜୀବୀ ରଣଜିତ୍ ଦାଶଙ୍କ ନେତୃତ୍ୱରେ ସିନ୍ଧୁରିଆଠାରୁ ଟ୍ରାଫିକ୍ ଛକ ପର୍ଯ୍ୟନ୍ତ ସମ୍ବିଧାନ ବଞ୍ଚାଅ ପଦଯାତ୍ରାରେ ଶତାଧିକ ଛାତ୍ର ଓ ଯୁବକ ଯୋଗଦେଇଥିଲେ। ଟ୍ରାଫିକ୍ ଛକଠାରେ ସମ୍ବିଧାନ ପ୍ରଣୟନ ମୁଖ୍ୟ ବିଦ୍ଧାଣି ଡ. ଭୀମରାଓ ଆମ୍ବେଦକର ଏବଂ ସମ୍ବିଧାନ ରଚୟିତା ପଣ୍ଡିତ ଜବାହରଲାଲ ନେହେରୁ, ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡ. ରାଜେନ୍ଦ୍ର ପ୍ରସାଦ ନମ୍ରତା ଏବଂ କଠୋରତା ମଧ୍ୟରେ ସମନ୍ୱୟ ରକ୍ଷାକରି ନ୍ୟାୟ ସ୍ୱାଧୀନତା ସମତା ଏବଂ ଭାଇଚାରା ମୂଲ୍ୟବୋଧ ଉପରେ ନିର୍ମିତ ଦେଶବାସୀଙ୍କ ମୌଳିକ ଅଧିକାର, କର୍ତ୍ତବ୍ୟର ଆଇନକାନୁନ ନିୟମାବଳୀ ଉପରେ ଆଧାରିତ ଦେଶର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ଧର୍ମନିରପେକ୍ଷତା ସୁରକ୍ଷା ପାଇଁ ଆହ୍ୱାନ ଦିଆଯାଇଥିଲା। ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ହୁସେନ୍ ଖାଁ, ଗୋଲାବ ଖାଁ, ପୂର୍ଣ୍ଣଚନ୍ଦ୍ର ସାନ୍ତ, ପୀତବାସ ଖୁଣ୍ଟିଆ, କୁଳେଶ ଚନ୍ଦ୍ର ମହାନ୍ତି, ପ୍ରତୀକ ମହାପାତ୍ର, ମଦନ ମୋହନ ବିଶୋଇ, ଅଶୋକ ନାୟକ, ଜିତେନ୍ଦ୍ର ନାଏକ, ସରାଫତ୍ ଖାଁ, ଜୀବନ ଜ୍ୟୋତି ପ୍ରକାଶ ରାଉତ, ଅମ୍ଳାନ ଅଂଶୁମାନ ସାହୁ, ମହିଳା ନେତ୍ରୀ ସୁଜାତା ନାଏକ ଏବଂ ନନ୍ଦିନୀ ନାଏକ ପ୍ରମୁଖଙ୍କ ସହିତ ଶତାଧିକ ଦଳୀୟ କର୍ମୀ, ଛାତ୍ର, ଯୁବକ ଯୋଗଦେଇଥିଲେ।

# ବର୍ଷା ହେଲେ ଆମ୍ବୁଲାନ୍ସ ଓ ଅଟୋ ସେବା ବନ୍ଦ

ଓଡ଼ଗାଁ,୨୬।୧୧(ସମିସ)



ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ଗୋଡିସାହି ଗ୍ରାମପଞ୍ଚାୟତ ଅଧୀନସ୍ଥ ଗୋଡିସାହି ଗ୍ରାମର ବନ୍ଧସାହିକୁ ଦୈନନ୍ଦିନର ଗମନାଗମନ ନିମନ୍ତେ ପକ୍କା ସଡ଼କ ନିର୍ମାଣ ପାଇଁ ଓଡ଼ଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ କାର୍ଯ୍ୟାଳୟରେ ଭେଟି ସାହି ପ୍ରତିନିଧିମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନୟାଗଡ଼ ଜିଲ୍ଲାଠାରୁ ମାତ୍ର ୭କିଲୋମିଟର ଦୂର ନୟାଗଡ଼-ଭଞ୍ଜନଗର ରାଜ୍ୟ ରାଜପଥ ପାଶ୍ୱର୍ରେ ଥିବା ବନ୍ଧ ସାହିରେ ୨୫ରୁ ୩୦ ପରିବାର ବସବାସ କରିଥାନ୍ତି। ଦୀର୍ଘବର୍ଷ ଧରି ଆମ୍ଭେ ବନ୍ଧସାହି ବାସିନ୍ଦା ଖାଲଖମା ଓ ସନ୍ତସନ୍ତିଆ ମାଟି ରାସ୍ତାରେ ଯିବାଆସିବା ପାଇଁ ଘୋର୍ ଅସୁବିଧା ଭୋଗିଆସୁଛୁ। ବର୍ଷା ଦିନେ ରାସ୍ତାର ଦୟନୀୟ ଅବସ୍ଥା ହେତୁ ପିଲାମାନେ ସ୍କୁଲ ଯିବା ସମୟରେ କାଦୁଅରେ ପଡ଼ି ଉଠି ପାର୍ ହୋଇ ସ୍କୁଲ ଯିବାକୁ ପଡୁଛି। ବହି ବସ୍ତାନି କାଦୁଅ ପାଣିରେ ବୁଡ଼ି ଯାଉଛି। ସାହିର ଦୁଇ ଜଣ ଯୁବକ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇ ଡାଏଲିସିସ୍ ହେଉଥିବାବେଳେ ଅଚାନକ ଗୁରୁତର ହେବାରୁ ନୟାଗଡ଼ ଡାକ୍ତରଖାନା ଯିବାପାଇଁ ୧୦୮ ଆମ୍ବୁଲାନ୍ସ ସାହି ମଧ୍ୟରେ ପଶିପାରିଲା ନାହିଁ। ଫଳରେ ସାହିଭାଇ ମିଳିତ ହୋଇ ଦୋଳାରେ ୨୦୦ ମିଟର ପର୍ଯ୍ୟନ୍ତ ରୋଗୀଙ୍କୁ ଟେକି ନେବା ପରେ ଆମ୍ବୁଲାନ୍ସରେ ଯାଇଥିଲେ। ଏପରିକି ଥରେ ମୃତ ଶରୀର ଆଣିବାକୁ ମଧ୍ୟ ସାହିକୁ ଆମ୍ବୁଲାନ୍ସ ଆସିପାରି ନ ଥିଲା। ଏ ସଂକ୍ରାନ୍ତରେ ଗୋଡିସାହି ଗ୍ରାମ ପଞ୍ଚାୟତ ଅଧିକାରୀ ଏବଂ ପଞ୍ଚାୟତ ପ୍ରତିନିଧିଙ୍କୁ ଜଣେଇଲେ ମଧ୍ୟ କଥା କେବଳ ଆଶ୍ୱାସନାରେ ରହିଯାଉଛି। ଏଣୁ ଏନେଇ ଗୋଡ଼ିସାହିର ବନ୍ଧସାହି ବାସିନ୍ଦା ବିଡିଓଙ୍କ ନିକଟରେ ତୁରନ୍ତ ଏକ ପକ୍କା ସଡ଼କ ନିର୍ମାଣ ପାଇଁ ଦାବି ଜଣାଇଛନ୍ତି। ତେବେ ଓଡ଼ଗାଁ ବିଡିଓ କେବେ ସାହି ବାସିନ୍ଦାଙ୍କ ସମସ୍ୟାର ସମାଧାନ କରିବେ ତାହା ଦେଖିବାକୁ ବାକି ରହିଲା।

## ମା' ଭଗବତୀ ଓ ଶ୍ରୀରଙ୍ଗନାଥ ଦେବଙ୍କ ଓଢ଼ଣୀ ଲାଗି ବେଶ



ବାଲୁଗାଁ,୨୬।୧୧(ସମିସ): ଭଗବତୀ କ୍ଷେତ୍ର ବାଣପୁରର ଇଷ୍ଟଦେବ ଶ୍ରୀ ରଙ୍ଗନାଥ ଦେବଙ୍କର ମାନବୀୟ ଲୀଳାର ଅନନ୍ୟତମ ପ୍ରତୀକ ଓଢ଼ଣୀ ଲାଗି ବେଶ ଅନୁଷ୍ଠିତ ହୋଇଯାଇଛି। ଯୁଗେ ଯୁଗେ ମା'ର ହାତରନ୍ଧା ଖାଦ୍ୟ ଅମୃତ ସମାନ, ଏକଥା କେବଳ ମାନବ ସମାଜ ନୁହେଁ, ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ମଧ୍ୟ ସ୍ୱୀକାର କରିଛନ୍ତି। ଏହି ଅବସରରେ ବୁଧବାର ଶୁକ୍ଳ ପକ୍ଷ ଓଢ଼ଣୀ ଷଷ୍ଠୀ ତିଥିରେ ଶ୍ରୀ ରଙ୍ଗନାଥଦେବ ଓ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କର ଓଢ଼ଣୀ ଲାଗି ବେଶ ଅନୁଷ୍ଠିତ ହୋଇଯାଇଛି।

### ଜନଶୁଣାଣି କଲେ ଜାତୀୟ ମହିଳା କମିଶନ

# ୯୬ ଅଭିଯୋଗରୁ ୨୬ଟିର ହେଲା ସମାଧାନ

ଖୋର୍ଦ୍ଧା,୨୬।୧୧(ସମିସ)



ଆଜି ଜାତୀୟ ମହିଳା କମିଶନ ସଦସ୍ୟା ଡ. ଅର୍ଚ୍ଚନା ମଜୁମଦାରଙ୍କ ଅଧ୍ୟକ୍ଷତାରେ ଜାତୀୟ ମହିଳା କମିଶନ ନୂଆଦିଲ୍ଲୀର ଏକ ତିନି ଜଣିଆ ଟିମ୍ ଖୋର୍ଦ୍ଧା ଗସ୍ତ କରିଛନ୍ତି। ଏହି ଟିମ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଜାତୀୟ ମହିଳା କମିଶନଙ୍କ ନିକଟରେ ପଞ୍ଜୀକୃତ ହୋଇଥିବା ଖୋର୍ଦ୍ଧା ଜିଲ୍ଲାକୁ ନେଇ ପୁରୀ, କଟକ, ଜଗତସିଂହପୁର, ନୟାଗଡ଼, ଗଞ୍ଜାମ ଓ ଭୁବନେଶ୍ୱରର ବିଭିନ୍ନ ଅଭିଯୋଗ ସମ୍ବନ୍ଧୀୟ ମହିଳା କେଶ୍ ଗୁଡ଼ିକର ଶୁଣାଣି କରିଥିଲେ।

ମହିଳା କମିଶନ ସଦସ୍ୟା ଡ. ମଜୁମଦାରଙ୍କ ସହିତ ମହିଳା କମିଶନ ନୂଆ ଦିଲ୍ଲୀର କର୍ମକର୍ତ୍ତା ମନମୋହନ ଶର୍ମା, ନେହା ମହାଜନ ଗୁପ୍ତା, ଓଡ଼ିଶା ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର, ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଉପମୁଖ୍ୟ ପ୍ରତିରକ୍ଷ ଓକିଲ ପ୍ରଫୁଲ୍ଲ କୁମାର ସାହୁ ଯୋଗଦେଇଥିଲେ।

ଜାତୀୟ ମହିଳା କମିଶନ୍‌ଙ୍କ ନିକଟରେ ପଞ୍ଜୀକୃତ ହୋଇଥିବା ୬ଟି ଜିଲ୍ଲାର ମୋଟ ୯୬ ଗୋଟି ଅଭିଯୋଗ ବିଚାରକୁ ଆସିଥିଲା। ତେବେ ୨୬ଟି ମହିଳା ନିର୍ଯ୍ୟାତନା କେଶ୍ ଗୁଡ଼ିକରେ ଡ଼ି. ମଜୁମଦାର ବିଚାର କରି ସମାଧାନ କରିଥିବାବେଳେ ଅନ୍ୟ କେଶ୍ ଗୁଡ଼ିକର ତଦନ୍ତ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଜାତୀୟ ମହିଳା କମିଶନଙ୍କ ଏହି ମହିଳା ଜନଶୁଣାଣିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡେପୁଟି କଲେକ୍ଟର (ନ୍ୟାୟିକ) ଅନନ୍ୟା ସୃଷ୍ଟି ଶତପଥୀ, ଡେପୁଟି କଲେକ୍ଟର (ରାଜସ୍ୱ) ନିବେଦିତା ପରିଡ଼ା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ପ୍ରମୁଖ କେଶ୍ ଗୁଡ଼ିକର ବିଚାର କରିବାରେ ସହଯୋଗ ପ୍ରଦାନ କରିଥିଲେ।

ଆଜିର ଏହି ଜାତୀୟ ମହିଳା କମିଶନଙ୍କ ମହିଳା ଜନଶୁଣାଣିରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷଣ କୁମାର ବେହେରାଙ୍କ ସମେତ ସମ୍ପୃକ୍ତ ୬ଗୋଟି ଜିଲ୍ଲାର ବରିଷ୍ଠ ପୁଲିସ୍ ଅଧିକାରୀ, ଥାନା ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଓକିଲ, ଅଭିଯୋଗ କାରୀ ପକ୍ଷ ଓ ପ୍ରତିପକ୍ଷ ପ୍ରମୁଖ ଯୋଗଦେଇଥିଲେ।

## ଗଞ୍ଜେଇ ସହ କାର୍ ଜବତ, ଜଣେ ଗିରଫ

ଖୋର୍ଦ୍ଧା,୨୬।୧୧(ସମିସ): ଖୋର୍ଦ୍ଧା ଅବକାରୀ ବିଭାଗ ଓ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ମିଳିତଭାବେ ଖୋର୍ଦ୍ଧା ମେଡିକାଲ ଛକ ନିକଟରେ ଚଢଉ କରି ଏକ କାର୍ ଭିତରୁ ୨୬କେଜି ଗଞ୍ଜେଇ ଜବତ କରିବା ସହ ଜଣେ ବେପାରୀଙ୍କୁ ଗିରଫ କରିଛନ୍ତି। ଗିରଫ ଜଣକ ହେଲେ ନୟାଗଡ ଜିଲ୍ଲା ଖଣ୍ଡପଡା ଥାନା ଅନ୍ତର୍ଗତ ବଳଭଦ୍ରପ୍ରସାଦ ପୁରୁଣାସାହି ର ପ୍ରକାଶ କୁମାର ପ୍ରଧାନ (୩୩)।

ଆଜି ଏକ କାର୍ ଯୋଗେ ଗଞ୍ଜେଇ ନେଇ ଯାଉଥିବା ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇଥିଲା। ତାକୁ ଧରିବାକୁ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁମତି ତ୍ରୀପାଠୀଙ୍କ ନିର୍ଦ୍ଦେଶକ୍ରମେ ସଦର ଅବକାରୀ ଇନ୍ସପେକ୍ଟର ରାଧାକାନ୍ତ ଭୋଇ ଓ ମୋବାଇଲ ସ୍କ୍ୱାର୍ଡ ଇନ୍ସପେକ୍ଟର ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ୧୧ଜଣିଆ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ମେଡିକାଲ ଛକ ନିକଟରେ ଜଗିରହିଥିବାବେଳେ କାରକୁ ଅଟକାଇ ଯାଂଚ କରିଥିଲେ। ଯାଂଚବେଳେ ଗାଡି ଭିତରୁ ୧୩କେଜି ଓଜନର ଦୁଇଟି ଜରିବସ୍ତା ରେ ଥିବା ୨୬କେଜି ଗଞ୍ଜେଇ ସହ ଉକ୍ତ କାର୍ କୁ ଜବତ କରିଛି ବିଭାଗ। ଜବତ ଗଞ୍ଜେଇର ମୂଲ୍ୟ ୨ଲକ୍ଷ ୬୦ହଜାର ହେବ ବୋଲି ବିଭାଗ ଆକଳନ କରିଛି। କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱର ଅଭିମୁଖେ ଚାଲାଣ କରାଯାଉଥିବା ଅବକାରୀ ବିଭାଗ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ଅବକାରୀ ବିଭାଗ ବେଆଇନ୍ ଗଞ୍ଜେଇ ଚାଲାଣ ଅଭିଯୋଗରେ ମାମଲାରେ ପ୍ରକାଶ କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ● ସ୍କୁଟିକୁ ପିଟିଲା ବାଇକ୍

## ଅଙ୍ଗନବାଡ଼ି କର୍ମୀଙ୍କ ସମେତ ୩ ଗୁରୁତର

ବେଗୁନିଆ,୨୬।୧୧(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟରେ ବୁଧବାର ସନ୍ଧ୍ୟାରେ ବାଇକ ଓ ସ୍କୁଟି ଧକ୍କାରେ ଦୁଇ ଗୁରୁତର ଆହତ ହୋଇଛନ୍ତି। ବେଗୁନିଆ ଥାନା ଅନ୍ତର୍ଗତ କଣ୍ଟାବାଡ ଗ୍ରାମର ଅଙ୍ଗନବାଡି କର୍ମୀ ମିନାକ୍ଷୀ ପାଣିଗ୍ରାହୀ ଓ ତଣ୍ଡାଳ ଗ୍ରାମର ମିତାରାଣୀ ସାହୁ ସ୍କୁଟିରେ ଗଡତରା ଗ୍ରାମର ପେଟ୍ରୋଲ ପମ୍ପରେ ତେଲ ପକାଇ ଫେରୁଥିବା ବେଳେ ବିପରୀତ ପାଶ୍ୱର୍ରୁ ଆସୁଥିବା ଏକ ବାଇକ ଧକ୍କା ଦେଇଥିଲା। ଫଳରେ ଉଭୟ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଦମକଳ କର୍ମଚାରୀଙ୍କୁ ଫୋନ କରିଥିଲେ। ତୁରନ୍ତ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ପରେ ସଙ୍କଟାପନ୍ନ ଥିବାରୁ ଗୁରୁତର ମଧ୍ୟରୁ ମିତାରାଣୀଙ୍କ ବାମ ଗୋଡର ପାଦ ଉପର ଗଣ୍ଠି ଛିଡି ଯାଇଥିବାରୁ ଭୁବନେଶ୍ୱରସ୍ଥିତ ଏମସ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅପର ପକ୍ଷରେ ଶ୍ରୀମତୀ ପାଣିଗ୍ରାହୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେବା ପାଇଁ ପଠା ଯାଇଥିବା ବେଳେ ବାଇକ ଚାଳକ ମଧ ଚିକିତ୍ସିତ ହେଉଛନ୍ତି। ଖବର ଲେଖା ହେଲା ବେଳକୁ ଏ ନେଇ ବେଗୁନିଆ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

## ମା'ଭଗବତୀଙ୍କ ହୁଣ୍ଡିରୁ ମିଳିଲା ଅଳଙ୍କାର ସହ ୧ ଲକ୍ଷ ୯୪ ହଜାର ଟଙ୍କା

ବାଣପୁର, ୨୬।୧୧(ସମିସ): ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଦେବୀ ତଥା ରାଜ୍ୟର ଅନ୍ୟତମ ଶକ୍ତିପୀଠ ମା'ଭଗବତୀଙ୍କ ଦୀର୍ଘ ପାଞ୍ଚ ମାସ ବ୍ୟବଧାନରେ ବୁଧବାର ମନ୍ଦିରର ଭିତର ଦାନ ବାକ୍ସ ଖୋଲାଯାଇଛି। ଏହି ଦାନ ବାକ୍ସରୁ ଶ୍ରଦ୍ଧାଳୁ ମାନେ ଦାନ କରିଥିବା ମୋଟ ୧ ଲକ୍ଷ ୯୪ ହଜାର ୪୦୧ ଟଙ୍କା ସମେତ ୫୫୦ମିଲିଗ୍ରାମର ଏକ ସୁନା ଲକେଟ, ୩୭୦ମିଲିଗ୍ରାମର ସୁନା ନାକଚଣା ଓ ରୂପାର ଆଖି ୪ଗୋଟି ଆଦି ଅଳଙ୍କାର ମିଳିଛି। ଶ୍ରୀ ଦକ୍ଷେଶ୍ୱର ଭଗବତୀ ଏଣ୍ଡାମେଣ୍ଟ ସଭାପତି ତଥା ବାଣପୁର ତହସିଲଦାର ଟି ପଦ୍ମନାଭ ଦୋରାଙ୍କ ଉପସ୍ଥିତିରେ ପରିଚାଳନା କମିଟିର ସଦସ୍ୟ ବାଣପୁର ବିଡ଼ିଓ ବିକାଶ କୁମାର ମହାନ୍ତି, ଏଣ୍ଡାମେଣ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ଓ ବାଣପୁର ପୋଲିସଙ୍କ ସମେତ ମନ୍ଦିର କର୍ମଚାରୀ ସୁରେନ୍ଦ୍ର କୁମାର ସାହୁ, କମଳ କୁମାର ମିଶ୍ର, ଅଶ୍ୱିନି କୁମାର ମିଶ୍ର, ଅକ୍ଷୟ କୁମାର ମିଶ୍ର ଓ ପ୍ରଭାତ କୁମାର ଦାଶ ଓ ସେବାୟତ ପ୍ରମୁଖ ଉପସ୍ଥିତରେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା ପରେ ହୁଣ୍ଡି ଖୋଲା ଯାଇଥିଲା। ତେବେ ପୂର୍ବରୁ ବିଗତ ବର୍ଷରେ ମା'ଙ୍କର ଭିତର ଓ ବାହାର ଦୁଇ ଗୋଟି ହୁଣ୍ଡିକୁ ଖୋଲା ଯାଇ ସେଥିରୁ ମିଳିଥିବା ସମସ୍ତ ଦାନ ଟଙ୍କା ଓ ଅଳଙ୍କାରକୁ ବ୍ୟାଙ୍କରେ ଜମା କରାଯାଇଥିଲା। ତେବେ ବର୍ତ୍ତମାନ ମା'ଙ୍କ ମନ୍ଦିର ଭିତର ହୁଣ୍ଡିରୁ ବାହାରିଥିବା ସମସ୍ତ ଟଙ୍କା ସ୍ଥାନୀୟ ୟୁକୋ ବ୍ୟାଙ୍କରେ ଜମା ରଖାଯାଇଛି। ଯାହା ମା'ଙ୍କ ନୀତିକାନ୍ତି ଓ ସେବା କାର୍ଯ୍ୟରେ ବିନିଯୋଗ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ମିଳିଛି।

## ଗଞ୍ଜେଇ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

ବେଗୁନିଆ,୨୬।୧୧(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ନାରାୟଣିପାଟଣା ସାହିର ଶ୍ରୀନିବାସ ରାଉଳ(୪୧) ଟାଟା ମ୍ୟାଜିକ ଯୋଗେ ରଣପୁରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ବେଳେ ଅତର୍କିତ ଭାବେ ବେଗୁନିଆ ପୁଲିସ ଟିକାତାଳ ଠାରେ ଗାଡିଟିକୁ ଅଟକାଇ ଥିଲା। ତେବେ ପୁଲିସ ତନଖି କରି ୨୧ କେଜି ୩ ଶହ ଗ୍ରାମ ଗଞ୍ଜେଇ ଓ ଗାଡିଟିକୁ ଜବତ ସହ ଅଭିଯୁକ୍ତ ଚାଳକକୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲେ। ପରେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ନିର୍ଦ୍ଦେଶରେ ମହିଳା ଉପନୀରିକ୍ଷକ ପ୍ରଦିପ୍ତା ରାଉତରାୟଙ୍କ ଅଭିଯୋଗ କ୍ରମେ ସହକାରୀ ଉପନୀରିକ୍ଷକ ମଙ୍ଗୁଳି ବେହେରା, ରାଇଟର ଶ୍ରୀ ନିବାସ ବାରିକ,ସିପାହୀ ପ୍ରଦୀପ ବେହେରା, ପବନା ରାଉତରାୟ ଓ ବିକାଶ ସେଠୀଙ୍କ ସହଯୋଗ କ୍ରମେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## 'ପ୍ରୋଟୋ କନ୍ସିଓସ୍‌ନେସ୍' କାର୍ଯ୍ୟକ୍ରମ

ଜଟଣୀ,୨୬।୧୧(ସମିସ): ପ୍ରିମିୟର କଲେଜ୍ ଅଫ ନର୍ସିଂ ଆନୁକୂଲ୍ୟରେ ତିନିଦିନିଆ 'ପ୍ରୋଟୋ କନ୍ସିଓସନେସ ମେଡିଟେଶନ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ମାଇକ୍ରୋ ସେଲ୍ ପାଥି ର ଉଦ୍ଭାବକ ତଥା ଡା. ପ୍ରସନ୍ନ କୁମାର ଦାସ ଯୋଗ ଦେଇ କିପରି ମେଡିଟେଶନ ଦ୍ୱାରା ଛାତ୍ର ଛାତ୍ରୀ ମାନେ ନିଜର ଚାପଗ୍ରସ୍ତ ଜୀବନ ଶୈଳୀକୁ ସୁଖଦଃ କରି ପାରିବେ ସେ ବିଷୟରେ ଶିକ୍ଷା ଦେଇଥିଲେ। ପ୍ରିମିୟର୍ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟର ସମ୍ପାଦକ ପ୍ରତାପ କିଶୋର ପାତ୍ର ଏହି କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ।

### ● ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟ୍‌ବଲ୍

## ଯଦୁମଣି ସ୍ପୋର୍ଟସ କ୍ଲବ୍ ଇଟାମାଟି ବିଜୟୀ



ନିରାକାରପୁର,୨୬।୧୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଗୟାବନ୍ଧ ଖେଳ ପଡିଆରେ ବାପୁଜୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆଜି ଯଦୁମଣି ସ୍ପୋର୍ଟସ କ୍ଲବ୍, ଇଟାମାଟି ଓ ଜଟଣୀ କୁସୁମାଟି ଫୁଟବଲ କ୍ଲବ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ପର୍ଯ୍ୟନ୍ତ ସ୍କୋର ବରାବର ରହିବାରୁ ଟାଇବ୍ରେକର ଅନୁଷ୍ଠିତ ହୋଇଥିଲା। ଏଥିରେ ଯଦୁମଣି ସ୍ପୋର୍ଟସ କ୍ଲବ୍, ଇଟାମାଟି ୪-୩ ଗୋଲରେ ବିଜୟୀ ଲାଭ କରି ସେମି ଫାଇନାଲକୁ ପ୍ରବେଶ କରିଛି। ଆଜିର ଖେଳକୁ ଶରତ କୁମାର ଛୋଟରାୟ, ଚିତ୍ତରଞ୍ଜନ ପରିଡ଼ା, ବୈକୁଣ୍ଠ ମହାପାତ୍ର ଓ ଲକ୍ଷ୍ମୀଧର ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ।

ଆଜି ଅତିଥି ଭାବେ ଅଶୋକ ସ୍ୱାଇଁ ( ବାନା ବାବୁ), ସୁରେନ୍ଦ୍ର ବେହେରା, ରଜାକ ଖାଁ ଓ ନବକିଶୋର ଭୁଜବଳ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭ୍ୟ ସୁଶାନ୍ତ ଶ୍ରୀଚନ୍ଦନ, ନସିମ ଅକ୍ତର, ସ୍ମୃତି ରଞ୍ଜନ ଶ୍ରୀଚନ୍ଦନ, ପ୍ରଦୀପ ଭୁଜବଳ, ଦିବ୍ୟରଞ୍ଜନ ଭୁଜବଳ ଓ ବିକ୍ରମ ଭୁଜବଳ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତାକାଲି ପ୍ରଥମ ସେମିଫାଇନାଲ ଏସ ଏସ ଏ ସରଧାପୁର ଓ ଏ ଜି କ୍ଲବ, ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ।

## ସାଇକଲରେ ଦୀପକଙ୍କ ଚାରିଧାମ ଯାତ୍ରା; ଖୋର୍ଦ୍ଧାରେ ସମ୍ବର୍ଦ୍ଧନା



ଖୋର୍ଦ୍ଧା,୨୬।୧୧(ସମିସ): ହରିୟାଣା ପାନିପଥର ଦୀପକ ଶର୍ମା ଓ ଅପରେସନ ସିନ୍ଦୂର ଏବଂ ବିକଶିତ ଭାରତର ୯ ସଂକଳ୍ପ ନେଇ ସେ ପାନିପଥରୁ ସାଇକଲରେ ୪ଧାମ ଯାତ୍ରା କରୁଛନ୍ତି। ବୁଧବାର ସେ ଖୋର୍ଦ୍ଧାରେ ପହଁଚିଥିଲେ। ସରସତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନାଚାର୍ଯ୍ୟ ଗିରିଜା ପ୍ରସାଦ ମହାପାତ୍ର, ସହ ପ୍ରଧାନାଚାର୍ଯ୍ୟ ପ୍ରଭାକର ସାଇଁ, ପରିଚାଳନା ସମିତି ସମ୍ପାଦକ ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥଲେ। ପରେ ସିଗ୍‌ମା ପୂର୍ବକ ସ୍କୁଲରେ ପହଁଚିଥିଲେ। ସେଠାରେ ସ୍କୁଲ ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ, ନିର୍ଦ୍ଦେଶକ ତଥା ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଠାରେ ଦିପକ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ। ପିଲାଙ୍କୁ ରାଷ୍ଟ୍ରଭକ୍ତ, ଦେଶପ୍ରୀତି ଭାବନା ରଖି ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ। ଦୀପକ ଶର୍ମା ଗତ ମଇ ୨୫ରେ ପାନିପଥଠାରୁ ବାହାରିଥିବାବେଳେ ବର୍ତମାନ ସୁଦ୍ଧା ସେ ୭୫ଶହ କିମି ଯାତ୍ରା କରି ସାରିଛନ୍ତି। ଦିଲ୍ଲୀ, ରାଜସ୍ଥାନ, ଗୁଜୁରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, ତାମିଲନାଡୁ, କେରଳ, ଆନ୍ଧ୍ରପଦେଶ, ତେଲେଙ୍ଗନା ପ୍ରଭୃତି ରାଜ୍ୟ ପରିଭ୍ରମଣ କରି ଓଡ଼ିଶାରେ ପ୍ରବେଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୫୦ରୁ ଅଧିକ ବିଦ୍ୟାଳୟ ୮୦ମହାବିଦ୍ୟାଳୟ ଏବଂ ୩୦ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଛନ୍ତି। ଆସନ୍ତା ୨୦୨୬ ମଇ ମାସରେ ତାଙ୍କର ଏହି ଯାତ୍ରା ଶେଷ ହେବ ବୋଲି କହିଛନ୍ତି।

## ଗଣଦୁଷ୍କର୍ମ ପୀଡ଼ିତାଙ୍କ ପରିବାରକୁ ଭେଟିଲେ ବିଧାୟକ

ବେଗୁନିଆ,୨୬।୧୧(ସମିସ): ଗତ ୧୮ ତାରିଖରେ ଜଣେ ୧୬ ବର୍ଷୀୟ ନାବାଳିକାକୁ ଅପହରଣ କରି ଗଣଦୁଷ୍କର୍ମ ଘଟଣା ଖୋର୍ଦ୍ଧାସ୍ଥିତ ଆଦର୍ଶ ଥାନା ଅଞ୍ଚଳରେ ଘଟିଥିଲା। ଏଥିରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ପରେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଏହି ନାବାଳିକା ବାଘମାରୀ ଥାନା ଅଞ୍ଚଳର ହୋଇ ଥିବାରୁ ବିଭିନ୍ନ ସ୍ଥାନରେ ଛାନଭିନ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସକ୍ରିୟ ହୋଇ ପଡ଼ିଥିଲା। ତେବେ ଘଟଣାଟି ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିବାରୁ କଂଗ୍ରେସ ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସ୍ୱାଗତିକା ପଟ୍ଟନାୟକ, ସୋନାଲି ସାହୁ, ସଂଖ୍ୟାଲଘୁ ସମ୍ପ୍ରଦାୟର ରାଜ୍ୟ ସମ୍ପାଦକ ମହମ୍ମଦ ମୋହି ଉଦ୍ଦିନ୍ ଅହମ୍ମଦ, ରାଜ୍ୟ ମହିଳା ସଦସ୍ୟ ଜୟଶ୍ରୀ ପଟ୍ଟନାୟକ, ଜିଲା ସଭାପତି ରାଜୀବ ପଟ୍ଟନାୟକ, ବ୍ଲକ ସଭାପତି କାଳନ୍ଦୀ ଚରଣ ମହାପାତ୍ର ପ୍ରମୁଖ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରିଥିଲେ। ବିଧାୟକ ପ୍ରଦୀପ କୁମାର ସାହୁ, ପୂର୍ବତନ ସରପଞ୍ଚ ସୁଦର୍ଶନ ମାଣିକ ଓ ସନ୍ତୋଷ କୁମାର ମାଣିକ ପହଁଚି ସମବେଦନା ଜଣାଇବା ସହ ଥାନା ମାନଙ୍କରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବା ଯୋଗୁଁ ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣାଧିନ ହୋଇ ପାରୁ ନାହିଁ ବୋଲି ବିଧାୟକ ଶ୍ରୀ ସାହୁ ଅପାରଗ ବିଜେପି ସରକାରଙ୍କୁ କଟାକ୍ଷ କରିଛନ୍ତି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ନିରାକାରପୁର,୨୬।୧୧ (ସମିସ): ଖୋର୍ଦ୍ଧା ଜିଲ୍ଲା ହଜ ଗ୍ରାମ ପାଇକ ସାହି ବାସିନ୍ଦା ଲବଙ୍ଗ ଲତା ଛୋଟରାୟ (୯୬)ଙ୍କ ପରଲୋକ ଘଟିଛି। ସେ ଗତ କିଛି ଦିନ ଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସତ୍କାର କରାଯାଇଛି। ତାଙ୍କର ପୁତ୍ର ବିଜୟ କୁମାର ରଣସିଂହ ମୁଖାଗ୍ନୀ ଦେଇଥିଲେ। ସେ ଜଣେ ଧର୍ମପ୍ରାଣା ମହିଳା ଥିଲେ। ବଡ଼ ଜ୍ୱାଇଁ ପୂର୍ବତନ କେନ୍ଦ୍ର ରେଳ ଓ କୃଷି ମନ୍ତ୍ରୀ ଓ ରାଜ୍ୟ ରାଜସ୍ୱ ଓ ପରିବହନ ମନ୍ତ୍ରୀ କାହ୍ନୁ ଚରଣ ଲେଙ୍କା, ବଡ଼ ଝିଅ ବିଜୟଲକ୍ଷ୍ମୀ ଲେଙ୍କା ଓ ଅନ୍ୟ ଜ୍ୱାଇଁ ଅଟଳ ସାମନ୍ତ, କବୀର୍ କରଣ, ଅକ୍ଷୟ କୁମାର ଜୟସିଂହ, ଜିତେନ୍ଦ୍ର କୁମାର ଦାସ, ଝିଅ ଶୁଭଲକ୍ଷ୍ମୀ ସାମନ୍ତ, ରାଜଲକ୍ଷ୍ମୀ କରଣ, ଗୋପଲକ୍ଷ୍ମୀ ଛୋଟରାୟ, ଗଜଲକ୍ଷ୍ମୀ ଛୋଟରାୟ, ମିରାରାଣୀ ଛୋଟରାୟ, ନାତି ମାନସ ରଞ୍ଜନ ଛୋଟରାୟ, ନାତୁଣୀ ବୋହୂ ଜୟଶ୍ରୀ ବଳିୟାରସିଂହ, ନାତୁଣୀ ମୋନାଲିସା ଛୋଟରାୟ, ସାଇସ୍ମିତା ଜୟସିଂହ, ନାତି ସାଇଜ୍ୟୋତି ରଞ୍ଜନ, ସୋମନାଥ ସାମନ୍ତ, ଆଦିତ୍ୟ ଛୋଟରାୟ, ଅନନ୍ତ ଛୋଟରାୟ, ଏବଂ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ।

## ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଟାଙ୍ଗୀ,୨୬।୧୧(ସମିସ): ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ ପରିସରରେ ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ଟାଙ୍ଗୀ ମଣ୍ଡଳ ଉନ୍ନୟନ ଅଧିକାରୀ ରୁମାନା ଜାଫ୍ରୀ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ପ୍ରଧାନଶିକ୍ଷକ ରମେଶ ବଳବନ୍ତରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣେଶ ବାରିକ, ପ୍ରଧାନଶିକ୍ଷକ ଜ୍ୟୋସ୍ନାମଣି ମଙ୍ଗରାଜ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ବେହେରା, ସଞ୍ଜୁଲତା ବେହେରା ପ୍ରମୁଖ ଅତିଥି ରୂପେ ମଞ୍ଚାସୀନ ଥିଲେ। ସିଆରସି ପ୍ରଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ବିଶ୍ୱଜିତ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନଧାତା, ବରିଷ୍ଠ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ ପ୍ରମୁଖ ଅତିଥି ରୂପେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରମାଣପତ୍ର ଓ ଟ୍ରଫି ବିତରଣ କରିଥିଲେ। ୧୧ଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ମୋଟ ୯୪ ଟି କୁନି କୁନି ବୈଜ୍ଞାନିକ ମାନଙ୍କର ପ୍ରକଳ୍ପଗୁଡିକୁ ଅଧ୍ୟାପକ ଅଶୋକ କୁମାର ଦାଶ ଏବଂ ଶିବ ପ୍ରସାଦ ପିଡିକା ବିଚାରକ ରୂପେ ଯୋଗଦେଇ ମୂଲ୍ୟାୟନ କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ରଞ୍ଜିତା ଖଟୁଆ, ଶର୍ମିଳା ବେହେରାଙ୍କ ତତ୍ତ୍ୱାବଧାନରେ ଶିଶୁଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅତ୍ୟନ୍ତ ଆକର୍ଷଣୀୟ ଥିଲା।

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ






ଖୋର୍ଦ୍ଧା,୨୬।୧୧(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଅଛି। ଜିଲ୍ଲାପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କସ୍ତୁରୀବାଳା ଜେନା ମଂଚାସିନ ଥିବା ବେଳେ ଡେପୁଟୀ କଲେକ୍ଟର (ନ୍ୟାୟିକ) ସୃଷ୍ଟି ଅନନ୍ୟା ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ସାମ୍ବିଧାନିକ ଧାରା ଅନୁଯାୟୀ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାପର ଭାବେ ରାଷ୍ଟ୍ରର ଗୌରବ ଏବଂ ସାମ୍ବିଧାନିକ ମୂଲ୍ୟବୋଧ ବଜାୟ ରଖି ଜନ ସାଧାରଣ ତଥା ଦେଶ ସେବା କର୍ତବ୍ୟ ସମ୍ପାଦନ କରିବା ନିମନ୍ତେ ଶପଥ ପାଠ କରାଇଥିଲେ। ଦିବସରେ ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗିତାଂଶୁ ମୋହନ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ପଂଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଡେପୁଟୀ କଲେକ୍ଟର (ରାଜସ୍ୱ) ନିବେଦିତା ପରିଡ଼ା, ଡେପୁଟୀ କଲେକ୍ଟର (ନିର୍ବାଚନ) ମନୋଜ ସେନାପତି, ଡେପୁଟୀ କଲେକ୍ଟର ଆର୍ତତ୍ରାଣ ମଲ୍ଲିକ, ଡେପୁଟି କଲେକ୍ଟର (ସଂସ୍ଥା) ରବୀନ୍ଦ୍ର କୁମାର ଦାଶ, ଆସିଷ୍ଟାଂଟ କଲେକ୍ଟର ଭୁବନେଶ୍ୱରୀ କଅଁର, କ୍ରିଷ୍ଣା କୁମାର ଜେନାଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

**ବାଣପୁର :** ବାଣପୁର କୋର୍ଟ ପରିସରରେ ବୁଧବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ(ପ୍ରଥମ) ରଞ୍ଜୁବାଳା ଲେଙ୍କା, ତାଲୁକ ଆଇନ ସେବା ସମିତି ଅଧକ୍ଷ ତଥା ବାଣପୁର ବିଚାର ବିଭାଗୀୟ ଅଦାଲତର ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଇପ୍ସିତା ପ୍ରିୟା ଏକ୍କା ଓ ବରିଷ୍ଠ ଆଇନଜୀବୀ ପ୍ରଭାତ କୁମାର ପଟ୍ଟଯୋଶୀ ଯୋଗ ଦେଇ ସମ୍ବିଧାନ ଦିବସର ମହତ୍ୱ ଓ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଆଇନଜୀବୀ ରମେଶ ବିଷୋୟୀ, ଜଳନ୍ଧର ପ୍ରଧାନ, ଭବାନୀ ଶଙ୍କର ଶତପଥୀ, ବିନୋଦ ବିହାରୀ ସ୍ୱାଇଁ, ପ୍ରଦୋଷ ପ୍ରଧାନ ଓ ଫ୍ରଣ୍ଟ ଅଫିସ ରିଟେନର ରାମଚନ୍ଦ୍ର ପଲାଇ ପ୍ରମୁଖ ସମ୍ବିଧାନର ମୁଖବନ୍ଧ ପଠନ କରିଥିଲେ।

**ଜଟଣୀ:** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଗୁରୁତ୍ୱ ଏବଂ ଗର୍ବର ସହିତ ସମ୍ବିଧାନ ଦିବସ ପାଳନ କରିଛି। ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି ରେଳମଣ୍ଡଳ ମୁଖ୍ୟାଳୟରେ ଏହି ପାଳନର ନେତୃତ୍ୱ ନେଇଥିବାବେଳେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ପି. କେ. ବେହେରା ଏବଂ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ସହିତ ସମସ୍ତ ବରିଷ୍ଠ ଶାଖା ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟ, ବିଭାଗ, କ୍ଷେତ୍ର ୟୁନିଟ୍, ଷ୍ଟେସନ, ଡିପୋ ଏବଂ ଦୂରବର୍ତ୍ତୀ କାର୍ଯ୍ୟସ୍ଥଳରେ ଏକକାଳୀନ ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ରେଳମଣ୍ଡଳ ମୁଖ୍ୟାଳୟରେ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆର. ଏନ. ଏ. ପରିଡାଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା।

**ଜଟଣୀ ମହାବିଦ୍ୟାଳୟ:** ଜଟଣୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ୭୬ତମ ଜାତୀୟ ସମ୍ବିଧାନ ଦିବସ ଉପଲକ୍ଷେ ବିଭାଗୀୟ ମୁଖ୍ୟ ବାଳକୃଷ୍ଣ ଚୌଧୁରୀଙ୍କ ପୌରହିତ୍ୟରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ "ଭାରତର ସାର୍ବଭୌମ ପ୍ରତି ଆହ୍ୱାନ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେବା ସହ ମହାବିଦ୍ୟାଳୟ ପରିସରରୁ ହରିଭାଇନା ଛକ ପର୍ଯ୍ୟନ୍ତ ଏକ ଜନସଚେତନତା ସମ୍ପର୍କିତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ସମ୍ପାରାଣୀ ମଲ୍ଲିକ ଉକ୍ତ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସମ୍ବିଧାନର ମୂଲ୍ୟବୋଧ ସଂପର୍କରେ ଏକ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ଅନୁପ କୁମାର ମହାନ୍ତି, ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ, ବିତ୍ତ ଅଧିକାରୀ ଡ. ଅମିତ୍ ବିକ୍ରମ ପଟ୍ଟନାୟକ, ବିଭାଗୀୟ ଅଧାପିକା ଶାନ୍ତିଲତା ସାହୁ ଓ ଅଧାପକ ଦୀପ୍ ସୁନ୍ଦର ବେହେରା ସମ୍ବିଧାନର ଗୁରୁତ୍ୱ ଏବଂ ଭୂମିକା ସଂପର୍କରେ ଆଲୋଚନା କରିଥିଲେ। ଅଧାପକ ଦୀପ୍ ସୁନ୍ଦର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।







### ଅସୁସ୍ଥତା ଯୋଗୁଁ ପଲାସ-ସ୍ମୃତି ବିବାହ ଅଟକିନି !

# ସନ୍ଦେହରେ ରହସ୍ୟମୟ ଯୁବତୀ

ଇନ୍ଦୋର,୨୬ ।୧୧(ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ ଟିମ୍‌ର ସଦସ୍ୟ ସ୍ମୃତି ମାନ୍ଧାନା ଏବଂ ସଙ୍ଗୀତ ନିର୍ଦ୍ଦେଶକ ପଲାସ ମୁଚ୍ଛଲଙ୍କ ବିବାହ ହଠାତ ବନ୍ଦ ହେବାକୁ ନେଇ ସମସ୍ତେ ତାଜୁବ ହୋଇ ଯାଇଥିଲେ।ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ସ୍ମୃତିଙ୍କ ପରିବାର ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଥିଲା। ଏହାର କିଛି ସମୟରେ ପଲାସଙ୍କ ଦେହ ମଧ୍ୟ ଖରାପ ହୋଇଥିଲା। ତାଙ୍କୁ ବି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିଛି ଘଣ୍ଟାର ବ୍ୟବଧାନ ମଧ୍ୟରେ ଏଭଳି ଘଟଣା ଘଟିବାକୁ କେହି ସହଜରେ ବିଶ୍ୱାସ କରିପାରୁନାହାନ୍ତି। ଏପରି ସମୟରେ ଚାଞ୍ଚଲ୍ୟକର ସୂଚନା ସାମ୍ନାକୁ ଆସିଛି। ଜଣେ ରହସ୍ୟମୟୀ ଯୁବତୀଙ୍କ ପାଇଁ ଉଭୟ ସେଲିବ୍ରିଟିଙ୍କ ବିବାହ ସ୍ଥଗିତ ହୋଇଥିଲା ବୋଲି କୁହାଯାଉଛି। ଏହି ଯୁବତୀଙ୍କ ପାଇଁ ସ୍ମୃତିଙ୍କୁ ପଲାସ ଧୋକା ଦେଇଥିବା କୁହାଯାଉଛି। ଏହି ରହସ୍ୟମୟୀ ଯୁବତୀଙ୍କ ନା ମେରି ଡି'କୋଷ୍ଟା। ତାଙ୍କ ସହ ପଲାସଙ୍କ ଏକ ଚାଟ୍ ସାମ୍ନାକୁ ଆସିଥିଲା। ମାତ୍ର ପରେ ସେ ଏହାକୁ ହଟାଇ ଦେଇଥିଲେ। ଏ ବିଷୟରେ ବିବାହ ପୂର୍ବରୁ ସ୍ମୃତିଙ୍କୁ ସୂଚନା ମିଳିଥିଲା। ତେଣୁ ବାପାଙ୍କ ଦେହ ଖରାପ ହୋଇଥିବା ଦର୍ଶାଇ ସେ ବିବାହକୁ ଅଟକାଇ ଦେଇଥିଲେ।



### ବଡ଼ ଝଟ୍‌କା ଦେଲା ଏୟାର ଶୋ'ରେ ତେଜସ୍ ଦୁର୍ଘଟଣା

# ୧୦ ହଜାର କୋଟିର ଡିଲ୍ ଅଟକାଇଲା ଆର୍ମେନିଆ

ନୂଆଦିଲ୍ଲୀ,୨୬ ।୧୧(ଏଜେନ୍ସି): ଦୁବାଇ ଏୟାର ଶୋରେ ତେଜସ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଭାରତକୁ ଜବରଦସ୍ତ ଝଟ୍‌କା ଲାଗିଛି। ଭାରତଠାରୁ ତେଜସ ଜେଟ୍ କ୍ରୟ କରିବା ନେଇ ହେବାକୁ ଥିବା ଆଲୋଚନାକୁ ଆର୍ମେନିଆ ରୋକି ଦେଇଛି। ଇସ୍ରାଏଲ ଗଣମାଧ୍ୟମ ଜେରୁଜେଲମ ପୋଷ୍ଟ ଦେଇଥିବା ସୂଚନା ଅନୁସାରେ ନଭେମ୍ବର ୨୧ରେ ଦୁବାଇ ଏୟାର ଶୋ'ରେ ତେଜସ ଦୁର୍ଘଟଣାଗ୍ରସ୍ତ ହେବାରୁ ଆର୍ମେନିଆ ଏହି ନିଷ୍ପତ୍ତି ନେଇଛି। ଏଥିରେ ଭାରତୀୟ ପାଇଲଟ୍ ୱିଙ୍ଗ କମାଣ୍ଡର ନମାଂଶ ସିୟାଲ ମୃତ୍ୟୁବରଣ କରିଥିଲେ। ଆର୍ମେନିଆ ଭାରତଠାରୁ ପାଖାପାଖି ୧୦ ହଜାର କୋଟି ଟଙ୍କା ବିନିମୟରେ ୧୨ଟି ତେଜସ ଜେଟ୍ କ୍ରୟ କରିବାକୁ ପ୍ରସ୍ତୁତି କରୁଥିଲା। ଏହି ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିଲା। ପ୍ରଥମଥର ପାଇଁ ତେଜସ କ୍ରୟ ନେଇ ବିଦେଶୀ ରାଷ୍ଟ୍ର ସହ ଚୁକ୍ତି ହୋଇଥାନ୍ତା। ତେବେ ଏ ସଂକ୍ରାନ୍ତରେ ଆର୍ମେନିଆ ସରକାରଙ୍କ ତରଫରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ଭାରତ ସରକାରଙ୍କ ମଧ୍ୟ କୌଣସି ପ୍ରତିକ୍ରିୟା ଆସିନାହିଁ। ଉଲ୍ଲେଖଥାଉ କି, ଭାରତୀୟ ବାୟୁସେନାର ଶ୍ରେଷ୍ଠ-୫ ଫାଇଟର ଜେଟ୍‌ଗୁଡିକ ମଧ୍ୟରେ ତେଜସ ସାମିଲ ରହିଛି। ଏହି ଫାଇଟର ଜେଟ୍‌ଗୁଡିକ ହେଲା ସୁଖୋଇ ଏସ୍‌ୟୁ-୩୦ଏମ୍‌କେଆଇ, ରାଫେଲ, ମିରାଜ, ମିଗ୍-୨୯ ଓ ତେଜସ। ଅନ୍ୟ ୪ଟି ଫାଇଟର ଜେଟ୍‌ଠାରୁ ତେଜସ କେତେକାଂଶ ଭିନ୍ନ ଓ ସ୍ୱତନ୍ତ୍ର। ଭାରତୀୟ ବାୟୁସେନାରେ ମିଗ- ୨୧କୁ ହଟାଇ ତେଜସ୍ କ୍ରାୟ କରାଯିବାର ଯୋଜନା ରହିଛି।



**ଭାରତରୁ ୧୨ ଯୁଦ୍ଧ ବିମାନ କିଣିଥାନ୍ତା**

### ହଂକଂର ୩୫ ମହଲା କୋଠାରେ ନିଆଁ

# ୪୦ ମୃତ, ୨୫୭ ନିଖୋଜ

ହଂକଂ,୨୬ ।୧୧(ଏଜେନ୍ସି): ହଂକଂର ଉତ୍ତର ତାଇ-ପୋ ଜିଲ୍ଲାରେ ଥିବା ୱାଙ୍ଗ ଫୁକ କୋର୍ଟ ନାମକ ହାଉସିଂ କମ୍ପ୍ଲେକ୍ସରେ ଏକ ୩୫ ମହଲା କୋଠାରେ ବୁଧବାର ନିଆଁ ଲାଗିଯାଇଛି। ଏହି ଘଟଣାରେ ୪୦ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୬ ଜଣ ଆହତ ହୋଇଛନ୍ତି। ୨୫୭ ଜଣ ମଧ୍ୟ ନିଖୋଜ ଥିବା ସୂଚନା ମିଳିଛି। ଏହି ନିଆଁ ୮ଟି କୋଠାକୁ ବ୍ୟାପି ଯାଇଛି। ରାତି ସୁଦ୍ଧା କେବଳ ଗୋଟିଏ କୋଠାରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଛି। ଏଠାରେ ମରାମତି ଓ ପୁନଃନିର୍ମାଣ କାର୍ଯ୍ୟ ଚାଲୁଥିଲା। ଏହି କାର୍ଯ୍ୟ ପାଇଁ ରଖାଯାଇଥିବା ବାଉଁଶ କାରଣରୁ ନିଆଁ ବ୍ୟାପିଛି ବୋଲି କୁହାଯାଇଛି। ବାଉଁଶରେ ମଞ୍ଚା ନିର୍ମାଣ କରି ଏଠାରେ ମରାମତି କରାଯାଉଥିଲା। ଇଷ୍ଟେଟ୍‌ରେ ୧,୯୮୪୫ ଫ୍ଲାଟ ରହିଛି ଓ ଏଥିରେ ୪,୦୦୦ ଲୋକ ରହୁଥିଲେ। ନିଆଁ ଲାଗିବା ପରେ ଅସ୍ଥାୟୀ ଶିବିର ଖୋଲା ଯିବାକୁ ନିଷ୍ପତ୍ତି ନିଆଯାଇଛି।



# ହସିନାଙ୍କ ଲକରରୁ ମିଳିଲା ୯ କେଜି ସୁନା ଗହଣା

ଢାକା,୨୬ ।୧୧(ଏଜେନ୍ସି): ବାଂଲାଦେଶ ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଏଗ୍ରିନ ବ୍ୟାଙ୍କର ଦୁଇଟି ଲକରରୁ ୮୩୨ ଭରି ଅର୍ଥାତ ପାଖାପାଖି ୯ କେଜି ସୁନା ଗହଣା ଜବତ କରାଯାଇଛି। କୋର୍ଟଙ୍କ ଅନୁମତି ପରେ ମାଜିଷ୍ଟ୍ରେଟ୍ ଉପସ୍ଥିତିରେ ଏହି ଦୁଇଟି ଲକରକୁ ଖୋଲାଯାଇଥିଲା। ଏବେ ବାଂଲାଦେଶ ଦୁର୍ନୀତି ନିବାରଣ କମିଶନ (ଏସିସି) ହସିନାଙ୍କ ବିରୋଧରେ ଦୁର୍ନୀତି ଓ ଆୟ ବର୍ହିଭୂତ ସମ୍ପତ୍ତି ନେଇ ନୂଆ ମାମଲା ରୁଜୁ କରିବାକୁ ପ୍ରସ୍ତୁତି କରୁଛି। ସେ ନିଜର ସମ୍ପତ୍ତି ଲୁଚାଇବାକୁ ପ୍ରୟାସ କରିବା ସହ ଟିକସ ଚୋରି ନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ନ୍ୟାସନାଲ ବୋର୍ଡ ଅଫ ରେଭିନ୍ୟୁ ଏହାର ଯାଞ୍ଚ କରୁଛି। ହସିନା ଓ ତାଙ୍କ ପରିବାର ବେଆଇନ୍ ଭାବେ ସମ୍ପତ୍ତି ଏକଠି କରିବାକୁ ଚେଷ୍ଟା କରିଛନ୍ତି କି ନା ତାହା ଜାଣିବାକୁ ପ୍ରୟାସ କରାଯାଉଛି। ଏସିସିର ଆବେଦନ ପରେ କୋର୍ଟ ହାସିନା, ତାଙ୍କ ପୁଅ, ଝିଅ, ଭଉଣୀ ଓ ଅନ୍ୟ ସମ୍ପର୍କୀୟଙ୍କ ବ୍ୟାଙ୍କ ଖାତାକୁ ଅଚଳ କରିଛନ୍ତି।

# ୨ କୋଟି ମୃତକଙ୍କ ଆଧାର ହଟାଇଲା ୟୁଆଇଡିଏଆଇ

ନୂଆଦିଲ୍ଲୀ,୨୬ ।୧୧(ଏଜେନ୍ସି): ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ସାରା ଦେଶରେ ୨ କୋଟିରୁ ଅଧିକ ମୃତ୍ୟୁବରଣ କରିଥିବା ଲୋକଙ୍କ ଆଧାର ହଟାଇଛି। ଏହି ମୃତ ଲୋକଙ୍କ ଆଧର ନମ୍ବରର ଦୁରୁପଯୋଗକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ମୃତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ୟୁଆଇଡିଏଆଇ ରାଜ୍ୟ ସରକାର, ଆରଜିଆଇ, ପିଡିଏସ୍ ଓ ଅନ୍ୟ ବିଭାଗଠାରୁ ସୂଚନା ଓ ତଥ୍ୟ ନେଇଥିଲା। ଆଧାର ନମ୍ବର ଦ୍ୱିତୀୟଥର ପାଇଁ କାହାକୁ ଦିଆଯାଇ ନଥାଏ। ତେଣୁ ପରିବାରରେ ମୃତ୍ୟୁ ସୂଚନା ଦେବାକୁ ଆଧାର ପୋର୍ଟାଲରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପରିବାରର କୌଣସି ସଦସ୍ୟ ଆଧାର ନମ୍ବର ଓ ମୃତ୍ୟୁ ପ୍ରମାଣପତ୍ରର ସୂଚନା ଦେଇ ମୃତ ବ୍ୟକ୍ତିଙ୍କ ନମ୍ବର ବନ୍ଦ କରିପାରନ୍ତି।

# ଅମୃତସରରୁ ୨ ଆତଙ୍କବାଦୀ ଗିରଫ

ଅମୃତସର,୨୬ ।୧୧(ଏଜେନ୍ସି): ପଞ୍ଜାବର ଅମୃତସରରେ ଗ୍ରାମାଞ୍ଚଳ ପୁଲିସ ଭାରତ- ପାକିସ୍ତାନ ସୀମାରେ ଦୁଇଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ଏମାନଙ୍କ ପାଖରୁ ଅଢ଼େଇ କେଜିର ବିସ୍ଫୋରକ ଆଇଇଡି ଓ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଗୁଇନ୍ଦା ବିଭାଗ ସୂଚନା ଦେବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ନିକଟରେ ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ପରେ ପାକିସ୍ତାନ ଗୁଇନ୍ଦା ସଂସ୍ଥା ପୁଣିଥରେ ଭାରତରେ ବିସ୍ଫୋରକ ପଠାଇବାକୁ ପ୍ରୟାସ କରୁଥିବାର ସୂଚନା ମିଳିବା ପରେ ସତର୍କତା ଅବଲମ୍ବନ କରାଯାଇଥିଲା। ଦୁଇ ଭାଇ ଯୁବରାଜ ଓ ଆକାଶଦୀପଙ୍କୁ ଗିରଫ କରାଯାଇଥିଲା।

# ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ବୋଲସୋନାରୋଙ୍କୁ ୨୭ ବର୍ଷ ଜେଲ୍ ଦଣ୍ଡ

ବ୍ରାସିଲିଆ,୨୬ ।୧୧(ଏଜେନ୍ସି): ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜାର ବୋଲସୋନାରୋଙ୍କୁ ସୁପ୍ରିମକୋର୍ଟ ୨୭ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ନିର୍ବାଚନରେ ପରାଜୟ ପରେ ସେ ଶାସନ ପରିବର୍ତ୍ତନ କରିବାକୁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ ମଙ୍ଗଳବାର ସୁପ୍ରିମକୋର୍ଟ ତାଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। ୨୦୨୨ରେ ସେ ରାଷ୍ଟ୍ରପତି ନିର୍ବାଚନରେ ପରାସ୍ତ ହୋଇଥିଲେ ମଧ୍ୟ ରାଷ୍ଟ୍ରପତି ଲୁଲା ଡି ସିଲ୍‌ଭା ସରକାରଙ୍କୁ ହଟାଇବା ପାଇଁ ପ୍ରୟାସ ଓ ଷଡଯନ୍ତ୍ର କରିଥିଲେ। ଶୁଣାଣି ବେଳେ ବୋଲସୋନାରୋଙ୍କ ଆଇନ୍‌ଗତ ଟିମ୍ କୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଅପିଲ କରି ନଥିଲେ। ଫଳରେ ଜଷ୍ଟସ୍ ଆଲେଜାଣ୍ଡୋ ମୋରାଏସ୍ ତାଙ୍କୁ ୨୭ ବର୍ଷର ଜେଲ ଦଣ୍ଡାଦେଶ ଦେଇଥିଲେ।

# ବିଶ୍ୱର ଶକ୍ତିଶାଳୀ ମହିଳା ଜଣେ ପୁରୁଷ

ୱାଶିଂଟନ, ୨୬।୧୧ (ଏଜେନ୍ସି): ଆମେରିକା କ୍ରୀଡ଼ାବିତ୍ ଜେମି ବୁକରଙ୍କ ଗୁମର ଖୋଲି ଯାଇଛି। ସେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ମହିଳା ଥିଲେ। କିନ୍ତୁ ଏବେ ସେ ପୁରୁଷ ବୋଲି ଜଣାପଡ଼ିଛି। ଏହି ଗୁମର ଖୋଲିଯିବା ପରେ ତାଙ୍କଠାରୁ ଟାଇଟଲ୍ ଛଡ଼ାଇ ନିଆଯାଇଛି। 'ବିଶ୍ୱ ଶକ୍ତିଶାଳୀ ମହିଳା ପ୍ରତିଯୋଗିତା'ର ଆୟୋଜକମାନେ ଦାବି କରିଥିଲେ ଯେ ବୁକ୍ ଜୈବିକ ଭାବେ ଜଣେ ପୁରୁଷ। ପରୀକ୍ଷା ପରେ ଏହା ସତ ସାବ୍ୟସ୍ତ ହୋଇଥିଲା। ଗତ ୨୩ ତାରିଖରେ ସେ ଏହି ଟାଇଟଲ ଜିତିଥିଲେ। ମାତ୍ର ଦୁଇ ଦିନ ପରେ ସେ ଏହାକୁ ହରାଇ ଦେଇଛନ୍ତି। ବ୍ରିଟେନର ଆଣ୍ଡ୍ରିଆ ଥମ୍ପସନ୍‌ଙ୍କୁ ବିଶ୍ୱର ଶକ୍ତିଶାଳୀ ମହିଳା ଘୋଷଣା କରାଯାଇଛି।

### ନାକେଦମ୍ କଲାଣି ଦିଲ୍ଲୀ ପ୍ରଦୂଷଣ; ସୁପ୍ରିମକୋର୍ଟ ଚିନ୍ତିତ

# ସଙ୍କଟରେ ସ୍ୱାସ୍ଥ୍ୟ; ଘରୁ ବାହାରିଲେ ଅସୁସ୍ଥ

ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି):

ଦିଲ୍ଲୀ-ଏନ୍‌ସିଆରରେ ବାୟୁ ପ୍ରଦୂଷଣ ନାକେଦମ କଲାଣି। ପ୍ରଦୂଷଣ ସ୍ତର ହ୍ରାସ ପାଇବା ବଦଳରେ ଦୀର୍ଘ ଦିନ ହେଲା ବୃଦ୍ଧି ପାଇ ଚାଲିଛି। ଏହା ଗୁରୁତର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ସରକାର ସ୍ଥିତିକୁ ଦେଖି ହାତ ଟେକି ଦେଇଛନ୍ତି। ଖାଲି ପ୍ରଦୂଷଣ କେନ୍ଦ୍ର ଆଖପାଖରେ ପାଣି ଟାଙ୍କି ବୁଲାଇ ଦିଲ୍ଲୀକୁ ଥଣ୍ଡା ରଖିବାକୁ ଦିଲ୍ଲୀ ସରକାର ପ୍ରୟାସ କରୁଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ପ୍ରଦୂଷଣରେ

**ପ୍ରାତଃ ଭ୍ରମଣ କରି ସିଜେଆଇଙ୍କ ସ୍ୱାସ୍ଥ୍ୟ ଖରାପ**

**ପ୍ରଦୂଷଣର ଶୀଘ୍ର ସମାଧାନ ଜରୁରୀ**

ଲୋକେ ତ୍ରାହି ତ୍ରାହି ଡାକୁଥିବାବେଳେ ସରକାର ନିଦାବିଷ୍ଟୁ ସାଜିଛନ୍ତି। କୃତ୍ରିମ ବର୍ଷା ଯୋଜନା ବିଫଳ ହେବା ପରଠାରୁ ସରକାର ଆଉ କୌଣସି ଉତ୍ତମ ପଦକ୍ଷେପ ନେଇନାହାନ୍ତି। ଦିଲ୍ଲୀ-ଏନସିଆରରେ ଦ୍ୱିପହର ପର୍ଯ୍ୟନ୍ତ କୁହୁଡ଼ି ଛାଇ ରହୁଛି। ଲୋକେ ଏବେ ଘରୁ ବାହାରିବାକୁ ଡରୁଛନ୍ତି। ଗ୍ରାପ୍-୩ ନିୟମ ଲାଗୁ ହୋଇଥିବାବେଳେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ଅତ୍ୟନ୍ତ ଖରାପ ସ୍ତର ୩୩୫ରେ ରହିଛି। ବାଧ ହୋଇ ଲୋକେ ବିଷ ବାୟୁରେ ପ୍ରଶ୍ୱାସ ନେଉଛନ୍ତି। ଏଥିଯୋଗୁଁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଉଛି ଏବଂ ମେଡିକାଲରେ ଭର୍ତ୍ତି ହେବାକୁ ପଡୁଛି। ନବଜାତକଙ୍କଠାରୁ ନେଇ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ବିଷାକ୍ତ ବାୟୁ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ମଧ୍ୟ ଏଥିରୁ ବାହାରି ପାରି ନାହାନ୍ତି। ସୁପ୍ରିମକୋର୍ଟରେ ବୁଧବାର ଏସ୍‌ଆଇଆର ମାମଲାର ଶୁଣାଣି ଚାଲିଥିବାବେଳେ ସିଜେଆଇ ଦିଲ୍ଲୀ ବାୟୁ ପ୍ରଦୂଷଣ ପ୍ରସଙ୍ଗ ଉଲ୍ଲେଖ କରି ଚିନ୍ତା ପ୍ରକଟ କରିଥିଲେ। ସେ କହିଥିଲେ ଯେ ମଙ୍ଗଳବାର ସନ୍ଧ୍ୟାରେ ଘଣ୍ଟାଏ (ପ୍ରାୟ ୫୫ ମିନିଟ) ବାହାରେ ଭ୍ରମଣ କରିବାରୁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଖୁବଶୀଘ୍ର ଏହାର ସମାଧାନ କରିବା ଜରୁରୀ।

ଆଜି ଏସଆଇଆର ଶୁଣାଣି ସମୟରେ ନିର୍ବାଚନ କମିଶନ (ଇସି)ଙ୍କ ଓକିଲ ରାକେଶ ଦ୍ୱିବେଦୀ ଖରାପ ସ୍ୱାସ୍ଥ୍ୟାବସ୍ଥା କାରଣରୁ ସିଜେଆଇଙ୍କୁ ଶୁଣାଣିରୁ ଛୁଟି ମାଗିଥିଲେ। ଉତ୍ତରରେ ସିଜେଆଇ କହିଥିଲେ ଯେ ଦିଲ୍ଲୀର ପାଣିପାଗ ଯୋଗୁଁ ଏପରି ହେଉଛି। ମୁଁ କେବଳ ଚଲାବୁଲା କରେ। ଏବେ ଏହା ବି କଠିନ ହୋଇଗଲାଣି। ସ୍ଥିତିକୁ ଦେଖି ସିଜେଆଇ ବରିଷ୍ଠ ଓକିଲଙ୍କ କୋର୍ଟ ଆଗମନ ଉପରେ ଚିନ୍ତା ପ୍ରକଟ କରିଥିଲେ। ୬୦ ବର୍ଷ ଏବଂ ଏହାଠାରୁ ଉର୍ଦ୍ଧ୍ୱ ବୟସର ଓକିଲଙ୍କୁ ସାମ୍‌ନାସାମ୍‌ନି ଶୁଣାଣିରୁ ବିରାମ ଦେବା ପାଇଁ ବିଚାର କରାଯାଉଛି ବୋଲି ଉଲ୍ଲେଖ କରିଥିଲେ। ଖୁବଶୀଘ୍ର ଏହା ଉପରେ ନିଷ୍ପତ୍ତି ନିଆଯିବ। ତେବେ ବର୍ତ୍ତମାନ ପ୍ରତ୍ୟକ୍ଷ ଏବଂ ଭର୍ଚୁଆଲରେ ଶୁଣାଣି ଚାଲିଛି।




### କିଏ ଶୁଣିବ ମା'ର ଦୁଃଖ

# ପ୍ରଦୂଷଣ ପାଇଁ ଶିଶୁର ଅସ୍ତ୍ରୋପଚାର

ପ୍ରଦୂଷଣକୁ ନେଇ ଦିଲ୍ଲୀରେ ରହୁଥିବା ଜଣେ ମହିଳା ହୃଦୟ ବିଦାରକ ଭିଡିଓ ସେୟାର କରିଛନ୍ତି। ଏହା ଦିଲ୍ଲୀରେ ବାୟୁ ପ୍ରଦୂଷଣର ଭୟାବହତାକୁ ଦେଖାଉଛି। ପ୍ରଦୂଷଣ ପାଇଁ ତାଙ୍କ

**'ଟିକସ ଦେଇ ଶିଶୁ ପାଇଁ ରୋଗ କିଣୁଛୁ'**



ଦୁଇ ବର୍ଷର ପୁଅ ଜୀବନମରଣ ସହ ସଂଘର୍ଷ କରୁଛି। ଶ୍ୱାସକ୍ରିୟା ସମ୍ବନ୍ଧିତ ସମସ୍ୟା ଯୋଗୁଁ ବାଧ ହୋଇ ଶିଶୁର ନାକ ଏବଂ ଗଳା ଅସ୍ତ୍ରୋପଚାର କରିବାକୁ ପଡୁଛି। ଦିଲ୍ଲୀକୁ ଆସିବାର ଫଳ ଏବେ ତାଙ୍କ ଶିଶୁ ଭୋଗ କରୁଛି ବୋଲି ମାଆ କୋହଭରା କଣ୍ଠରେ କହିଛନ୍ତି। ଏହି ମହିଳାଙ୍କ ନାମ ସାକ୍ଷୀ ପାହ୍ୱା। ତାଙ୍କ ପରିବାର ୨ ବର୍ଷ ଦିଲ୍ଲୀକୁ ଆସିଥିଲେ। ଏଠାକୁ ଆସିବାର କିଛି ମାସ ପରେ ପୁଅର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରେ ଲାଗିଥିଲା। କାଶ, କଫ ସହିତ ଆଲର୍ଜି ହେବାରୁ ଶ୍ୱାସକ୍ରିୟା ସମ୍ବନ୍ଧିତ ସମସ୍ୟା ସୃଷ୍ଟି ହୋଇଥିଲା। କୌଣସି ଔଷଧ କାମ ଦେଇ ନ ଥିଲା। ପ୍ରଦୂଷଣ ପାଇଁ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରେ ଲାଗିଥିଲା। ଡାକ୍ତରଙ୍କୁ ଦେଖାଇବାରୁ ଆଡେନୋଇଡ୍‌ସ ଏବଂ ଚତୁର୍ଥ ପର୍ଯ୍ୟାୟ ଟନ୍‌ସିଲରେ ପୀଡ଼ିତ ଥିବା କହିଥିଲେ। ଅସ୍ତ୍ରୋପଚାର ଏହାର ଉତ୍ତମ ଚିକିତ୍ସା ବୋଲି ବର୍ଣ୍ଣନା କରିଥିଲେ। ପୁଅର ଏହି ସ୍ଥିତି ପାଇଁ ସାକ୍ଷୀ ପ୍ରଦୂଷଣ ଏବଂ ସରକାରଙ୍କ କାର୍ଯ୍ୟହୀନତାକୁ ଦୋଷ ଦେଇଛନ୍ତି। ତାଙ୍କ ପୁଅ ହସ୍ପିଟାଲ ବେଡ୍‌ରେ ପଡ଼ିଥିବା ଦେଖିବାକୁ ମିଳୁଛି। ମହିଳା କହୁଛନ୍ତି ଯେ ଦିଲ୍ଲୀ ପ୍ରଦୂଷଣ ପାଇଁ ନିଷ୍ପାପ ଶିଶୁର ଅସ୍ତ୍ରୋପଚାର ହୋଇଛି। ଆମେ ଟିକସ ଦେଉଛୁ ଏବଂ ଏହାର ପ୍ରତିବଦଳରେ ଶିଶୁକୁ ମେଡିକାଲରେ ଭର୍ତ୍ତି ହେବାକୁ ପଡୁଛି। ଏହି ଭିଡିଓକୁ ନେଇ ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏକ ବଡ଼ ବିକ୍ଷୋଭ ପ୍ରଦର୍ଶନ ହେଲେ ଦେଶର ସ୍ଥିତି ବଦଳିବ ବୋଲି ଲୋକେ କହୁଛନ୍ତି।

### ୩୦ ଫୁଟ୍ ତଳ ନଦୀକୁ ଖସିଲା କାର୍

# ୫ ମୃତ, ସିପିଆର୍ ଦେଇ ଡ୍ରାଇଭରଙ୍କୁ ବଞ୍ଚାଗଲା


ଲକ୍ଷ୍ମୀପୁର-ଖିରି,୨୬ ।୧୧(ଏଜେନ୍ସି): ଉତ୍ତରପ୍ରଦେଶର ଲକ୍ଷ୍ମୀପୁର- ଖିରିରେ ବିବାହ ଉତ୍ସବରେ ଯୋଗ ଦେଇ ଫେରୁଥିବା ବେଳେ ଏକ ଅଲ୍ଟୋ କାର୍ ୩୦ ଫୁଟ ତଳକୁ ଖସି ନଦୀରେ ପଡିଛି। ଏହି ଦୁର୍ଘଟଣାରେ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। କାର୍ ଡ୍ରାଇଭରଙ୍କୁ କାର୍ଡିଓପଲ୍ମୋନାରୀ ରେସୁସାଇଟେସନ (ସିପିଆର) ଦେଇ ବଞ୍ଚାଯାଇଛି। କାର୍‌ର ଗେଟ୍ ଲକ୍ ହୋଇଯାଇଥିଲା ବୋଲି କୁହାଯାଉଛି। କାର୍ ପଡିବାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଦୌଡି ଘଟଣାସ୍ଥଳକୁ ଆସିଥିଲେ। ନଦୀର ପ୍ରଖର ସ୍ରୋତରେ କାର ୩୦-୪୦ ଫୁଟ ଭାସିଯାଇଥିଲା। ଶେଷରେ କାର୍ ନଦୀରେ ବୁଡିଯାଇଥିଲା। ସ୍ଥାନୀୟ ଲୋକେ ପୁଲିସ୍‌କୁ ସୂଚନା ଦେଇଥିଲେ। ଟର୍ଚ୍ଚର ଲାଇଟ୍ ଜଳାଇ ନିକଟସ୍ଥ ଗାଁ ଲୋକେ ଡଙ୍ଗା ମାଧ୍ୟମରେ ନଦୀରେ ପଶିଥିଲେ। କାର୍‌କୁ ଦଉଡ଼ି ବାନ୍ଧି ବାହରକୁ ବାହାର କରିଥିଲେ। ଏହାପରେ କାର୍‌ର ଝରକା କାଚ ଭାଙ୍ଗି ଭିତରେ ଥିବା ଯାତ୍ରୀଙ୍କୁ ବାହରକୁ ଅଣା ଯାଇଥିଲା। ସମସ୍ତଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା ଓ ଡାକ୍ତର ସମସ୍ତଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଜିଲ୍ଲା ମୁଖ୍ୟାଳୟଠାରୁ ୫୫ କିମି ଦୂରରେ ପଢୁଆ ଥାନା ଅଞ୍ଚଳରେ ଡକେରେବା- ଗିରାଜାପୁରୀ ହାଇୱେରେ ପାରସ ପୁରବା ଗାଁ ନିକଟରେ ମଙ୍ଗଳବାର ରାତି ୧୧.୪୦ରେ ଏହି ଦୁର୍ଘଟଣା ଘଟିଥିଲା। କାର୍ ଦ୍ରୁତଗତିରେ ଯାଉଥିଲା। କିନ୍ତୁ ପୋଲ ଉପରେ ଅନ୍ଧାର ଥିବାରୁ ମୋଡଣି ଆସିବାରୁ ଅଚାନକ ଷ୍ଟିଅରିଂ ବୁଲାଇଥିଲି। କିନ୍ତୁ କାର ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା ବୋଲି ଡ୍ରାଇଭର କହିଛନ୍ତି।

### ପାକ୍ ସରକାର ନୀରବ

# ଇମ୍ରାନଙ୍କ ମୃତ୍ୟୁକୁ ନେଇ ସଂଶୟ

ଇସଲାମାବାଦ୍,୨୬ ।୧୧(ଏଜେନ୍ସି):

ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ପାକିସ୍ତାନର ଆଦିଆଲା ଜେଲ୍‌ରେ ଅଛନ୍ତି। ତାଙ୍କୁ ନିଜର ଭଉଣୀଙ୍କ ସହିତ ସାକ୍ଷାତ କରିବାକୁ ଦିଆଯାଉନାହିଁ। ଗତ ଏକ ବର୍ଷ ହେବ ସୁରକ୍ଷା ଓ ଅନ୍ୟ କାରଣର ବାହାନା ଦେଇ ଇମ୍ରାନଙ୍କୁ ତାଙ୍କ ଭଉଣୀମାନଙ୍କୁ ସାକ୍ଷାତ କରିବାକୁ ଦିଆଯାଉନି। ଇମ୍ରାନଙ୍କ ୩ ଭଉଣୀ ଆଲିମା, ନୋରିନ ଓ ଡ. ଉଜମା ଖାନ୍ ତାଙ୍କର ସମର୍ଥକଙ୍କ ସହ ଜେଲ୍ ଆଗରେ ଧାରଣାରେ ବସିଛନ୍ତି। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିଲେ ମଧ୍ୟ ପୁଲିସ ଲାଇଟ୍ ବନ୍ଦ କରି ଲାଠିଚାର୍ଜ କରିଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ପୁଲିସ ଚୁଟି ଟାଣି ମୋତେ ଘୋଷାରି ନେଇଥିଲା ବୋଲି ୭୧ ବର୍ଷୀୟା ନୋରିନ କହିଛନ୍ତି। ଅନ୍ୟ ମହିଳାଙ୍କ ସହ ମଧ୍ୟ ପୁଲିସ ମାଡପିଟ୍ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ଇମ୍ରାନଙ୍କ ମୃତ୍ୟୁ ନେଇ ସାମାଜିକ ଗଣମାଧ୍ୟମଗୁଡିକରେ ଗୁଜବ ପ୍ରସାରିତ ହୋଇଛି। ତାଙ୍କୁ କୌଣସି ଦ୍ୱିତୀୟ ସ୍ଥାନକୁ ନିଆଯାଇଛି ବୋଲି ବିଭିନ୍ନ ପୋଷ୍ଟରେ ଉଲ୍ଲେଖ କରାଯାଇଛି। ତେବେ ସାମାଜିକ ଗଣମାଧ୍ୟମଗୁଡିକରେ ପ୍ରସାରିତ ଏହି ଖବର ନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ଉଲ୍ଲେଖଥାଉ କି, ୨୦୨୫ ମାର୍ଚ୍ଚରେ ଇସଲାମାବାଦ ହାଇକୋର୍ଟ ଇମ୍ରାନଙ୍କୁ ତାଙ୍କ ପରିବାର ଓ ଓକିଲଙ୍କ ସହ ନିୟମିତ ସାକ୍ଷାତ କରିବାକୁ ଅନୁମତି ଦେଇଛନ୍ତି। କିନ୍ତୁ ଏହା ସତ୍ତ୍ୱେ ଜେଲ ବିଭିନ୍ନ ଆଳ ଦେଖାଇ ପ୍ରଶାସନ କୋର୍ଟଙ୍କ ଏହି ଆଦେଶ ପାଳନ କରୁନାହିଁ।



**ଭାଇଙ୍କୁ ସାକ୍ଷାତ କରିବାକୁ ଦିଆଯାଉନାହିଁ: ଇମ୍ରାନଙ୍କ ଭଉଣୀ**

ଗତ ସପ୍ତାହରେ ମଧ୍ୟ ଇମ୍ରାନଙ୍କ ଭଉଣୀମାନଙ୍କ ସହ ରାୱଲପିଣ୍ଡି ପୁଲିସ ଦୁର୍ବ୍ୟବହାର କରିଥିଲା ଓ ସେମାନଙ୍କୁ ସଡ଼କ ଉପରେ ଘୋଷାରି ଗିରଫ ମଧ୍ୟ କରିଥିଲା। ପୂର୍ବରୁ ମଧ୍ୟ ଇମ୍ରାନଙ୍କ ଭଉଣୀମାନଙ୍କ ସହ ଏପରି ଦୁର୍ବ୍ୟବହାର ହୋଇଥିଲା। ଇମ୍ରାନ ଗତ ୩ ବର୍ଷ ହେବ ଜେଲ୍‌ରେ ଅଛନ୍ତି। ତାଙ୍କ ବିରୋଧରେ ୧୦୦ରୁ ଉର୍ଦ୍ଧ୍ୱ ମାମଲା ଚାଲିଛି। ଦୁର୍ନୀତି ମାମଲାରେ ତାଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି।

### ● ସୁପ୍ରିମକୋର୍ଟରେ ଛାତ୍ରୀଙ୍କୁ ଉତ୍ପୀଡ଼ନ ମାମଲା

# ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର ସମୀକ୍ଷା ପାଇଁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି): ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଚାଲିଥିବା ଅନୈତିକ କାର୍ଯ୍ୟକଳାପକୁ ରୋକିବା ପାଇଁ ସୁପ୍ରିମକୋର୍ଟ ବଡ଼ ପଦକ୍ଷେପ ନେଇଛନ୍ତି। ଦେଶରେ ଥିବା ସବୁ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର ସମୀକ୍ଷା କରିବାକୁ କେନ୍ଦ୍ର, ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ ସହିତ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି)କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ କେମିତି ପ୍ରତିଷ୍ଠା ହେଲା, ପରିଚାଳନା ଏବଂ ପର୍ଯ୍ୟବେକ୍ଷଣ କେମିତି ହେଉଛି ତାହାର ଖୁଲାସା କରିବାକୁ ସୁପ୍ରିମକୋର୍ଟ କହିଛନ୍ତି। ଛାତ୍ରୀ ଆୟେଶା ଜେନ୍ ବନାମ ଆମିଟି ୟୁନିଭର୍ସିଟି ମାମଲାର ଶୁଣାଣି କରି ଜଷ୍ଟିସ ଅସଦୁଦ୍ଦିନ ଅମାନୁଲ୍ଲାହ ଏବଂ ଜଷ୍ଟିସ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏହା ସାମୂହିକ ସ୍ୱାର୍ଥ ପାଇଁ ଜରୁରୀ। ଘରୋଇ ବିଶ୍ୱବିଦ୍ୟାଳୟଗୁଡିକର ଗଠନ କେମିତି ହେଲା, ଏଗୁଡ଼ିକ କେଉଁ ନିୟମ ଅନୁସାରେ ପରିଚାଳିତ ହେଉଛନ୍ତି ଏବଂ ସରକାରଙ୍କ ପକ୍ଷରୁ କି ସୁବିଧାସୁଯୋଗ ପାଉଛନ୍ତି ତାହା ଜାଣିବା ଜରୁରୀ। ମାନ୍ୟତା ଦେବାର ଆଇନଗତ ଆଧାର, ଆର୍ଥିକ ଏବଂ ପ୍ରାଶାସନିକ ସହାୟତା, ଜମି ଆବଣ୍ଟନ ଏବଂ ଅଗ୍ରାଧିକାର ଭିତ୍ତିରେ ଦିଆଯାଇଥିବା ଅନ୍ୟାନ୍ୟ ସୁବିଧା ବିଷୟରେ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ସରକାରଗୁଡିକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରତିଷ୍ଠାନ ଗୁଡ଼ିକୁ ପ୍ରକୃତରେ କିଏ ନିୟନ୍ତ୍ରଣ ଓ ପରିଚାଳନା କରୁଛି ଏବଂ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର ପରିଚାଳନା କମିଟି କେମିତି ଗଠନ କରାଯାଉଛି ତାହାର ମଧ୍ୟ ସୂଚନା ମଗାଯାଇଛି। ଆମିଟି ୟୁନିଭର୍ସିଟିର ୨୩ ବର୍ଷୀୟ ଛାତ୍ରୀ ଆୟେଶାଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସମସ୍ତ ବୈଧାନିକ ପ୍ରମାଣପତ୍ର ଥିବା ସତ୍ତ୍ୱେ ଏହି ୟୁନିଭର୍ସିଟି ଆୟେଶାଙ୍କ ନାମ ବଦଳାଇବାକୁ ମନା କରିଦେଇଥିଲା।

ଖାଲି ସେତିକି ନୁହେଁ, କର୍ତ୍ତୃପକ୍ଷ ତାଙ୍କୁ ଉତ୍ପୀଡ଼ନ ଦେଇଥିଲେ, କ୍ଲାସ କରିବା ଉପରେ କଟକଣା ଲଗାଇ ଦେଇଥିଲେ ଏବଂ ମୁସଲମାନ ନାମ ରଖିବାକୁ ନେଇ ପରିହାସ ମଧ୍ୟ କରିଥିଲେ। ୟୁଜିସି ଏବଂ ଶିକ୍ଷା ମନ୍ତ୍ରାଳୟର ହସ୍ତକ୍ଷେପ ସତ୍ତ୍ୱେ ଏହା ଉପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଆମିଟି ୟୁନିଭର୍ସିଟି ନିଜ କ୍ଷମତାର ଅପବ୍ୟବହାର କରୁଥିବା ଆବେଦନରେ ଦାବି କରାଯାଇଛି। ୟୁନିଭର୍ସିଟି ପକ୍ଷରୁ କୁହାଯାଇଥିଲା ଯେ ଛାତ୍ରୀ ନିଜ ବ୍ୟବହାର ପାଇଁ ଗୋଟିଏ ବର୍ଷ ପାଠପଢ଼ା ବରବାଦ ହୋଇଥିଲା। ଏହି ବିବାଦ ୨୦୨୧ରୁ ଆରମ୍ଭ ହୋଇଥିଲା। ସେ ନିଜ ନାମକୁ ଖୁସି ଜୈନରୁ ଆୟେଶା ଜୈନ କରିବାକୁ ଚାହୁଁଥିଲେ। ଖୁସି ୨୦୨୩ରେ ଆମିଟି ଫିଂସିଂ ସ୍କୁଲରୁ ସାର୍ଟିଫିକେଟ କୋର୍ସ ଶେଷ କରି ୨୦୨୪ରେ ଏମବିଏ ପାଇଁ ଆମିଟି ବିଜ୍‌ନେସ ସ୍କୁଲରେ ସାମିଲ ହୋଇଥିଲେ। କିନ୍ତୁ ବିଶ୍ୱବିଦ୍ୟାଳୟ ତାଙ୍କ ତଥ୍ୟ ଅପଡେଟ କରିବାକୁ ମନା କରିଦେଇଥିଲା। କ୍ଲାସ ଏବଂ ପରୀକ୍ଷା ଦେବାକୁ ଦିଆଯାଇ ନ ଥିଲା। ଅନେକ ଅଭିଯୋଗର ଉତ୍ତର ନ ଦେବାର ଶେଷରେ ସେ ଚଳିତ ବର୍ଷ ମଧ୍ୟ ଭାଗରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଛୋଟ କେଶ ବି ଦିଶିବ ସୁନ୍ଦର

**ସାଧାରଣତଃ ଛୋଟ କେଶ ଖୁବ୍ ସୁନ୍ଦର ଦେଖାଯାଏ। ଏହାର ଯତ୍ନ ନେବା ମଧ୍ୟ ସୁବିଧାଜନକ ହୋଇଥାଏ। କିନ୍ତୁ ପାରମ୍ପରିକ ଲୁକ୍ ଚାହୁଁଥିଲେ କେଶକୁ ଷ୍ଟାଇଲ୍ କରିବା ସହଜ ହୋଇ ନ ଥାଏ। ତେଣୁ ଛୋଟ କେଶରେ କିଛି ଭିନ୍ନତା ଆଣିବାକୁ ଚାହୁଁଥିଲେ ନିମ୍ନ ପ୍ରଦତ୍ତ ଟିପ୍‌ସ ଆପଣାଇପାରିବେ।**



### ହାଫ୍ ଅପ୍ ହାଫ୍ ଡାଉନ୍

ଏହା ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ। ଏହା ସବୁ ପର୍ବପର୍ବାଣୀ ତଥା ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ। ବିବାହ ଉତ୍ସବରେ ଗାଉନ୍ ପିନ୍ଧୁଥିଲେ ହାପ୍ ବନ କରିପାରିବେ। ଏହି ଡିଜାଇନ କରିବା ମଧ୍ୟ ଖୁବ୍ ସହଜ। ଏଥିରୁ ଏକ ଆକର୍ଷଣୀୟ ଲୁକ୍ ଚାହୁଁଥିଲେ କେଶକୁ ଷ୍ଟ୍ରେଟ୍‌ନର ସାହାଯ୍ୟରେ ପ୍ରଥମେ ଷ୍ଟ୍ରେଟ୍ କରନ୍ତୁ। ଏହାପରେ ବନ କରନ୍ତୁ।

### ବେବି ଓପନ୍ ହେୟାର୍ ଷ୍ଟାଇଲ୍



ଏ ପ୍ରକାର ଷ୍ଟାଇଲ ସବୁବେଳେ ରହିଥାଏ। ଛୋଟ ହେଉ ଅବା ଲମ୍ବା ଏହି ହେୟାର୍‌ଷ୍ଟାଇଲ୍ ସବୁ କେଶକୁ ମାନିଥାଏ। ସିମ୍ପଲ୍ ଲୁକ୍‌କୁ ଷ୍ଟାଇଲ କରିବାକୁ ଚାହୁଁଥିଲେ ଏହି ଡିଜାଇନ୍ କରିପାରିବେ। ଏ ପ୍ରକାର ହେୟାର୍ ଷ୍ଟାଇଲ୍ ପ୍ରି ୱେଡିଙ୍ଗରେ ଖୁବ୍ ସୁନ୍ଦର ଲାଗିବ। ବିଶେଷ କଥା ହେଉଛି ଏହା ନୋ ମେକ୍‌ଅପ୍ ଲୁକରେ ମଧ୍ୟ ସୁନ୍ଦର ଦିଶିଥାଏ।

### ପନିଟେଲ୍

ଓପନ ହେୟାର୍ ଛୋଟ ଚୁଟିକୁ ବେଶ୍ ସୁନ୍ଦର ଦେଖାଯାଏ। କିନ୍ତୁ ଟିକେ ଭିନ୍ନ ଲୁକ୍ ଚାହୁଁଥିଲେ ସ୍ଲିକ୍ ଲୋ ପନିଟେଲ କରିପାରିବେ। ଏଥିରେ କେଶକୁ ହାଲୁକା କରି ଏକ ସାଇଟ୍ କରନ୍ତୁ। ଏହାକୁ ଲୋ ଷ୍ଟାଇଲ୍ ଟାଇରେ ବାନ୍ଧିବାକୁ ପଡ଼ିଥାଏ। ଏହାଦ୍ୱାରା ମେକ୍‌ଅପ୍ ହାଇ୍‌ଲାଇଟ୍ ହୋଇଥାଏ।

# ମହିଳା ର୍‍ୟାପର୍

**ସାଧାରଣତଃ ର୍‍ୟାପ୍ କହିଲେ ପ୍ରଥମେ ପୁରୁଷଙ୍କ ଛବି ସାମ୍ନାକୁ ଆସିଥାଏ। କିନ୍ତୁ ଏବେ ଏ କ୍ଷେତ୍ରରେ ମହିଳାଙ୍କ ପ୍ରବେଶ ଦେଖିବାକୁ ମିଳିଛି। ବଦଳୁଥିବା ସମୟାନୁସାରେ ପୁରୁଷଙ୍କ ସହ ତାଳ ଦେଇ ମହିଳାମାନେ ହିପ୍ ହାପ୍ ର୍‍ୟାପ୍ କରୁଛନ୍ତି। ସାମାଜିକ ଏବଂ ବ୍ୟକ୍ତିଗତ ବିଚାର, ସାମାଜିକ ସମସ୍ୟା ଆଦି ବିଷୟବସ୍ତୁକୁ ର୍‍ୟାପ୍ ମାଧ୍ୟମରେ ଲୋକଲୋଚନକୁ ଆଣୁଛନ୍ତି। ଏହାଦ୍ୱାରା ସେମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ର୍‍ୟାପ୍ କେବଳ ପୁରୁଷଙ୍କ କାର୍ଯ୍ୟ ନୁହେଁ, ତାହା ପ୍ରମାଣ କରିଛନ୍ତି। ତେବେ ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତୋଟି ମହିଳା ର୍‍ୟାପର୍‌ଙ୍କୁ ନେଇ ଏହି ଉପସ୍ଥାପନା।**

### ଡି ଏମ୍‌ସି

୨୫ ବର୍ଷିୟା ଡି ଏମ୍‌ସି ଭାରତ ହିପ୍ ହପ୍ ଜଗତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର ପୁରା ନାମ ଦୀପା ଉନିକ୍ରିଷ୍ଣନ୍। ପିଲାବେଳୁ ସେ ଭାରତନାଟ୍ୟମ୍‌ରେ ନିଜ ପ୍ରତିଭା ଦେଖାଇଛନ୍ତି। ୧୮ ବର୍ଷ ବୟସରେ ସେ ନିଜର ପ୍ରଥମ ର୍‍ୟାପ୍ ଗୀତ ଲେଖିଥିଲେ। ୨୦୧୭ରେ ସେ ଡି ଏମ୍‌ସି ନାମ୍ନୀ ପ୍ରଥମ ଆଲବମ୍‌ରେ ନଜର ଆସିଥିଲେ। ସେ ର୍‍ୟାପ୍‌ରେ ସାମାଜିକ ମୁଦା, ମହିଳା ସଶକ୍ତୀକରଣ ଉପରେ ଜୋର୍ ଦିଅନ୍ତି। ସେହିପରି ତାଙ୍କ ଗୀତ ନୋ ମୋର ଲିମିଟ୍ସ ମାସିକ ଧର୍ମ ସ୍ୱଚ୍ଛତା ଉପରେ ସଚେତନ ପାଇଁ ପ୍ରସ୍ତୁତ କରିଥିଲେ। ସେହିପରି ସେ କାନାଡ଼ା, ଓ ବେଲଜିୟମ୍ ଅନ୍ତଃରାଷ୍ଟ୍ରୀୟ ପ୍ରଦର୍ଶନୀରେ ମଧ୍ୟ ଭାଗ ନେଇଥିଲେ।



### ରାଜା କୁମାରୀ

ରାଜା କୁମାରୀ ଜଣେ ସଫଳ ଭାରତୀୟ - ଆମେରିକୀୟ ର୍‍ୟାପର୍, ଗାୟିକା ଓ ନୃତ୍ୟାଙ୍ଗନା ଭାବେ ପରିଚିତ। ବହୁବିଧ ପ୍ରତିଭା ପାଇଁ ସେ ଅନେକ ଅନ୍ତଃରାଷ୍ଟ୍ରୀୟ ପୁରସ୍କାର ପାଇଛନ୍ତି। ସେ ଭାରତୀୟ ହିପ୍ ହପ୍ ର୍‍ୟାପ୍‌ର ଗଡ୍ ମଦର୍ ଭାବେ ଜଣାଜାନ୍ତି। ତାଙ୍କ ପୁରା ନାମ ଶ୍ୱେତା ୟଲ୍ଲାପ୍ରଗଦା ରାଓ। ସେ କାଲିଫର୍ନିଆ କ୍ଲେରମୋଣ୍ଟରେ ଏକ ଭାରତୀୟ ପରିବାରରେ ଜନ୍ମ ହୋଇଥିଲେ। ପାଞ୍ଚ ବର୍ଷର ଥିବାବେଳେ ସେ ଫ୍ୟୁଜିଜ୍ ଆଲବମ୍ 'ଦ ସ୍କୋର୍'ରୁ ହିପ୍ ହାପ୍ ପ୍ରତି ଆଗ୍ରହୀ ଥିଲେ। ୧୪ ବର୍ଷରେ ସେ ଫ୍ରିଷ୍ଟାଇଲ୍ ଏମ୍‌ସି ହୋଇଥିଲେ। ଏଥିପାଇଁ ତାଙ୍କୁ ଇଣ୍ଡିଆନ୍ ପ୍ରିନ୍‌ସେସ୍ ବା ରାଜା କୁମାରୀ କୁହାଯାଏ। ସେ ହିନ୍ଦୀ ଓ ଇଂରାଜୀ ଭାଷାରେ ଅନେକ ଲୋକପ୍ରିୟ କଳାକାରଙ୍କ ସହ ର୍‍ୟାପ୍ କରିଛନ୍ତି।



### ସୋଫିୟା ଅଶରଫ୍



ସୋଫିୟା ଅଶରଫ୍ ଜଣେ ଭାରତୀୟ ର୍‍ୟାପର୍ ଓ ଗାୟିକା ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି। ସେ ସାମାଜିକ, କର୍ପୋରେଟ୍ ଅବହେଳା ବାବଦରେ ସଚେତନତା ସୃଷ୍ଟି ପାଇଁ ର୍‍ୟାପ୍ ଲେଖନ୍ତି। ସୋଫିଆ ବୃତ୍ତିରେ ଜଣେ କପିରାଇଟର୍ ଭାବେ କାର୍ଯ୍ୟ କରନ୍ତି। ସେ ର୍‍ୟାପ୍ ମାଧ୍ୟମରେ ସମାଜିକ ଓ ରାଜନୈତିକ ସମସ୍ୟା ଉପରେ ସ୍ୱରଉତ୍ତୋଳନ କରନ୍ତି। ୨୦୧୫ ମସିହାରେ ସେ ୟୁନିଲିଭର ବିରୁଦ୍ଧରେ 'କୋଡାଇକାନାଲ ୱାଣ୍ଟ' ଗୀତ ର୍‍ୟାପ୍ ଲେଖିଥିଲେ। ସେ ନିଜ ଲେଖା ମାଧ୍ୟମରେ ସମାଜିକ ସମସ୍ୟାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରୟାସ କରନ୍ତି।

### ମେବା ଓଫିଲିଆ



ମେଘାଳୟର ଲୋକପ୍ରିୟ ର୍‍ୟାପର୍, ଗାୟିକା ଭାବେ ସେ ପରିଚିତ। ସଙ୍ଗୀତ ପ୍ରତି ତାଙ୍କ ମନରେ ଅହେତୁକ ଦୁର୍ବଳତା ଥିଲା। ଏଥିପାଇଁ ସେ ଆଇନ୍ ଶିକ୍ଷାକୁ ଛାଡ଼ି ଗୀତରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ସ୍ଥିର କରିଥିଲେ। ସେ କୁହନ୍ତି, ଗୀତ ମନର ଭାବନା ପ୍ରକାଶ କରିବାର ମାଧ୍ୟମ। ସେ ଅନେକ ରଚନାତ୍ମକ, ସୃଜନଶୀଳ ଗୀତ ଲେଖନ୍ତି। ବିଗ୍ ରିଙ୍କ ସହ ଗାଇଥିବା ଗୀତ ଡନ୍ ଟକିଙ୍ଗ୍ ପାଇଁ ସେ ୟୁରୋପୀୟ ସଙ୍ଗୀତ ପୁରସ୍କାର ପାଇଥିଲେ। ପରେ ସେ ରାଜା କୁମାରୀଙ୍କ ସହ ରାନୀ ସାଇଫର ସମେତ ଅନେକ ହିଟ୍ ଗୀତରେ ର୍‍ୟାପ୍ କରିଛନ୍ତି।

# ଲଙ୍କା ହାଲୁଆ


ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ


କଞ୍ଚାଲଙ୍କା -୨୦୦ ଗ୍ରାମ୍, ଭଜା ସୁଜି - ୫୦ ଗ୍ରାମ୍, ଚିନି- ଅଧା କପ୍, ଖୁଆ,- ୫୦ ଗ୍ରାମ୍, ପିସ୍ତାବାଦାମ - ପାଞ୍ଚୋଟି, କାଜୁ - ପାଞ୍ଚୋଟି, ଘିଅ - ଏକ ଚାମଚ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗ୍ରାଇଣ୍ଡିଂ ଜାର୍‌ରେ ଲଙ୍କା ନେଇ ଏହାକୁ ପେଷ୍ଟ କରନ୍ତୁ। ଏହାପରେ ଗ୍ୟାସ୍ ଲଗାଇ ତାୱା ବସାନ୍ତୁ। ଗରମ ହୋଇଗଲେ ସେଥିରେ ଏକ ଚାମଚ ଘିଅ ଦେଇ ପେଷ୍ଟ କରି ରଖିଥିବା ଲଙ୍କାକୁ ଦେଇ ଗୋଳାଇ ଦିଅନ୍ତୁ। ଏହାପରେ ଭାଜି ରଖିଥିବା ସୁଜିକୁ ଦେଇ ପିଠାଖଡ଼ିକାରେ ଏପାଖସେପାଖ କରି ଦିଅନ୍ତୁ। ସୁଜି ଲଙ୍କାରେ ମିଶିଯିବା ପରେ ସେଥିରେ ଅଳ୍ପ ପାଣି ଦିଅନ୍ତୁ। ଏହାପରେ ଚିନି ପକାଇ ଭଲରେ ମିଶାନ୍ତୁ। ଏହାକୁ ଏପାଖସେପାଖ କରି କଟା କାଜୁ, ପିସ୍ତା ଓ ସିଲଭର କୋଟିଙ୍ଗ୍ ଦେଇ ପରଷନ୍ତୁ ସ୍ୱାଦିଷ୍ଟ 'ଲଙ୍କା ହାଲୁଆ।'



# କିଶୋରୀଙ୍କ ପାଇଁ ନେଲ୍ ଆର୍ଟ



**ନେଲଆର୍ଟ କେବଳ ବଡ଼ଙ୍କ ମଧ୍ୟରେ ସୀମିତ ନ ଥାଏ। ସ୍କୁଲ ଛାତ୍ରୀମାନେ ମଧ୍ୟ ଏହା କରିବାକୁ ପସନ୍ଦ କରନ୍ତି। ସେମାନଙ୍କ ପାଇଁ ଏହା ଏକ ରଚନାତ୍ମକ ହୋଇଥାଏ। ଏହା ପିଲାଙ୍କ ମଧ୍ୟରେ ସୃଜନଶୀଳତା ବୃଦ୍ଧି କରିଥାଏ। ତେଣୁ ପିଲାଙ୍କୁ ବିଷାକ୍ତ ମୁକ୍ତ ଓ ସୁରକ୍ଷିତ ନେଲ୍‌ପଲିସ୍ ଲଗାଇବା ଜରୁରୀ।**

### ପ୍ରଜାପତି

ରଙ୍ଗିନ୍ ପ୍ରଜାପତି ପିଲାଙ୍କୁ ଖୁବ୍ ଭଲଲାଗେ। ଏହା ନଖରେ କରିବା ଖୁବ୍ ସହଜ ଓ ଆକର୍ଷଣୀୟ ଦିଶିଥାଏ। ତେଣୁ ପିଲାଙ୍କ ପସନ୍ଦ ଅନୁସାରେ ପ୍ରତ୍ୟେକ ନଖରେ ଭିନ୍ନ ଭିନ୍ନ ରଙ୍ଗର ପ୍ରଜାପତି କରିପାରିବେ।



### ପାଣ୍ଡା

ଏହି ନେଲ୍ ଆର୍ଟ ପିଲାଙ୍କୁ କୁଙ୍ଗୁପାଣ୍ଡା ଭଳି କ୍ୟୁଟ୍ ଲୁକ୍ ଦେଇଥାଏ। ଏଥିପାଇଁ ନଖରେ ସର୍ବ ପ୍ରଥମେ ନୀଳ ନେଲ୍‌ପଲିସ୍ ଲଗାନ୍ତୁ। ଏହାକୁ ଭଲଭାବେ ଶୁଖାଇବା ପାଇଁ କିଛି ସମୟ ଛାଡ଼ି ଦିଅନ୍ତୁ। ସେହିପରି ବ୍ରଶ୍ ସାହାଯ୍ୟରେ ନଖରେ ସମ୍ମୁଖ ଭାଗରେ ଧଳାରଙ୍ଗର ପାଣ୍ଡା କରନ୍ତୁ। ଏଥିରେ ଚମକ ଆଣିବା ପାଇଁ ଟ୍ରାନ୍ସପ୍ୟାରେଣ୍ଟ ନେଲ୍‌ପଲିସ୍ ପରସ୍ତ ଲଗାନ୍ତୁ।



### ତାରା

ଏହି ରଙ୍ଗିନ୍ ଡିଜାଇନ୍ ପିଲାଙ୍କ ନଖକୁ ଖୁବ୍ ସୁନ୍ଦର ଦେଖାଯାଏ। ଏଥିପାଇଁ ନଖରେ ପିଲାଙ୍କ ପସନ୍ଦ ମୁତାବକ ନେଲ୍‌ପଲିସ୍ ଲଗାନ୍ତୁ। ଏହାପରେ ହଳଦିଆ ନେଲ୍‌ପଲିସ୍‌ରେ ଛୋଟ ତାରା ତିଆରି କରନ୍ତୁ।

### ଫୁଲ

ସାଧାରଣତଃ ଫ୍ଲୋରାଲ୍ ପ୍ରିଣ୍ଟ ଡ୍ରେସ୍‌ରେ ଏହା ଖୁବ୍ ସୁନ୍ଦର ଦେଖାଯାଏ। ଏଥିପାଇଁ ନଖରେ ପିଙ୍କ୍ ଜେଲ୍ ନେଲ୍‌ପଲିସ୍ ଲଗାଇ କୋଟ୍ କରନ୍ତୁ। ସୁଖିଗଲା ପରେ ତୂଳୀରେ ଅନ୍ୟ ରଙ୍ଗର ନେଲ୍‌ପଲିସ୍ ନେଇ ଛୋଟ ଫୁଲ ତିଆରି କରନ୍ତୁ।

# ଶୀତ ଫେଶନ

**ଶୀତ ପୋଷାକରେ ଷ୍ଟାଇଲିଶ୍ ଦେଖାଯିବା ସମସ୍ତଙ୍କ ପାଇଁ ଆହ୍ୱାନପୂର୍ଣ୍ଣ ହୋଇଥାଏ। ଏଥିପାଇଁ ଅନେକ ଯେ କୌଣସି ପୋଷାକ ପିନ୍ଧି ଏକ, ଜ୍ୟାକେଟ୍ କିମ୍ବା ଷ୍ଟୋଲ୍ ପକାଇ ବାହାରକୁ ଯାଆନ୍ତି। କିନ୍ତୁ ଚାହିଁଲେ କିଛି ସହଜ ଉପାୟ ଆପଣାଇ ସୁନ୍ଦର ଦିଶିପାରିବେ। ଜାଣିବା ସେ ବିଷୟରେ...**

### ସ୍ମାର୍ଟ ଲେୟାରିଙ୍ଗ୍

ଶୀତଦିନେ ଷ୍ଟାଇଲିଶ୍ ଦେଖାଯିବା ପାଇଁ ସବୁଠୁ ସହଜ ହେଉଛି ସ୍ମାର୍ଟ ଲେୟାରିଙ୍ଗ୍। ଭାରି କପଡ଼ା ତୁଳନାରେ ହାଲୁକା ଓ ଫିଟିଙ୍ଗ ପୋଷାକ ଚୟନ କରନ୍ତୁ। ଭିତରେ ସାର୍ଟ କିମ୍ବା ଟର୍ଟଲ ବେକ ଡିଜାଇନ୍ ଟପ୍ ପିନ୍ଧି ଉପରେ ଏକ ଫୁଲ ଜ୍ୟାକେଟ୍ ପିନ୍ଧନ୍ତୁ। ଏଥିରୁ ଏକ ଏଲିଗେଣ୍ଟ ଲୁକ୍ ମିଳିବା ସହ ଉଷ୍ମତା ବଜାୟ ରହିଥାଏ।

### ନ୍ୟୁଟ୍ରାଲ୍ କଲର୍

ଅଫିସ୍ ଲୁକ୍‌ରେ ପ୍ରଫେସନାଲ୍ ଦିଶିବାକୁ ଚାହୁଁଥିଲେ, ନ୍ୟୁଟ୍ରାଲ୍ ରଙ୍ଗ ଯଥା- ବିଜ୍, ଗ୍ରେ ଓ ବ୍ରାଉନ୍ ରଙ୍ଗ ବାଛିପାରିବେ। ଏହା ଫର୍ମାଲ ଲାଗିବା ସହ ଯେ କୌଣସି ଆଉଟ୍‌ଫିଟ୍‌କୁ ସୁନ୍ଦର ମାନିଥାଏ।

### ସ୍କାର୍ଫ ଓ ଶାଲ୍

ଶାଲ୍ ଓ, ସ୍କାର୍ଫ କେବଳ ଶୀତରୁ ସୁରକ୍ଷା ଦିଏନି। ଏହା ଖୁବ୍ ସୁନ୍ଦର ଲୁକ୍ ଦେଇଥାଏ। ଏଥିପାଇଁ ଶିଲ୍କ କିମ୍ବା ଉଲ ଫାବ୍ରିକ୍‌ର ପ୍ରିଣ୍ଟେଡ୍ ସ୍କାର୍ଫ ଚୟନ କରିପାରିବେ। ଏହା ଆଉଟ୍‌ଫିଟ୍‌କୁ ଷ୍ଟାଇଲିଶ୍ କରିବା ସହ ଆଖିକୁ ଖୁବ୍ ଆକର୍ଷଣୀୟ ଦିଶିଥାଏ।



# ଜୋତାରୁ ଦୁର୍ଗନ୍ଧ ଆସୁଥିଲେ



**ଜୋତାରୁ ଦୁର୍ଗନ୍ଧ ଆସିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଲଜ୍ୟାର କାରଣ ହୋଇଥାଏ। ଦୀର୍ଘ ସମୟ ଜୋତା ପିନ୍ଧି ରଖୁଥିଲେ ଏହି ସମସ୍ୟା ଅଧିକ ହୋଇଥାଏ। ତେବେ କିଛି ଘରୋଇ ଉପାୟ ଆପଣାଇ ସହଜରେ ଏହି ଦୁର୍ଗନ୍ଧ ଦୂର କରିପାରିବେ।**

### ଖାଇବା ସୋଡ଼ା

ଖାଇବା ସୋଡ଼ାରେ ଖୁବ୍ ଉପକାରିତା ଗୁଣ ଥାଏ। ଏହା ଜୋତାରୁ ଦୁର୍ଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ। ଏଥିପାଇଁ କିଛି ଖାଇବାସୋଡ଼ା ନେଇ ଜୋତାରେ ପକାଇ ରାତି ସାରା ରଖନ୍ତୁ। ସକାଳୁ ଏହି ଜୋତାକୁ ପରିଷ୍କାର କରି ପିନ୍ଧନ୍ତୁ। ଏହାଦ୍ୱାରା ଦୁର୍ଗନ୍ଧ ଦୂର ହୋଇଯାଏ। ସୋଡ଼ା ଜୋତାରେ ଥିବା ଆର୍ଦ୍ରତାକୁ ଶୋଷି ନେଇଥାଏ।

### ସେଓ ଭିନେଗାର୍

ଆପେଲ୍ ସାଇଡ୍ ଭିନେଗାର୍ ଜୋତାର ଦୁର୍ଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ। ଏଥିପାଇଁ ଏକ କପଡ଼ା କିମ୍ବା ତୁଳାକୁ ଭିନେଗାରରେ ବୁଡ଼ାଇ ଜୋତା ଭିତରେ ରଖି ଦିଅନ୍ତୁ। କିଛି ଘଣ୍ଟା ପରେ କାଢ଼ି ଦିଅନ୍ତୁ। ଏହା ଜୋତା ଦୁର୍ଗନ୍ଧ ଦୂର କରି ଏହାକୁ ସତେଜ ରଖିଥାଏ। ଚାହିଁଲେ ଏହାକୁ ନିୟମିତ ବ୍ୟବହାର କରିପାରିବେ।

### ଚା ପତି

ଚାପତିରେ ଏକ ବିଶେଷ ତତ୍ତ୍ୱ ଥାଏ। ଯାହା ଦୁର୍ଗନ୍ଧକୁ ଶୋଷି ନେଇଥାଏ। ଏଥିପାଇଁ କିଛି ଶୁଖିଲା ଚା ପତି ଜୋତାରେ ରଖି ଗୋଟିଏ ରାତି ଛାଡ଼ି ଦିଅନ୍ତୁ। ଏହାଦ୍ୱାରା ଦୁର୍ଗନ୍ଧ ଦୂର ହୋଇଥାଏ।

# ବାରମ୍ବାର ୱାଇପ୍‌ସ ବ୍ୟବହାର କରୁଥିଲେ

**ଅଧିକାଂଶ ମହିଳା ତ୍ୱଚାରେ ଥିବା ଧୂଳି, ମଳି ତଥା ମେକ୍‌ଅପ୍ ଛଡ଼ାଇବା ପାଇଁ ୱେଟ୍ ୱାଇପ୍ସ ବ୍ୟବହାର କରିଥାନ୍ତି। ଏହା ତ୍ୱଚାରେ ଥିବା ମଇଳା, ତେଲ ଓ ଅପରିଷ୍କାରକୁ କ୍ଷଣକ ମଧ୍ୟରେ ସଫା କରିଥାଏ। କିନ୍ତୁ ଏହାକୁ ବାରମ୍ବାର ବ୍ୟବହାର କଲେ, ଏଥିରେ ଥିବା କେମିକାଲ୍ସ, ସୁଗନ୍ଧ ଓ ଆଲ୍‌କହଲ୍ ତ୍ୱଚାକୁ କ୍ଷତି ପହଞ୍ଚିଥାଏ।**

### ତ୍ୱଚାରେ ଆର୍ଦ୍ରତା କମ୍



ଅଧିକାଂଶ ସମୟରେ ୱାଇପସ୍ ବ୍ୟବହାର କଲେ ଏଥିରେ ଥିବା କେମିକାଲ୍ସ ଓ ଆଲ୍‌କହଲ୍ ତ୍ୱଚାର ପ୍ରାକୃତିକ ତେଲକୁ ନଷ୍ଟ କରିଥାଏ। ଫଳରେ ତ୍ୱଚା ଶୁଷ୍କ ହୋଇଯାଏ। ମଏଶ୍ଚରାଇଜର୍ ମଧ୍ୟ ତ୍ୱଚାରେ ପ୍ରଭାବ ଦେଖାଏନି।

### ସଂକ୍ରମଣ

ସାଧାରଣତଃ ମୁହଁର ତ୍ୱଚା ଖୁବ୍ ସମ୍ବେଦନଶୀଳ ହୋଇଥାଏ। ତେଣୁ ୱାଇପସ୍ ବ୍ୟବହାର କଲେ ଏହା ଚର୍ମକୁ ଶୁଷ୍କ କରିବା ସହ କୁଣ୍ଡାଇ ହେବା ଓ ଫାଟିଯିବା ପରି ସମସ୍ୟା ହୋଇଥାଏ। ବେଳେବେଳେ ସଂକ୍ରମଣ ଏତେ ବଢ଼ିଯାଏ ଯେ ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼ିଥାଏ।

### ଅଧିକ କ୍ଷତିଗ୍ରସ୍ତ ସମ୍ବେଦନଶୀଳ ତ୍ୱଚା

ସମ୍ବେଦନଶୀଳ ତ୍ୱଚା ଥିଲେ ୱେଟ୍ ୱାଇପ୍ସ ବ୍ୟବହାର ନ କରିବା ଭଲ। କାରଣ ସେନ୍‌ସିଟିଭ୍ ତ୍ୱଚା ଥିଲେ ତ୍ୱଚାରେ ଅଧିକ ସମସ୍ୟା ଦେଖିବାକୁ ମିଳିଥାଏ। ତ୍ୱଚାରେ କମ୍ ବୟସରୁ ବୟସ ଛାପ ଦିଶୁଥିଲେ, ଏହା ଏଜିଙ୍ଗ୍‌ର ସାଇନ ହୋଇପାରେ। ଅଧିକ ୱାଇପ୍ ବ୍ୟବହାର କଲେ ଏହା ବୟସ ଛାପକୁ ଦର୍ଶାଇଥାଏ।

# ଲଜ୍ଜାଜନକ ପରାଜୟ

## ୪୦୮ ରନରେ ଗୌହାଟୀ ଟେଷ୍ଟ ହାରିଲା ଭାରତ

## ୨-୦ରେ ଦକ୍ଷିଣ ଆଫ୍ରିକାର ସିରିଜ କ୍ଲିନ ସୁଇପ୍

ଗୌହାଟୀ, ୨୬ ।୧୧ (ଏଜେନ୍ସି)

ଯାହା ଆଶା କରାଯାଉଥିଲା ଶେଷରେ ସେଇଆ ହିଁ ହେଲା। ଗୌହାଟୀରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ୫୪୯ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଭାରତ ଅନ୍ତିମ ତଥା ୫ମ ଦିବସରେ ବୁଧବାର ୧୪୦ ରନରେ ଦ୍ୱିତୀୟ ଇନିଂସରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଏହି ଟେଷ୍ଟକୁ ୪୦୮ ରନର ବୃହତ୍ ବ୍ୟବଧାନରେ ଜିତିବା ସହ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି। ସେହିଭଳି ୨୫ ବର୍ଷ ପରେ ଭାରତ ମାଟିରେ ତେମ୍ବା ବଭୁମାଙ୍କ ଆଫ୍ରିକା ଦଳ ଟେଷ୍ଟ ସିରିଜ ବିଜୟ ସ୍ୱାଦ ଚାଖିଛି। ୨୦୦୦ରେ ହାନ୍ସି କ୍ରୋଞ୍ଜେଙ୍କ ନେତୃତ୍ୱରେ ଦଳ ପ୍ରଥମଥର ଭାରତ ମାଟିରେ ସିରିଜ ଜିତିଥିଲା। ପୂର୍ବରୁ କୋଲକାତାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ମଧ୍ୟ ଦକ୍ଷିଣ ଆଫ୍ରିକା ୩୦ ରନରେ ଜିତିଥିଲା। ଏବେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ନଭେମ୍ବର ୩୦ରୁ ରାଞ୍ଚିରେ ଆରମ୍ଭ ହେବ।

ପୂର୍ବ ଦିନର ଅସମାପ୍ତ ୨ୟ ପାଳି ସ୍କୋର ୨୭/୨ରୁ ବୁଧବାର ବ୍ୟାଟିଂ ଆରମ୍ଭ କରିଥିବା ଭାରତ ସାମ୍ନାରେ ଅନ୍ତିମ ଦିବସରେ ୫୨୨ ରନର ଅସମ୍ଭବ ଲକ୍ଷ୍ୟ ରହିଥିଲା। ବିଜୟ ପାଇଁ ନ ହେଲେ ମଧ୍ୟ ଅତିକମରେ ଡ୍ର ପାଇଁ ଖେଳିବ ଭାରତ ବୋଲି ଆଶା କରାଯାଉଥିଲା। କିନ୍ତୁ ଭ୍ରମଣକାରୀ ସ୍ପିନର ସାଇମନ ହାର୍ମରଙ୍କ ସାମ୍ନାରେ ଭାରତୀୟ ବ୍ୟାଟର୍ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିନେଇଥିଲେ। ହାର୍ମର ୬ଟି ୱିକେଟ୍ ନେଇ ଭାରତୀୟ ଇନିଂସକୁ ୧୪୦ ରନରେ ସୀମିତ କରିଦେଇଥିଲେ। ବ୍ୟାଟିଂକ୍ରମର ୭ମ ସ୍ଥାନରେ ଆସିଥିବା ରବୀନ୍ଦ୍ର ଜାଡେଜା ୮୭ ବଲରେ ୫୪ ରନ କରି ଏକମାତ୍ର ବ୍ୟାଟରଭାବେ କିଛିଟା ଲଢ଼େଇ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଇ ସୁଦର୍ଶନ ୧୪, ଅଧିନାୟକ ଋଷଭ ପନ୍ତ ୧୩, ୱାଶିଂଟନ ସୁନ୍ଦର ୧୬, ଧ୍ରୁବ ଜୁରେଲ ୨, ନୀତୀଶ ରେଡ୍ଡୀ ୦, କୁଲଦୀପ୍ ଯାଦବ ୫ ରନ କରିଥିଲେ। ୬ଟି ୱିକେଟ୍ ସହ ୯୩ ରନ କରିଥିବା ମାର୍କୋ ଜାନସେନ ମ୍ୟାଚର ଏବଂ ମୋଟ୍ ୧୭ଟି ୱିକେଟ୍ ନେଇଥିବା ହାର୍ମର ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ।



୪୦୮ ରନରେ ହାରିବା ଟେଷ୍ଟ କ୍ରିକେଟ୍ ଇତିହାସରେ ଭାରତର ସର୍ବବୃହତ ପରାଜୟ ହେବାର ଅଲୋଡ଼ା ରେକର୍ଡ ହୋଇଛି। ପୂର୍ବରୁ ଭାରତ ୨୦୦୪ରେ ନାଗପୁରରେ ଅଷ୍ଟ୍ରେଲିଆ ନିକଟରୁ ୩୪୨ ରନରେ ପରାସ୍ତ ହୋଇଥିଲା। ଏବେ ପରାଜୟରେ ଭାରତ ନୂଆ ରେକର୍ଡ କରିଛି। ବିଶ୍ୱରେ ରନ ବ୍ୟବଧାନରେ ସବୁଠୁ ବଡ଼ ପରାଜୟ ଅଷ୍ଟ୍ରେଲିଆ ନାମରେ ରହିଛି। ୧୯୨୮ରେ ବ୍ରିସବେନରେ ଅନୁଷ୍ଠିତ ଆସେସ୍ ସିରିଜର ଏକ ଟେଷ୍ଟରେ ଇଂଲଣ୍ଡ ୬୭୫ ରନରେ ଅଷ୍ଟ୍ରେଲିଆକୁ ମାତ୍ ଦେଇଥିଲା।

### ସଂକ୍ଷିପ୍ତ ସ୍କୋର

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ : ୪୮୯/୧୦
ଭାରତ ପ୍ରଥମ ଇନିଂସ : ୨୦୧/୧୦
ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ : ୨୬୦/୫, ଘୋଷିତ
ଭାରତ ଦ୍ୱିତୀୟ ଇନିଂସ : ୧୪୦/୧୦।

### ପରିସଂଖ୍ୟାନ

**୩ୟ**: ଭାରତ ୩ୟଥର ଲାଗି ଘରୋଇ ମାଟିରେ ଟେଷ୍ଟ ସିରିଜ କ୍ଲିନସୁଇପ୍ ହୋଇଛି। ପୂର୍ବରୁ ୨୦୦୦ରେ ଦ.ଆଫ୍ରିକା (୨-୦) ଓ ୨୦୨୪ରେ ନ୍ୟୁଜିଲାଣ୍ଡ (୩-୦)ରେ ଭାରତ ମାଟିରେ ସିରିଜ ସୁଇପ୍ କରିଥିଲେ।

**୨ୟ**: ଘରୋଇ ମାଟିରେ ଭାରତର ଏହା କ୍ରମାଗତ ଦ୍ୱିତୀୟ ବର୍ଷରେ ୨ୟ ଟେଷ୍ଟ ପରାଜୟ ଥିଲା। ଏଥିପୂର୍ବରୁ ଭାରତ ୧୯୮୩ରେ ୱେଷ୍ଟଇଣ୍ଡିଜ ଓ ୧୯୮୪ରେ ଇଂଲଣ୍ଡ ନିକଟରୁ ଟେଷ୍ଟ ସିରିଜ ହାରିଥିଲା।

**ଶୂନ** : ଦକ୍ଷିଣ ଆଫ୍ରିକା ବିପକ୍ଷ ଏହି ସିରିଜରେ କୌଣସି ଭାରତୀୟ ବ୍ୟାଟର୍ ଶତକ ହାସଲ କରିପାରି ନ ଥିଲେ। ଘରୋଇ ମାଟିରେ ଦୁଇମ୍ୟାଚ ବିଶିଷ୍ଟ ଟେଷ୍ଟରେ କୌଣସି ଭାରତୀୟ ଶତକ ହାସଲ ନ କରିବାରେ ଏହା ୩ୟ ଘଟଣା। ପୂର୍ବରୁ ନ୍ୟୁଜିଲାଣ୍ଡ (୧୯୭୦ ଓ ୧୯୯୫) ବିପକ୍ଷରେ ଭାରତ ଦୁଇଥର ଏଭଳି ଅଲୋଡ଼ା ରେକର୍ଡ କରିଥିଲା।

**୪ର୍ଥ** : ଏହି ସିରିଜରେ ଭାରତ ୪ଟି ଯାକ ଇନିଂସରେ ୨୫୦ ରନ ଟପିପାରି ନ ଥିଲା। ଯାହାକି ଭାରତୀୟ ଟେଷ୍ଟ ଇତିହାସରେ ୪ର୍ଥ ଘଟଣା।

**ପ୍ରଥମଥର** : ଦକ୍ଷିଣ ଆଫ୍ରିକା ପ୍ରଥମ ଦଳ ଭାବେ ଟେଷ୍ଟରେ ଭାରତକୁ ୪୦୦ରୁ ଊର୍ଦ୍ଧ୍ୱ ରନ ହରାଇବାରେ ସମର୍ଥ ହୋଇଛି। ପୂର୍ବରୁ ଅଷ୍ଟ୍ରେଲିଆ ଭାରତକୁ ୩୪୨ ରନରେ ହରାଇଥିଲା।

**୧୧ତମ** : ଦକ୍ଷିଣ ଆଫ୍ରିକା ଅଧିନାୟକ ତେମ୍ବା ବଭୁମା ୧୨ତମ ଟେଷ୍ଟ ମ୍ୟାଚରେ ନେତୃତ୍ୱ ନେଇ ଦଳକୁ ୧୧ଟି ବିଜୟ ଭେଟି ଦେଇଛନ୍ତି।

## ବିସିସିଆଇ ହାତରେ ମୋ’ ଭବିଷ୍ୟତ: ଗୌତମ ଗମ୍ଭୀର

ଗୌହାଟୀ, ୨୬ ।୧୧ (ଏଜେନ୍ସି):ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାଠାରୁ ଦ୍ୱିତୀୟ ଟେଷ୍ଟକୁ ଶୋଚନୀୟ ଭାବେ ୪୦୮ ରନରେ ହାରିବା ସହ ଭାରତ ସିରିଜରେ



ମଧ୍ୟ ୨-୦ରେ କ୍ଲିନସୁଇପ୍ ହୋଇଛି। ଏଭଳି ଲଜ୍ଜାଜନକ ପ୍ରଦର୍ଶନ ପରେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଗୌରତମ ଗମ୍ଭୀରଙ୍କୁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ବିଶେଷ କରି ଖେଳାଳି ମନୋନୟନକୁ ନେଇ ଗମ୍ଭୀରଙ୍କୁ ଟାର୍ଗେଟ୍ କରାଯାଇଛି। ବୁଧବାର ପରାଜୟ ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗମ୍ଭୀରଙ୍କୁ ପଚରାଯାଇଥିଲା ଯେ ସେ ଭାରତୀୟ ଦଳର ମୁଖ୍ୟ କୋଚ୍ ପାଇଁ ଉପଯୁକ୍ତ ବ୍ୟକ୍ତି କି? ଏହାର ଉତ୍ତରରେ ଗମ୍ଭୀର କହିଥିଲେ, ‘ମୋର ଭବିଷ୍ୟତ ବିସିସିଆଇ ହାତରେ। ମୁଁ କୋଚ୍ ହେବାକୁ ଯୋଗ୍ୟ କି ନୁହେଁ ତାହା ବିସିସିଆଇ ନିଷ୍ପତ୍ତି ନେବ। ଏହା ପୂର୍ବରୁ ମଧ୍ୟ ମୁଁ କହି ସାରିଛି ଯେ ଆଗ ଭାରତୀୟ କ୍ରିକେଟ୍ ଗୁରୁତ୍ୱପୂର୍ଣ୍ଣ; ମୁଁ ନୁହେଁ। ମୁଁ ସେହି ବ୍ୟକ୍ତି ଯାହାର ନେତୃତ୍ୱରେ ଇଂଲଣ୍ଡ ମାଟିରେ ଭାରତ ଭଲ ପ୍ରଦର୍ଶନ କରିଥିଲା। ଏଥିସହ ଚାମ୍ପିଅନ୍ସ ଟ୍ରଫି ଓ ଏସିଆ କପ୍ ବିଜୟୀ ହୋଇଥିଲା। ଏହି ପରାଜୟ ଲାଗି କୌଣସି ଜଣେ ଖେଳାଳି କିମ୍ବା ଗୋଟିଏ ସଟ୍‌କୁ ଦୋଷ ଦେବା ଠିକ୍ ନୁହେଁ। ଏହି ପରାଜୟର ମୋ ଠାରୁ ଆରମ୍ଭ କରି ସମସ୍ତେ ଦାୟୀ।’ ପ୍ରକାଶଯୋଗ୍ୟ ଗମ୍ଭୀରଙ୍କ ପ୍ରଶିକ୍ଷଣ ସମୟରେ ଭାରତ ୧୮ଟି ଟେଷ୍ଟ ମ୍ୟାଚ୍ ଖେଳି ୧୦ଟି ହାରିଛି। ଯେଉଁଥିରେ ଗତବର୍ଷ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ନିକଟରୁ ୩-୦ରେ ଲଜ୍ଜାଜନକ ପରାଜୟ ସାମିଲ ରହିଛି।

## ଓଡ଼ିଶା ଏଫ୍‌ସି ଛାଡ଼ିଲେ ଲୋବେରୋ



ଭୁବନେଶ୍ୱର,୨୬ ।୧୧(ଏଜେନ୍ସି):ଓଡ଼ିଶା ଫୁଟ୍‌ବଲ କ୍ଲବ(ଓଏଫ୍‌ସି) ଓ ଏହାର ମୁଖ୍ୟ କୋଚ୍ ସର୍ଗିଓ ଲୋବେରୋ ସହମତିରେ ପରସ୍ପରଠାରୁ ଅଲଗା ହୋଇଛନ୍ତି। ଭୁବନେଶ୍ୱରଭିତ୍ତିକ ଆଇଏସ୍‌ଏଲ୍ କ୍ଲବ ଓଏଫ୍‌ସି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏନେଇ ଘୋଷଣା କରିଛି। ସ୍ପେନ୍‌ର କୋଚ୍ ଲୋବେରୋ ଓଡ଼ିଶା ଛାଡ଼ିବାର ତୁରନ୍ତ ପରେ ମୋହନ ବାଗାନ ଏସ୍‌ସି କ୍ଲବରେ ଯୋଗଦେଇଛନ୍ତି। ଆଇଏସ୍‌ଏଲ୍‌ର ଡିଫେଣ୍ଡିଂ ଚାମ୍ପିଅନ ମୋହନବାଗାନ ପକ୍ଷରୁ ଅଫିସିଆଲ ଭାବେ ମଧ୍ୟ ଏନେଇ ଘୋଷଣା କରାଯାଇଛି। ନଭେମ୍ବର ୩୦ରେ ସେ ମୋହନ ବାଗାନ ଖେଳାଳିଙ୍କ ସହ ଟ୍ରେନିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଲୋବେରୋ ୨୦୨୩ ମେ’ରେ ଓଡ଼ିଶା ଏଫ୍‌ସିରେ ଯୋଗ ଦେଇଥିଲେ। ତାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଫ୍‌ସି ୨୦୨୪ ସୁପର କପ୍‌ରେ ରନର୍ସଅପ୍ ହୋଇଥିଲା। ଏବେ ଆଇଏସ୍‌ଏଲ୍ ଆୟୋଜନ ନେଇ ଅନିଶ୍ଚିତତା ଜାରି ରହିଛି। ଫଳରେ ଓଡ଼ିଶା ସମେତ ୩ଟି କ୍ଲବ କୌଣସି କାର୍ଯ୍ୟକ୍ରମ ହାତକୁ ନେଇନାହାନ୍ତି।

## ୟୁପି ପ୍ରୋ ହ୍ୟାଣ୍ଡବଲ୍ ଲିଗ୍‌ରେ ଗୌରୀ ବୈଷୟିକ ଅଧିକାରୀ

ଭୁବନେଶ୍ୱର, ୨୬ ।୧୧ (ସମିସ): ଆଇପିଏଲ୍ ଢାଞ୍ଚାରେ ଡିସେମ୍ବର ୨୫ରୁ ୟୁପି ପ୍ରୋ ହ୍ୟାଣ୍ଡବଲ୍ ଲିଗ୍ ଆରମ୍ଭ ହେବ। ୮ଟି ଦଳଟି ଦଳକୁ ନେଇ ଲକ୍ଷ୍ନୌର କେଡି ସିଂ ବାବୁ ଷ୍ଟାଡିୟମରେ ଲିଗ୍‌ର ସମସ୍ତ ମ୍ୟାଚ୍ ଖେଳାଯିବ। ଏହି ଲିଗ୍‌ରେ ବୈଷୟିକ ଅଧିକାରୀ ଭାବେ ମ୍ୟାଚ୍ ପରିଚାଳନା ଲାଗି ଓଡ଼ିଶାର ଗୌରୀ ଶଙ୍କର ମିଶ୍ର ମନୋନୀତ ହୋଇଛନ୍ତି। ଏହି ଅବସରରେ ଗୌରୀଙ୍କୁ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା | ରୀମା, ଋଦ୍ଧିକା, ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୬ ।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ବୁଧବାର ଓଡ଼ିଶା ୫ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟର ସନ୍ତରଣକାରୀ ପ୍ରତ୍ୟାଶା ରାୟ କ୍ରମାଗତ ୨ୟ ଦିନରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଗତକାଲି ମହିଳା ୧୦୦ ମିଟର ବ୍ୟାକଷ୍ଟ୍ରୋକରେ ପ୍ରଥମ ହୋଇଥିବା ପ୍ରତ୍ୟାଶା ବୁଧବାର ୨୦୦ ମିଟରରେ ମଧ୍ୟ ବାଜିମାତ୍ କରିନେଇଥିଲେ। ସେହିଭଳି ଭାରୋତ୍ତୋଳନରେ ରୀମା ଭୋଇ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ମହିଳା ୫୮ କିଗ୍ରା ବିଭାଗରେ ଭାଗନେଇ ରୀମା ମୋଟ୍ ୧୯୭ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ।

ଅପରପକ୍ଷରେ ଆଜି ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୩ଟି ପଦକ ବିଜୟୀ ହୋଇଛନ୍ତି। ସୁଇମିଂରେ ମହିଳା ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ କିଟ୍‌ର ଋଦ୍ଧିକା ୩୪.୯୫ ସେକେଣ୍ଡରେ ଦୂରତା ଅତିକ୍ରମ ପରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହି ସମାନ ଇଭେଣ୍ଟରେ ଦିବ୍ୟାଙ୍କା ଦିବ୍ୟଦର୍ଶିନୀ ପ୍ରଧାନ ୩୫.୮୫ ସେକେଣ୍ଡ ସମୟ ସହ ରିଡଭିକାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଥିଲେ। ସେହିଭଳି ମହିଳା ୫୦ ମିଟର ବଟରଫ୍ଲାଏ ଇଭେଣ୍ଟରେ କିଟ୍‌ର ନୀଳବଜା ଘୋଷ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। କିଟ୍ ବର୍ତ୍ତମାନ ସୁଦ୍ଧା ଏହି ପ୍ରତିଯୋଗିତାରେ ୬ଟି ପଦକ ଜିତିସାରିଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ରହିଛି।

## ବର୍ଷକ ପରେ ପୁଣି ଉର୍ଭିଲଙ୍କ ଧମାକା



ହାଇଦରାବାଦ, ୨୬ ।୧୧ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ବୁଧବାରଠାରୁ ଆରମ୍ଭ ହୋଇଛି ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ଣ୍ଣାମେଣ୍ଟର ୧୮ତମ ସଂସ୍କରଣ। ପ୍ରଥମ ଦିବସରେ ଗୁଜରାଟ ଅଧିନାୟକ ଉର୍ଭିଲ ପଟେଲ ବିସ୍ଫୋରକ ଶତକୀୟ ପାଳି ଖେଳି ଚର୍ଚ୍ଚାରେ ରହିଛନ୍ତି। ୨୭ ବର୍ଷୀୟ ଏହି ଡାହାଣହାତୀ ବ୍ୟାଟର ମାତ୍ର ୩୧ ବଲରେ ଶତକ ମାରିଛନ୍ତି। ଫଳରେ ତାଙ୍କ ଦଳ ଗୁଜରାଟ ୮ ୱିକେଟରେ ସର୍ଭିସେସକୁ ସହଜରେ ହରାଇଦେଇଛି। ସ୍ଥାନୀୟ ଜିମଖାନା ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ସର୍ଭିସେସ ପ୍ରଥମେ ବ୍ୟାଟିଂ କରି ୯ ୱିକେଟ୍‌ରେ ୧୮୨ ରନ କରିଥିଲା। ଜବାବରେ ଗୁଜରାଟ ଓପନର ଉର୍ଭିଲଙ୍କ ଧମାକା ଇନିଂସ ବଳରେ ମାତ୍ର ୧୨.୩ ଓଭରରେ ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ୩୧ ବଲରେ ଶତକ ପୂରଣ କରିଥିବା ଉର୍ଭିଲ ମୋଟ୍ ୩୭ ବଲ୍ ଖେଳି ୧୧୯ ରନରେ ଅପରାଜିତ ରହିଥିଲେ। ଏହି ବିସ୍ଫୋରକ ଇନିଂସରେ ସେ ୧୨ ଚୌକା ଓ ୧୦ଟି ଛକା ମାରିଥିଲେ। ପ୍ରକାଶଯୋଗ୍ୟ, ଠିକ୍ ବର୍ଷକ ତଳେ ଅର୍ଥାତ୍ ୨୭ ନଭେମ୍ବର ୨୦୨୪ରେ ସେହି ସମାନ ଟୁର୍ଣ୍ଣାମେଣ୍ଟରେ ଉର୍ଭିଲ ତ୍ରିପୁରା ବିପକ୍ଷରେ ୨୮ ବଲରେ ଶତକ ମାରିଥିଲେ। ସୟଦ ମୁସ୍ତାକ ଅଲି ଟି-୨୦ରେ ଦ୍ରୁତତମ ଶତକୀୟ ପାଳି ଖେଳିବାରେ ଅଭିଷେକ ଶର୍ମା (୨୮ ବଲ)ଙ୍କ ସହ ସେ ଯୁଗ୍ମ ଭାବେ ଶୀର୍ଷରେ ରହିଛନ୍ତି।

■ ସୁଲତାନ ଆଜ୍‌ଲାନ ଶାହ କପ୍ ହକି

## ସଞ୍ଜୟଙ୍କ ଗୋଲ୍ ଭାରତକୁ ଜିତାଇଲା

ଇପୋ, ୨୬ ।୧୧ (ଏଜେନ୍ସି): ମାଲେସିଆରେ ଚାଲିଥିବା ସୁଲତାନ ଆଜଲାନ ଶାହ କପ୍ ହକିରେ ଭାରତ ଦ୍ୱିତୀୟ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ୪-୩ ଗୋଲରେ ଆୟୋଜକ ମାଲେସିଆକୁ ପରାସ୍ତ କରିଛି। ଭାରତ ପକ୍ଷରୁ କାର୍ତ୍ତି ସେଲଭମ୍, ସୁଖଜିତ୍ ସିଂହ, ଓଡ଼ିଆ ତାରକା ଅମିତ ରୋହିଦାସ ଓ ଅଧିନାୟକ ସଞ୍ଜୟ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ତୃତୀୟ କ୍ୱାଟର ସୁଦ୍ଧା ମ୍ୟାଚ୍ ୩-୩ ଗୋଲରେ ବରାବର୍ ଥିଲା। କିନ୍ତୁ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟର ତଥା ମ୍ୟାଚ୍ ଶେଷ ହେବାକୁ ୭ ମିନିଟ୍ ବାକିଥିବାବେଳେ ଅଧିନାୟକ ସଞ୍ଜୟ ଭାରତ ପାଇଁ ବିଜୟସୂଚକ ଗୋଲ୍‌ଟି ଦେଇଥିଲେ। ପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ୧-୦ ଗୋଲ୍‌ରେ ଦକ୍ଷିଣ କୋରିଆକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ଦ୍ୱିତୀୟ ମୁକାବିଲାରେ ୨-୩ ଗୋଲରେ ବେଲ୍‌ଜିୟମଠୁ ହାରିଯାଇଥିଲା।

### ଆରମ୍ଭ ହେଲା ସୟଦ ମୁସ୍ତାକ ଅଲି ଟି-୨୦

## ରୋହନଙ୍କ ମାଡ଼ରେ ଓଡ଼ିଶା ଧରାଶାୟୀ

ଭୁବନେଶ୍ୱର, ୨୬ ।୧୧ (ସମିସ)



ସଞ୍ଜୁ ଓ ରୋହନ

ସୟଦ ମୁସ୍ତାକ ଅଲି ଟ୍ରଫିର ପ୍ରଥମ ମ୍ୟାଚରେ ଝୁଣ୍ଟିଛି ଓଡ଼ିଶା। ବୁଧବାର ଲକ୍ଷ୍ନୌ ଏକନା ଷ୍ଟାଡିୟମରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ’ର ଏକ ମ୍ୟାଚରେ ସଞ୍ଜୁ ସାମସନଙ୍କ କେରଳ ଦଳ ୧୦ ୱିକେଟ୍‌ର ବଡ଼ ବ୍ୟବଧାନରେ ଓଡ଼ିଶାକୁ ହରାଇଛି। ଓପନର୍ ରୋହନ କୁନ୍ନୁମାଲ୍‌ଙ୍କ ବିସ୍ଫୋରକ ଶତକ ଓ ସାମସନଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ କେରଳ କୌଣସି ୱିକେଟ୍ ନ ହରାଇ ୧୭୭ ରନର ବିଶାଳ ଲକ୍ଷ୍ୟକୁ ୨୧ଟି ବଲ୍ ବଳକା ଥାଇ ହାସଲ ଥିଲା। ରୋହନ ୬୦ ବଲରେ ୧୨୧ ରନ କରିଥିଲେ। ଏହି ପାଳିରେ ସେ ୧୦ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ସେହିଭଳି ଅପରପାଶ୍ୱର୍ରେ ଅଧିନାୟକ ସାମସନ ଟିକେ ଧୀମା ବ୍ୟାଟିଂ କରିଥିଲେ। ୬ଟି ଚୌକା ଓ ଗୋଟିଏ ଛକା ବଳରେ ସାମସନ ୪୧ ବଲରେ ୫୧ ରନ କରି ଅପରାଜିତ ରହିଥିଲେ। ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ଦଳର ୭ଜଣ ବୋଲରଙ୍କୁ ଲଗାଇଥିଲେ ମଧ୍ୟ ଓପନିଂ ଯୋଡ଼ି ଭାଙ୍ଗିବାରେ ଅସମର୍ଥ ହୋଇଥିଲେ। ପଦାର୍ପଣକାରୀ ସ୍ପିନର ବାଦଲ ବିଶ୍ୱାଳ ୪ ଓଭରରେ ୪୪, ଭଗୀଶ ଶର୍ମା ୨ ଓଭରରେ ୧୭ ଓ ୩ ବର୍ଷ ପରେ ଦଳକୁ ଫେରିଥିବା ପପୁ ରାୟ ୨୧ଟି ବଲ୍ ବୋଲିଂ କରି ୪୨ ରନ ବ୍ୟୟ କରି ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଅଧିନାୟକ ବିପ୍ଳବଙ୍କ ଅର୍ଦ୍ଧଶତକ ବଳରେ ୭ ୱିକେଟ୍‌ରେ ୧୭୬ ରନର ସମ୍ମାନଜନକ ସ୍କୋର କରିଥିଲା। ବିପ୍ଳବ ୪୧ ବଲରେ ସର୍ବାଧିକ ୫୩ (୫ ଚୌକା ଓ ୧ ଛକା) ରନର ପାଳି ଖେଳିଥିଲେ। ସେହିଭଳି ସମ୍ବିତ ବରାଳ ୪୦, ଗୌରବ ଚୌଧୁରୀ ୨୯, ସ୍ୱସ୍ତିକ ସାମଲ ୨୦, ଶୁଭ୍ରାଂଶୁ ସେନାପତି ୧୫ ରନ କରିଥିଲେ। କେରଳର ଏମଡି ନିଦ୍ଧେଶଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା।

### ପଦାର୍ପଣ କଲେ ସଞ୍ଜୁଙ୍କ ଭାଇ ସାଲି

ଏହି ମ୍ୟାଚରେ ତାରକା କ୍ରିକେଟର ସଞ୍ଜୁଙ୍କ ଭାଇ ସାଲି ସାମସନ ଟି-୨୦ ପଦାର୍ପଣ କରିଥିଲେ। ଡାହାଣହାତୀ ଦ୍ରୁତ ବୋଲର ସାଲି ଏହି ମ୍ୟାଚରେ ୩ ଓଭରରେ ୩୩ ରନ ବ୍ୟୟ କରିଥିଲେ ମଧ୍ୟ ୱିକେଟ୍ ପାଇ ନ ଥିଲେ। ପୂର୍ବରୁ ସେ କେରଳ ପାଇଁ ୬ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଅପରପକ୍ଷରେ ଓଡ଼ିଶାର ବାଦଲ ବିଶ୍ୱାଳ, ଭଗୀଶ ଶର୍ମା ଓ ୱିକେଟ୍‌କିପର ସୌମ୍ୟ ଗୌଡ଼ ଏଠାରେ ଟି-୨୦ ପଦାର୍ପଣ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS